


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୩ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 13 AUGUST 2020

Vol.No. 30 ■ No. 204■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj




2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman


## କରୋନାରେ ଦେଶରେ ଗତ ୨୪ ଘଂଟାରେ ୬୦,୯୬୩ ନୂଆ ମାମଲା, ୮୩୪ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୧୨।୮ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୬୦,୯୬୩ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୮୩୪ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ସଂଖ୍ୟା ୨୩,୨୯,୬୩୯ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତ୍ତମାନ ୬୪୩୯୪୮ ସକ୍ରିୟ ରୋଗୀ ଅଛନ୍ତି । ଦେଶରେ ମୋଟ ୧୬୩୯୬୦୦ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୪୬୦୯୧ ଜଣ ମୃତ୍ୟୁ ବରଣ କରିଛନ୍ତି ।

# ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଲା : ପାସ ହାର ୭୦.୨୧%

## ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ୮୪.୭୬ ଓ କେନ୍ଦୁଝରରେ ସର୍ବନିମ୍ନ ୫୩.୭୯ ପ୍ରତିଶତ

ଭୁବନେଶ୍ୱର,୧୨।୮ (ନି.ପ୍ର): ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା(ସିଏଚଏସଇ) ପକ୍ଷରୁ ଆୟୋଜିତ ହୋଇଥିବା ୨୦୨୦ର ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାଫଳ ବୁଧବାର ଦିନ ପ୍ରକାଶ ପାଇଛି । ଚଳିତ ବର୍ଷ ଏହି ପରୀକ୍ଷାରେ ପାସ ହାର ୭୦.୨୧ ପ୍ରତିଶତ ରହିଛି । ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଏହି ପରୀକ୍ଷା ଫଳ ସମ୍ପର୍କରେ ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ ମୋଟ ୯୭୩୭୭ ଜଣ ପିଲା ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୬୮୩୭୪ ଜଣ ବା ୭୦.୨୧ ପ୍ରତିଶତ ପିଲା ପାସ କରିଛନ୍ତି । ଗତ ବର୍ଷ ଏହି ପାସ ହାର ୭୨ ପ୍ରତିଶତ ଥିଲା । ଚଳିତ



ବର୍ଷ ପ୍ରଥମ ଶ୍ରେଣୀରେ ୨୬ ପ୍ରତିଶତ ଅଥବା ୨୫,୩୩୯ ଜଣ ପିଲା ପାସ କରିଛନ୍ତି । ୨୦୧୯ରେ ୨୦୮୦୬ ଜଣ ପିଲା ପ୍ରଥମ ଶ୍ରେଣୀରେ ପାସ କରିଥିଲେ । ୧୩୭ ଜଣ ପିଲା ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି । ସେହିପରି ୨ୟ ଶ୍ରେଣୀରେ ୨୪୧୨୧ ଜଣ ପିଲା ପାସ କରିଛନ୍ତି ଯାହାକି ଗତ ବର୍ଷ ୨୩୯୦୪ ଥିଲା । ୩ୟ ଶ୍ରେଣୀରେ ୧୮,୨୬୮ ଜଣ ବା ୧୯ ପ୍ରତିଶତ ପିଲା ପାସ କରିଛନ୍ତି । ପାସ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୮୩୦୧ ଜଣ ଛାତ୍ର ଥିବାବେଳେ ୩୦୦୭୩ ଜଣ ଛାତ୍ରୀ ରହିଛନ୍ତି । ରାଜ୍ୟର ନୟାଗଡ଼ ଜିଲ୍ଲାରେ ସର୍ବାଧିକ ୮୬.୫୧ ପ୍ରତିଶତ ପିଲା ପାସ କରିଥିବାବେଳେ ଝାରସୁଗୁଡ଼ା ଜିଲ୍ଲାରେ ସର୍ବନିମ୍ନ ୪୦.୭୧ ପ୍ରତିଶତ ପିଲା ପାସ କରିଥିବା ଜଣା ପଡିଛି । ଉଲ୍ଲେଖନୀୟ ଯେ ଅଗଷ୍ଟ ୩ୟ ସପ୍ତାହରେ ବାଣିଜ ଓ ୪ର୍ଥ ସପ୍ତାହରେ କଳା ପରୀକ୍ଷାଫଳ ପ୍ରକାଶ ପାଇବାର ସମ୍ଭାବନା ରହିଛି । ଏବର୍ଷ କରୋନା କଟକଣା ଓ ଲକଡାଉନ ଯୋଗୁଁ ଖାତାଦେଖା ବିଳମ୍ବିତ ହୋଇଥିଲା । ଏହା ଫଳରେ ପରୀକ୍ଷାଫଳ ପ୍ରକାଶରେ ବିଳମ୍ବ ହୋଇଛି ।

## ଗୋଟିଏ ଦିନରେ ୧୮୭୬ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ ମାମଲା ୫୦୬୭୨କୁ ବୃଦ୍ଧି

ଭୁବନେଶ୍ୱର,୧୨।୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୮୭୬ ଜଣ ନୂଆ କରୋନା ୫୦୬୭୨ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୧୮୭୬ ଜଣଙ୍କ ମଧ୍ୟରୁ ୧୧୮୨ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୬୯୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୨୯୭ ନୂଆ ମାମଲା ସାମନାକୁ ଆସିଛି । ସେହିପରି ଗଂଜାମ ଜିଲ୍ଲାରେ ୨୬୦ଟି ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୧୫ , ବାଲେଶ୍ୱର ଜିଲ୍ଲାରେ ୮୧ ଜଣ, ବରଗଡ ଜିଲ୍ଲାରେ ୧୫, ଭଦ୍ରକ ଜିଲ୍ଲାରେ ୫୦, ବଲାଙ୍ଗିର ଜିଲ୍ଲାରେ ୩୧ .ବୌଦ୍ଧ ଜିଲ୍ଲାରେ ୧୦,କଟକ ଜିଲ୍ଲାରେ ୧୦୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୨, ଢେଙ୍କାନାଳ ଜିଲ୍ଲାରେ ୩୬, ଗଜପତି ▶▶ପୃଷ୍ଠା ୭

## ରାଜ୍ୟ କ୍ୟାବିନେଟ ବୈଠକରେ ୨୦ଟି ପ୍ରସ୍ତାବକୁ ମଂଜୁରୀ




ଭୁବନେଶ୍ୱର,୧୨।୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟର ବୈଠକରେ ୨୦ଟି ପ୍ରସ୍ତାବକୁ ମଂଜୁରୀ ଦିଆ ଯାଇଛି । ଏଥିରେ ବିଭିନ୍ନ ଆକ୍ଟରେ ସଂଶୋଧନ, ପାନୀୟ ଜଳ ପ୍ରକଳ୍ପ ସମ୍ପର୍କିତ କିଛି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତି ହୋଇଛି । କ୍ୟାବିନେଟ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ସୂଚନା ଦେଇ କହିଛନ୍ତି ଯେ ରାଜ୍ୟ କ୍ୟାବିନେଟରେ ଶିଳ୍ପ ନୀତି ଓ ଫ୍ୟାକ୍ଟ୍ରି ଆକ୍ଟରେ ସଂଶୋଧନ ସମ୍ପର୍କିତ ପ୍ରସ୍ତାବ ଗୁଡିକୁ ମଂଜୁରୀ ପ୍ରଦାନ କରା ଯାଇଛି । କ୍ୟାବିନେଟରେ ଓଭରଟାଇମ ସମ୍ପର୍କିତ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରା ଯାଇଛି । ପୂର୍ବରୁ ୨୪୦ ଦିନ କାମ କଲା ପରେ ଛୁଟି ନେଇପାରୁଥିଲେ । ଏହା ୧୮୦ ଦିନକୁ ହ୍ରାସ କରାଯାଇଛି । ମହିଳା ମାନଙ୍କୁ ରାତି ଡ୍ୟୁଟି ପାଇଁ ସର୍ତ୍ତମୂଳକ ଅନୁମତି ମିଳି ପାରିବ ବୋଲି କ୍ୟାବିନେଟରେ ନିଷ୍ପତି ଗ୍ରହଣ କରା ଯାଇଛି । କ୍ୟାବିନେଟ୍ ବୈଠକରେ ରାଜ୍ୟର ୮ଟି ବ୍ଲକରେ ୮୨୭ କୋଟି ଟଙ୍କାର ପାନୀୟ ଜଳ ପ୍ରକଳ୍ପକୁ ମଂଜରୀ ମିଳିଛି । ମାଲକାନଗିରି ଜିଲ୍ଲା କାଲିମେଳା, ବୈପାରୀଗୁଡ଼ା, ମୟୂରଭଂଜ ଜିଲ୍ଲା ସାରସକଣା, ଗୋପବନ୍ଧୁନଗର, ବାଲେଶ୍ୱର ଜିଲ୍ଲା ଭୋଗରାଇ, ରାୟଗଡ଼ା ଜିଲ୍ଲା କାଶୀନଗର, ଗୁମ୍ମା ଓ କଟକ ଜିଲ୍ଲା ମାହାଙ୍ଗା ବ୍ଲକରେ ବୃହତ୍ତ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହେବ । ଏହି ପ୍ରକଳ୍ପଗୁଡ଼ିକରେ ▶▶ପୃଷ୍ଠା ୭

# ପଇସା ଅଭାବରୁ କେହି ଜଣେ ବି ଚିକିତ୍ସା ସୁବିଧାରୁ ବଂଚିତ ହେବେ ନାହିଁ : ମୁଖ୍ୟମନ୍ତ୍ରୀ

## ଟେଷ୍ଟିଂ ପାଇଁ ସ୍ୱେଚ୍ଛାକୃତଭାବେ ଆଗେଇ ଆସିବାକୁ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର ,୧୨।୮ (ନି.ପ୍ର): ପଇସା ଅଭାବରୁ କେହି ଜଣେ ବି କୋଭିଡ୍ ରୋଗୀ ଚିକିତ୍ସା ସୁବିଧାରୁ ବଂଚିତ ହେବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ? ଆଜି ଭିଡିଓ କନଫରେନ୍ସି ଜରିଆରେ କୋଭିଡ୍ ପରିଚାଳନା ସମ୍ପର୍କରେ ସମୀକ୍ଷା କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କୋଭିଡ୍ ଚିକିତ୍ସା ପାଇଁ ରାଜ୍ୟ ସରକାର ରୋଗୀ ମାନଙ୍କୁ ଖାଇବା, ରହିବା, ଔଷଧ ଖର୍ଚ୍ଚ, ପରିବହନ ଆଦି ସବୁ ସୁବିଧା ମାଗଣାରେ ଯୋଗାଇ ଦେଉଛନ୍ତି । ଏ କ୍ଷେତ୍ରରେ ଓଡିଶା ହେଉଛି ଦେଶର ଏକମାତ୍ର ରାଜ୍ୟ ଯେଉଁଠାରେ କି ଧନୀ, ଗରିବ ସମସ୍ତଙ୍କୁ ମାଗଣା ଚିକିତ୍ସା ଦିଆଯାଉଛି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ପାଇଁ ପ୍ରତିଟି ଜୀବନ




ମୂଲ୍ୟବାନ । ଅଧିକରୁ ଅଧିକ ଲୋକଙ୍କ ଜୀବନ ଯେପରି ବଞ୍ଚାଯାଇପାରିବ ସେ ଦିଗରେ ଆମେ ନିଷ୍ଠାର ସହିତ କାର୍ଯ୍ୟ କରୁଛୁ । କରୋନାକୁ ପ୍ରତିହତ କରିବା ପାଇଁ ଟେଷ୍ଟିଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ତେଣୁ ଲକ୍ଷଣ ପ୍ରକାଶ ମାତ୍ରକେ ତୁରନ୍ତ ସ୍ୱେଚ୍ଛାକୃତ ଭାବରେ ଟେଷ୍ଟିଂ ପାଇଁ ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଛନ୍ତି । ଏହାଦ୍ୱାରା ସଂକ୍ରମଣ ନିୟନ୍ତ୍ରଣ ହେବା ସହିତ ଆରୋଗ୍ୟ ହାର ମଧ ଆହୁରି ଭଲ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଗତକାଲି ରାଜ୍ୟରେ ଗୋଟିଏ ଦିନରେ ୩୨ ହଜାର ଟେଷ୍ଟିଂ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ । ଲୋକମାନେ ଯେପରି ସୁବିଧାରେ ଟେଷ୍ଟିଂ କରିପାରିବେ ସେଥିପାଇଁ ସବ୍-ଡିଭିଜନ ସ୍ତରରେ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରରେ ଟେଷ୍ଟିଂ ସୁବିଧା ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଲୋକମାନେ ଯେପରି ସ୍ୱେଚ୍ଛାରେ ଟେଷ୍ଟିଂ ପାଇଁ ଆଗେଇ ଆସିବେ ସେଥିପାଇଁ ବି.ଡି.ଓ. ଓ ପଂଚାୟତ ପ୍ରତିନିଧିମାନେ ସଚେତନତା ଅଭିଯାନ ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ▶▶ପୃଷ୍ଠା ୭

## ଜୟନ୍ତୀରେ ବିକ୍ରମ ସାରାଭାଇଙ୍କୁ ମନେ ପକାଇଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ,୧୨।୮ (ନି.ପ୍ର): ପ୍ରସିଦ୍ଧ ବୈଜ୍ଞାନିକ ଡ. ବିକ୍ରମ ସାରାଭାଇଙ୍କୁ ଜୟନ୍ତୀରେ ମନେ ପକାଇଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ କରି କହିଛନ୍ତି ଯେ ଭାରତର ଗୌରବଗାଥାକୁ ମହାକାଶର ଉଚ୍ଚତାକୁ ନେଇଥିବା ତଥା ଭାରତର ମହାକାଶ କାର୍ଯ୍ୟକ୍ରମର ଜନକ ତଥା ମହାନ ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୯ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୩୦୫ ହେଲା

ଭୁବନେଶ୍ୱର,୧୨।୮ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୯ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୩୦୫ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଗଂଜାମ ଜିଲ୍ଲାରେ ଚାରି ଜଣ ରହିଥିବା ବେଳେ ରାୟଗଡା ଜିଲ୍ଲାର ଦୁଇ ଜଣ ରହିଛନ୍ତି । ସେହିପରି ଖୋର୍ଦ୍ଧା, ଅନୁଗୁଳ ଓ ବାଲେଶ୍ୱରର ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସେହିପରି ଅନୁଗୁଳ



ଜିଲ୍ଲାର ଜଣେ ୪୪ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ବାଲେଶ୍ୱର ଜିଲ୍ଲାର ଜଣେ ଜଣେ ୩୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଗଂଜାମ ଜିଲ୍ଲାର ଅନ୍ୟ ଜଣେ ୪୮ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ମେଦବହୁଳତା ରୋଗରେ ପୀଡିତ ଥିଲେ । ସେହିପରି ଗଂଜାମ ଜିଲ୍ଲାର ଜଣେ ୫୭ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ, ମଧୁମେହ ଓ କ୍ରନିକ କିଡନୀ ରୋଗରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୭୪ ବର୍ଷ ବୟସ୍କା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେହିପରି ଖୋର୍ଦ୍ଧା ଜିଲ୍ଲାର ଜଣେ ୫୮ ବର୍ଷୀୟା ପୁରୁଷ କରୋନା ଆକ୍ରାନ୍ତଙ୍କ ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେ ମଧୁମେହରେ ପୀଡିତ ଥିଲେ । ସେହିପରି ଭାବେ ରାୟଗଡା ଜିଲ୍ଲାର ଜଣେ ୬୫ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେହିପରି ଏହି ଜିଲ୍ଲାର ଅନ୍ୟ ଜଣେ ୬୫ ବର୍ଷ ବୟସ୍କ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଅନ୍ୟ ଜଣେ ୪୮ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ▶▶ପୃଷ୍ଠା ୭

## ଫ୍ୟାକ୍ଟ୍ରି ଆଣ୍ଡ ବଏଲର ନିର୍ଦ୍ଦେଶକ ସବୁ ଫ୍ୟାକ୍ଟ୍ରିକୁ ଚିଠି ଲେଖି ମାଗିଲେ ରିପୋର୍ଟ



ଭୁବନେଶ୍ୱର ୧୨ ଅଗଷ୍ଟ - ଫ୍ୟାକ୍ଟ୍ରିରେ ନିରାପତା ଓ ସୁରକ୍ଷା ପାଇଁ ପଦକ୍ଷେପ ନେବା ସହ କଣ ପ୍ରସ୍ତୁତି ରହିଛି ତାହାର ରିପୋର୍ଟ ପ୍ରଦାନ କରିବାକୁ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ନିର୍ଦ୍ଦେଶକ ସବୁ ଫ୍ୟାକ୍ଟ୍ରିକୁ ଚିଠି ଲେଖିଛନ୍ତି । ଲେବାନନ ବିସ୍ଫୋରଣ ଘଟଣା ପରେ ତତ୍ପରତା ପ୍ରକାଶ କରି ରାଜ୍ୟ ସରକାରଙ୍କ ▶▶ପୃଷ୍ଠା ୭

## ଓଡ଼ିଶାରେ ଦିନକୁ ଲକ୍ଷେ ଟେଷ୍ଟ କରାଯିବାକୁ ଯୋଜନା : ଡ. ଅଜୟ ପରିଡା

ଭୁବନେଶ୍ୱର,୧୨।୮ (ନି.ପ୍ର): ଓଡିଶାରେ ଦୈନିକ କରୋନା ଟେଷ୍ଟିଂ ସଂଖ୍ୟା ବଢିବାକୁ ଯାଉଛି । ସରକାର ପ୍ରତିଦିନ ୧ ଲକ୍ଷ ଟେଷ୍ଟ କରିବାକୁ ନିଷ୍ପତି ନେଇଛନ୍ତି । ଆଗାମୀ ଅଗଷ୍ଟ ୨୦ ସୁଦ୍ଧା ଦିନକୁ ୫୦ ହଜାର ଟେଷ୍ଟ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ପରବର୍ତୀ ସମୟରେ ଏହାକୁ ୧ ଲକ୍ଷ କରାଯିବ ବୋଲି ଜୀବ ବିଜ୍ଞାନ ପ୍ରତିଷ୍ଠାନ ବା ଆଇଏଲଏସର ନିର୍ଦ୍ଦେଶକ ଡ.ଅଜୟ ପରିଡ଼ା ସୂଚନା ଦେଇଛନ୍ତି । ଡ ପରିଡା କହିଛନ୍ତି ଯେ ଆଗାମୀ ଦିନରେ ରାଜ୍ୟରେ ଦୈନିକ ଏକ ଲକ୍ଷ ଟେଷ୍ଟ କରିବାକୁ ଲକ୍ଷ୍ୟ ରଖାଯାଇଛି । ଓଡ଼ିଶାରେ କରୋନା ସଂକ୍ରମଣ ଶିଖର ଆଡ଼କୁ ଗତି କରୁଛି ତେଣୁ ଟେଷ୍ଟି ଓ ଟ୍ରେସିଂ ଉପରେ ଗୁରୁତ୍ୱ ଦିଆଯିବ । ଡ. ପରିଡ଼ା କହିଛନ୍ତି, ରାଜ୍ୟରେ ଟେଷ୍ଟିଂ ଓ ଟ୍ରେସିଂକୁ ଗୁରୁତ୍ୱ ଦିଆଯାଉଛି । ଦୈନିକ ଏକ ଲକ୍ଷ ଟେଷ୍ଟିଂ କଲେ । ଶୀଘ୍ର ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇ ଆଇସୋଲେଟ କରାଯାଇପାରିବ । ସେ କହିଛନ୍ତି ଯେ ବର୍ତ୍ତମାନ ରାପିଡ ଆଂଟିଜେନ୍ ଟେଷ୍ଟକୁ ଗୁରୁତ୍ୱ ଦିଆଯାଉଛି । ଏବେ ଅଧିକାଂଶ କମ୍ପାନୀ କିଟ୍ ପ୍ରସ୍ତୁତ କରୁଥିବାରୁ କିଟର ଅଭାବ ରହିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି ।

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୧୨।୮ (ନି.ପ୍ର): ଆଜି ଗଂଜାମ ଜିଲ୍ଲାରେ ୨୬୦ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୩୫୭୫ ରେ ପହଂଚିଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୪୫୮, ବାଲେଶ୍ୱର ଜିଲ୍ଲାରେ ୧୫୬୯, ବରଗଡ ଜିଲ୍ଲାରେ ୭୧୫, ଭଦ୍ରକ ଜିଲ୍ଲାରେ ୧୧୧୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୭୫୪ . ବୌ ଦ୍ଧ ଜିଲ୍ଲାରେ ୨୩୦, କଟକ ଜିଲ୍ଲାରେ ୩୩୮୭, ଦେବଗଡ ଜିଲ୍ଲାରେ ୧୦୩, ଢେଙ୍କାନାଳ ଜିଲ୍ଲାରେ ୭୧୭. ଗଜପତି ଜିଲ୍ଲାରେ ୨୧୧୧, ଜଗତସିଂହପୁର ଜିଲ୍ଲାରେ ୯୩୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୧୭୦୨, ଝାରସୁଗୁଡା ଜିଲ୍ଲାରେ ୪୭୩, କଳାହାଣ୍ଡି ଜିଲ୍ଲାରେ ୫୮୪, କନ୍ଧମାଳ ୯୬୨, କେନ୍ଦ୍ରାପଡା ଜିଲ୍ଲାରେ ୭୫୩, କେନ୍ଦୁଝର ଜିଲ୍ଲାରେ ୧୦୮୭, ଖୋର୍ଦ୍ଧା ଜିଲ୍ଲାରେ ୭୧୭୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୧୩୯୩ , ମାଲକାନଗିରି ଜିଲ୍ଲାରେ ୯୬୭, ମୟୁରଭଂଜ ଜିଲ୍ଲାରେ ୯୯୭. ନବରଙ୍ଗପୁର ଜିଲ୍ଲାରେ ୪୧୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

# ସଟଡାଉନ୍ ଦିନ ରାଉରକେଲାରେ ଦୁଇ ବିଧାୟକଙ୍କ ଉପସ୍ଥିତରେ ହେଲା ଦଳୀୟ ମିଶ୍ରଣ ପର୍ବ

ରାଉରକେଲା,୧୨।୮ (ନି.ପ୍ର): କୋଭିଡ୍ ଆଇନ ମାନିବା ଉଚିତ୍ । ଏଥିଲାଗି ଓଡିଶା ସରକାର ବାରମ୍ବାର ସଚେତନ କରାଉଛନ୍ତି , ତାଭିତରେ କେତେକ ଅଧିକାରୀ ସାଧାରଣ ଜନତା ଓ ମିଡିଆକୁ ନାଲିଆଖି ଦେଖାଉଥିବାର ଅଭିଯୋଗ ମଧ ବିଭିନ୍ନ ସମୟରେ ଆସୁଛି କିନ୍ତୁ ଯଦି ସଟଡାଉନ ଦିନ ରାଉରକେଲା ସହରରେ ରେଡ୍ ଯୋନରୁ ଜଣେ ବିଧାୟକ ରାଉରକେଲା ଆସି ରାଉରକେଲା ବିଧାୟକଙ୍କ ସହ ମିଶି ସରକାରୀ ଡାକବଙ୍ଗଳାରେ ସାମାଜିକ ଦୂରତାକୁ ଫୁ କରି ଦଳୀୟ ମିଶ୍ରଣ କରିବେ ତେବେ ତାଙ୍କୁ କହିବ କିଏ ବୋଲି ପ୍ରଶ୍ନ ହୋଇଛି । ଏନେଇ ରାଉରକେଲା ବିଜେପି ଦୃଢ଼ ପ୍ରତିବାଦ କରିବା ସହ ଏହାକୁ ନେଇ ନାନା ପ୍ରଶ୍ନ ଉଠାଇଛି । ଘଟଣା ଚଳିତ ମାସ ୯ ତାରିଖର, ସେଦିନ ରବିବାର ଥିଲା । ତା ପୂର୍ବ ଦିନ ଯାଜପୁରରୁ ବିଧାୟକ ପ୍ରିତି ରଂଜନ ଘଡେଇ ରାଉରକେଲାର ଏକ ସରକାରୀ ଡାକ ବଙ୍ଗଳାରେ ପହଁଚିଥିଲେ । ତା ପରଦିନ ବୀରମିତ୍ରପୁର, କୁଆଁରମୁଣ୍ଡା ପ୍ରଭୃତି ଅଂଚଳରୁ ପାଖା ପାଖି ୧୦୦ରୁ ଉର୍ଦ୍ଧ୍ୱ ଲୋକ ସେଠାରେ ପହଁଚି ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ ବୋଲି ଅଭିଯୋଗ ହୋଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ରାଉରକେଲା ଏଡିଏମ ଏଠାରେ ଘୋଷଣା କରିଛନ୍ତି ଓଡିଶାର ରେଡ ଯୋନ ଇଲାକାରୁ ରାଉରକେଲାକୁ କେହି ଆସିପାରିବେନି, ଯଦି କେହି ଆସିଲେ ତେବେ ସମ୍ପୃକ୍ତ ବ୍ୟକ୍ତି ୧୪ ଦିନ କ୍ୱାରେଂଟାଇନରେ ଯିବେ । କିନ୍ତୁ ସେ ନିୟମ କେବଳ ନାମକୁ ମାତ୍ର ବୋଲି କୁହାଯାଉଥିବା ବେଳେ ୯ ତାରିଖ ଘଟଣା ତାର ଜ୍ୱଳନ୍ତ ଉଦାହରଣ ବୋଲି ଅଭିଯୋଗ ହୋଇଛି । ଏହା ଭିତରେ ରାଉରକେଲାରେ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରତିଦିନ ବଢୁଛି । ଏଡିଏମ ଅଫିସରେ ଜଣେ ଆକ୍ରାନ୍ତ ହେବା ପରେ ୨ ଦିନ ଲାଗି ଅଫିସ ବନ୍ଦ ରଖାଗଲା । ସେହିଭଳି ଜେଲ୍ ରେ ଆଜି ୪୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାପଡିଛି । ହେଲେ ଏଭଳି ସ୍ଥିତିରେ ଯାଜପୁରରୁ ବିଧାୟକ ଘଡେଇ ବାବୁ ଏଠାକୁ ଆସି ୨ ଦିନ ରହି ଚାଲିଗଲେ, କିନ୍ତୁ ତାଙ୍କ ଉପରେ ସେହିନିୟମ କିଭଳି ଲାଗୁ ହେଲାନାହିଁ ବୋଲି ପ୍ରଶ୍ନ ହୋଇଛି । ସାଧାରଣ ଜନତାଙ୍କ ଲାଗି ନିୟମ ଗୋଟେ ବିଧାୟକଙ୍କ ଲାଗି ନିୟମ ଅଲଗା କି ବୋଲି ମଧ ପ୍ରଶ୍ନ ହୋଇଛି । ଅନୁରୂପ ଭାବେ ସାମାଜିକ ଦୂରତା ନିୟମ ଭାଙ୍ଗିବା ଅଭିଯୋଗରେ ଯଦି ସିନିୟର ସିଟିଜେନ ମାନଙ୍କ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇପାରୁଛି ତେବେ ୨ ବିଧାୟକ ଏତେ ଲୋକଙ୍କୁ ନେଇ ସରକାରୀ ଡାକବଙ୍ଗଳାରେ ସଟଡାଉନ ଘୋଷଣା ଦିନ କିଭଳି ଦଳୀୟ କାମ କଲେ ଓ ସେଠାରେ ସାମାଜିକ ଦୂରତା ରହିଲା ନାହିଁ ସେ ନେଇ ଜିଲ୍ଲା ପ୍ରଶାସନ କି ପଦକ୍ଷେପ ନେଲେ ବୋଲି ଏବେ ଜିଲ୍ଲାରେ ଚର୍ଚ୍ଚା ଜୋର୍ ଧରିଛି । ବର୍ତମାନ ବିଜେଡି ବିଧାୟକ ମାନେ ବିଭିନ୍ନ ସରକାରୀ ଡାକ ବଙ୍ଗଳାକୁ ଦଳୀୟ ପାର୍ଟୀ ଅଫିସ ଭାବେ ବ୍ୟବହାର କରୁଥିବା ନେଇ ବିଜେପି ପକ୍ଷରୁ ଅଭିଯୋଗ ହେବା ସହ କୋଭିଡ୍ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ ପରେ ବି ସରକାରୀ ବାବୁ ବାବୁଆଣୀ ମାନେ କାହିଁକି ଏଯାଏ ନୀରବ ରହିଛନ୍ତି ସେନେଇ କଂଗ୍ରେସର ପୂର୍ବତନ ରାଜ୍ୟ ସଂପାଦକ ରଶ୍ମୀରଂଜନ ପାଢୀ ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ଯଦି ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯାଏ ତେବେ କୌଣସି ସମୟରେ ବି ବିଶୃଙ୍ଖଳା ପରିସ୍ଥିତି ଉପୁଜିପାରେ ବୋଲି ବିଜେପି ନେତା ଭଗବାନ ରାଉତ ଚେତାଇ ଦେଇଛନ୍ତି ।

# ଶ୍ରୀମନ୍ଦିରରେ କରୋନା କଟକଣା ମଧ୍ୟରେ କୃଷ୍ଣ ଜନ୍ମନୀତି ପାଳିତ

ପୁରୀ,୧୨।୮ (ନି.ପ୍ର): କରୋନା କଟକଣା ମଧ୍ୟରେ ଶ୍ରୀମନ୍ଦିରରେ ଆଜି କୃଷ୍ଣଜନ୍ମ ନୀତି ପାଳିତ ହୋଇଯାଇଛି । ଗତକାଲି ଜେଉଟ ନୀତି ପାଳିତ ହୋଇଥିଲା । ଆଜି ସକାଳୁ ଦ୍ୱାରଫିଟା, ମଙ୍ଗଳଆଳତୀ, ମଇଲମ ଓ ଅନ୍ୟାନ୍ୟ ନୀତି ପରେ ସନ୍ଧ୍ୟାଧୂପ ନୀତି ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାଧୂପ ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଜନ୍ମାଷ୍ଟମୀ ନୀତି ପାଳିତ ହୋଇଥିଲା । ଏହା ଗୁପ୍ତ ନୀତି ହୋଇଥିବାରୁ ନିର୍ଦ୍ଦିଷ୍ଟ ସଂଖ୍ୟକ ପାଳିଆ ସେବାୟତ ରହିଥିଲେ । ଶୁଦ୍ଧସୁଆର ସେବକ ଭଣ୍ଡାର ଘର ଆଗରେ ପୋଛା ମାରିଥିଲେ । ପୂଜାପଣ୍ଡା ମହାଜନ ସେବକ ପଚୋଂବର୍ଣ୍ଣ ମୁରୁଜରେ ଜନ୍ମ ଚକଡାରେ ସବତ୍ର ଭଦ୍ର ମଣ୍ଡଳ କାଟିଥିଲେ । ମଦନମୋହନ ଦକ୍ଷିଣ ଘରକୁ ବିଜେ କରିଥିଲେ । ୨ଜଣ ମହାଜନ ସେବାୟତ ବସୁଦେବ ଓ ଦେବକୀ ବେଶ ଧାରଣ କରିଥିଲେ । ସେମାନଙ୍କ ହାତ ଓ ଗୋଡରେ ବେଡି ପଡିଥିଲା । ଭଦ୍ରମଣ୍ଡଳର ଦ୍ୱାରରେ ମୁରୁଜରେ ମୁଷଳଧାରୀ ଦୁଇଜଣ ଯୁବକଙ୍କ ଚିତ୍ର କରାଯାଇଥିଲା । ଜନ୍ମ ମଣ୍ଡପରେ ପୂଜାପଣ୍ଡାମାନେ ପଚୋଂପଚାରରେ ଜନ୍ମନୀତି ମନ୍ତ୍ର ଉଚ୍ଚାରଣ କରିଥିଲେ । ଜନ୍ମମଣ୍ଡଳ ପାଖରେ ଷଷ୍ଠି ଦେବୀ ବିଜେ କରିଥିଲେ । ପ୍ରଭୁ ଜନ୍ମ ହେବା ପରେ ନାଭିକଟା ମଣ୍ଡପରେ ନାଭି କଟା ନୀତି ମନ୍ତ୍ର ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଜଗମୋହନକୁ ରାମକୃଷ୍ଣ ବିଜେ କରିଥିଲେ । ଚଳିତ ବର୍ଷ କରୋନା କଟକଣା ଯୋଗୁଁ ଭକ୍ତମାନେ ଶ୍ରୀକୃଷ୍ଣ ଜନ୍ମ ନୀତି ପରେ ରତ୍ନ ସିଂହାସନରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନରୁ ବଂଚିତ ହୋଇଛନ୍ତି । ଅନେକ ଭକ୍ତ ସିଂହଦ୍ୱାରଠାରେ ପତିତପାବନଙ୍କୁ ମୁଣ୍ଡିଆ ମାରି ଘରକୁ ଯାଇ କୃଷ୍ଣଜନ୍ମ ପାଳିଥିଲେ । ଶ୍ରୀମନ୍ଦିରରେ ଜନ୍ମନୀତି ପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା । ଆସନ୍ତାକାଲି ନନ୍ଦୋତ୍ସବ ଓ ପରେ ପରେ ଶ୍ରୀକୃଷ୍ଣ ଜନ୍ମ ଲୀଳାର ବିଭିନ୍ନ ନୀତିକାନ୍ତି ଅନୁଷ୍ଠିତ ହେବ । କରୋନା କଟକଣା ଯୋଗୁଁ ବିଭିନ୍ନ ସାହିରେ ଅନୁଷ୍ଠିତ ହେଉଥିବା ଜନ୍ମାଷ୍ଟମୀ ନୀତି ପାଳିତ ହୋଇନାହିଁ । ଭକ୍ତମାନେ ମନ୍ଦିରକୁ ଯିବା ପାଇଁ ଉତ୍କଣ୍ଠାର ସହ ଚାହିଁ ରହିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମିଳିଲେ କରୋନା କଟକଣା ଓ ଗାଇଡ ଲାଇନ୍ ଅନୁଯାୟୀ କିପରି ଦର୍ଶନ କରିପାରିବେ ସେ ସମ୍ପର୍କରେ ଉଚ୍ଚସ୍ତରୀୟ ବିଚାର ବିମର୍ଶ ଚାଲିଛି ।

# ବିଭାଘର ପରେ ସେନିଟାଇଜେସନ୍ : କଣ୍ଟେନ୍‌ମେଣ୍ଟ ମିଆଦ ୭ ଦିନ ବୃଦ୍ଧି

ଜଳେଶ୍ୱର, ୧୧/୮ (ନି.ପ୍ର) : ଜଳେଶ୍ୱର ବ୍ଲକର ମାକିଡିଆ ପଂଚାୟତରେ ୧୭ଜଣ କରୋନା ପଜେଟିଭ୍ ଚିହ୍ନଟ ହେବାପରେ ମିକିଡିଆ ଓ କୁଅଁରପୁର ଗାଁକୁ ନେଇ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ହୋଇଥିଲା । କିନ୍ତୁ ସେ ଅଂଚଳର ଅମାନିଆମାନେ ପଶ୍ଚିମବଂଗ ଲିଙ୍କ ରହିଥିବା ଏବଂ ପ୍ରଶାସନୀକ ଉଦାସୀନତା ଯୋଗୁଁ ରବିବାର ରାତିରେ ଏକ ବିଭାଘର ପଶ୍ଚିମବଂଗର ଜନୈକ ଲୋକ ସହିତ ମାକିଡିଆ ଗାଁରେ ଅନୁଷ୍ଠିତ ହୋଇଥିବାର ପ୍ରକାଶ ପରେ ଆଜି ପ୍ରଶାସନ ପକ୍ଷରୁ ସେନିଟାଇଜେସନ୍ କରାଯାଇଛି । ଏହି ଅଂଚଳର ସମସ୍ତ



ମୁଖ୍ୟ ରାସ୍ତା ଏପରିକି ଗାଁ ଭିତରେ ଦମକଳ ଦ୍ୱାରା ସେନିଟାଇଜେସନ୍ କରାଯାଇଥିବାରୁ ସଚେତନ ନାଗରିକ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି । ଅମାନିଆଙ୍କୁ ପାନେ ଦେବାପାଇଁ ଆଜି ଜଳେଶ୍ୱର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କଣ୍ଟେନ୍‌ମେଣ୍ଟ ମିଆଦକୁ ଆଉ ୭ ଦିନ ଅର୍ଥାତ୍ ୧୭ତାରିଖ ଯାଏ ବୃଦ୍ଧି କରିଥିବା ଜଣାଯାଇଛି । କଣ୍ଟେନମେଣ୍ଟ ଜୋନ୍‌ରେ ଅଧିକ ଧରପଗଡ ହେବବୋଲି ସୂଚନା ମିଳିଛି ।

# ମାଣ୍ଡୋସିଲ ପଂଚାୟତକୁ ସଟ୍‌ଡାଉନ ଘୋଷଣା କଲେ ସରପଂଚ

ନୂଆପଡା,୧୨।୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ମାଣ୍ଡୋସିଲ ପଂଚାୟତକୁ ସରପଂଚ ଜିଲ୍ଲାପାଳ କ୍ଷମତା ପ୍ରୟୋଗ କରି ପଂଚାୟତକୁ ସଟ୍‌ଡାଉନ ଘୋଷଣା କରିଛନ୍ତି । ସରପଂଚ ରାଧେଶ୍ୟାମ ରଣା ମାଣ୍ଡୋସିଲ ଗ୍ରାମର ଜଣେ ବ୍ୟକ୍ତିଙ୍କର କରୋନା ପୋଜିଟିଭ ଚିହ୍ନଟ ପରେ ଏହି ନିଷ୍ପତି ନେଇଛନ୍ତି । ତାଙ୍କର ପୋଜିଟିଭ ଚିହ୍ନଟ ପରେ ଜିଲ୍ଲା କୋଭିଡ ଡାକ୍ତରଖାନାରେ ଭର୍ତି କରାଯାଇଅଛି । ଏହାକୁ ଦୃଷ୍ଟିରେ ରଖି ପଂଚାୟତକୁ ସଟ୍‌ଡାଉନ ଘୋଷଣା କରାଯାଇଛି । ଏନେଇ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ପ ।ୟତକୁ ସଟ୍‌ଡାଉନ ଘୋଷଣା କରିଥିବା ବେଳେ ଅତି ଅତ୍ୟାକଶ୍ୟକ ସେବାକୁ ଛାଡି ସବୁ ବନ୍ଦ ରହିବ ବୋଲି ସୂଚନା ଦେଇଛନ୍ତି । ମଙ୍ଗଳବାର ଦିନ ୪ ଘଂଟାରୁ ଗୁରୁବାର ଦିନ ୪ ଘଂଟା ପର୍ଯ୍ୟନ୍ତ ସଟ୍‌ଡାଉନ କରାଯାଇଥିବା ସୂଚନା ମିଳିଛି । ପଂଚାୟତର ଅତି ଅତ୍ୟାବଶ୍ୟକ ଦୋକାନକୁ ଛାଡି ଅନ୍ୟ ସବୁ ଦୋକାନ, ବଜାର ବନ୍ଦ ରହିବାକୁ ନିର୍ଦ୍ଦେଶାନାମା ଜାରୀ କରିଥିବା ବେଳେ ପଂଚାୟତର ଲୋକେ ନିଜ ନିଜ ଘରେ ରହି ସଟ୍‌ଡାଉନ ନିୟମକୁ ପାଳନ କରିବେ ବୋଲି ସୂଚନା ମିଳିଛି । ଏହାସହ ଏହି ପଂଚାୟତକୁ ଏହି ୭୨ ଘ । ମଧ୍ୟରେ ବାହାର ପଂଚାୟତର ଲୋକଙ୍କୁ ଆସିବାକୁ ବାରଣ କରାଯାଇଥିବା ନେଇ ସରପଂଚ ସୂଚନା ଦେଇଛନ୍ତି । ଏଥିରେ ଖିଲାପ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାଇ ଦିଆଯାଇଛି ।

# ମର୍ମନ୍ତୁଦ ସଡକ ଦୁର୍ଘଟଣା : ଟ୍ରକ ପଛପଟକୁ ପିଟିଲା ଟ୍ରକ,ଡାଇଭର ମୃତ, ଖଲାସି ଗୁରୁତର

ଧର୍ମଶାଳା,୧୨।୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଚଣ୍ଡିଖୋଲ-ପରାଦ୍ୱୀପ ୫୩ ନଂ ଜାତୀୟ ରାଜପଥର ଶ୍ରୀରାମପୁର ଟେଲ ପ୍ଲାଜା ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା । ଏଥିରେ ଜଣକର ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ଗୁରୁତର ଆହତଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି । ସୂଚନା ମୁତାବକ ଶ୍ରୀରାମପୁର ଟୋଲ ପ୍ଲାଜା ନିକଟରେ ପୂର୍ବରୁ ଏକ ଟ୍ରକ ଛିଡା ହୋଇଥିଲାବେଳେ ପଛପଟୁ ଆଉ ଏକ ଟ୍ରକ ଧକ୍କା ଦେଇଥିଲା । ଫଳରେ ପିଟିହୋଇଥିବା ଟ୍ରକର ସମ୍ମୁଖ ଭାଗ ଭାଙ୍ଗି ରୁଜି ଯାଇଛି । ଖବର ପାଇ ଘଟଣାସ୍ଥଳରେ ଚଣ୍ଡିଖୋଲ ଅଗ୍ନିଶମ ବିଭାଗର କର୍ମଚାରୀ ପଂହଚି ଦୁର୍ଘଟଣାଗ୍ରସ୍ତ ଟ୍ରକ ଭିତରୁ ଡ୍ରାଇଭର ଓ ଖଲାସିଙ୍କୁ ବାହାର କରିଥିଲେ । ଘଟଣାସ୍ଥଳରେ ଡ୍ରାଇଭରର ମୃତ୍ୟୁ ହୋଇଯାଇଥିବା ବେଳେ ଖଲାସି ଗୁରୁତର ଆହତ ହୋଇଥିବା ଜଣାପଡିଛି । ଗୁରତର ଅବସ୍ଥାରେ ପ୍ରଥମେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ମୃତ ଡ୍ରଇଭର ଜଣକ ହେଲେ ଉତରପ୍ରଦେଶ ଅଛା ଜିଲାର ଓମବରୀ ଯାଦବ ବୋଲି ଜଣାପଡିଥିବା ବେଳେ ଆହତ ଜଣକ କଟରାବାଲି ଅଂଚଳର ପ୍ରେମ କିଶୋର ସିଂ ବୋଲି ଜଣାପଡିଛି । ଧର୍ମଶାଳା ପୁଲିସ ଘଟଣାସ୍ଥଳରେ ପଂହଚି ଶବ ଜବତ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡି ୨ଟିକୁ ଜବତ କରିଛି । ଏନେଇ ଏକ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରହିଥିବା ନେଇ ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି ।

# ଜନ୍ମାଷ୍ଟମୀ, ବ୍ରହ୍ମଲୀନ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଦ୍ୱାଦଶ ଶ୍ରାଦ୍ଧ ବାର୍ଷିକୀ ନିରାଡମ୍ବରରେ ପାଳିତ

କନ୍ଧମାଳ,୧୨।୮ (ନି.ପ୍ର): ଜନ୍ମାଷ୍ଟମୀ ଓ ବ୍ରହ୍ମଲୀନ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୨ ତମ ଶ୍ରାଦ୍ଧ ବାର୍ଷିକୀ ଆଜି ନିରାଡମ୍ବରରେ ପାଳିତ ହୋଇଛି । କରୋନା ସଂକ୍ରମଣକୁ ଆଖିରେ ରଖି ଜିଲା ପ୍ରଶାସନର ନିର୍ଦ୍ଦେଶ ଅନୁସାରେ କନ୍ଧମାଳ ଜିଲାର ଚକାପାଦ ଏବଂ ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ଜଲେସପଟାଠାରେ ଥିବା ବ୍ରହ୍ମଲୀନ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଉଭୟ ଆଶ୍ରମରେ ପାଳିତ ହୋଇଛି ଏହି ଉଭୟ ପର୍ବ । ୨୦୦୮ ମସିହା ଜନ୍ମାଷ୍ଟମୀ ରାତିରେ ପୂଜା ଚାଲିଥିବା ବେଳେ ତୁମୁଡିବନ୍ଧର ଜଲେଶପଟା ଆଶ୍ରମ ମଧରେ ଦୁର୍ବୃତ ମାନେ ପଶି ଗୁଳି କରି ହତ୍ୟା କରିଥିଲେ । ଏଥିରେ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ସମେତ ୫ ଜଣଙ୍କ ପ୍ରାଣହାନୀ ଘଟିଥିଲା । ତେବେ, କରୋନା କଟକଣା ଯୋଗୁଁ ସରକାର ଜନ୍ମାଷ୍ଟମୀ ପୂଜା ଓ ଶ୍ରାଦ୍ଧ ବାର୍ଷିକୀ ପାଳନ ଉପରେ କଟକଣା ଲଗାଇଛନ୍ତି । ଫଳରେ ଜଲେଶପଟା ଠାରେ ଥିବା ସ୍ୱାମୀ ଲକ୍ଷ୍ମଣାନନ୍ଦ ଆଶ୍ରମ ଓ ଚକାପାଦ ଠାରେ ଥିବା ଆଶ୍ରମରେ ଏ ବର୍ଷ ଜନ୍ମାଷ୍ଟମୀ ପୂଜା ଓ ସ୍ୱାମୀଜୀଙ୍କ ଶ୍ରାଦ୍ଧ ବାର୍ଷିକୀ ଆଡମ୍ବରରେ ପାଳନ କରାଯାଇନଥିଲା । କେବଳ ଆଶ୍ରମର କିଛି କର୍ମଚାରୀ ଓ ଭକ୍ତଙ୍କୁ ନେଇ ନିରାଡମ୍ବର ଭାବେ ପାଳନ କରାଯାଇଥିବା ଜଣାପଡିଛି । ଅନ୍ୟବର୍ଷ ଗୁଡିକରେ ବେଶ୍ ଆଡମ୍ବର ସହକାରେ ଜାକଜକମରେ ଅଂଚଳବାସୀ ଓ ସାଧୁସନ୍ଥ ମାନଙ୍କୁ ନେଇ ସ୍ୱାମୀଜୀଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ କରୁଥିଲେ ଜଲେଶପଟା ଓ ଚକାପାଦ ଆଶ୍ରମବାସୀ । କିନ୍ତୁ ଏ ବର୍ଷ କରୋନା ସବୁକିଛି ଫିକା କରିଦେଇଥିଲା । ଯାହାକି ଅନ୍ତେବାସୀଙ୍କ ପାଇଁ ଦୁଃଖ ଆଣିଦେଇଥିଲା । ସେହିପରି ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡର ତଦନ୍ତ କରୁଥିବା ଜଷ୍ଟିସ ନାଇଡୁ କମିଶନ ଗତ ୨୦୧୫ ଡିସେମ୍ବରରେ ୧୦୨୦ ପୃଷ୍ଠା ବିଶିଷ୍ଟ ତଦନ୍ତ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଥିଲେ । ହେଲେ ୫ ବର୍ଷ ବିତିଯାଇଥିଲେ ମଧ କମିଶନଙ୍କ ରିପୋର୍ଟକୁ ସରକାର ସାର୍ବଜନୀନ କରିନଥିବା କଥା ବିଶ୍ୱ ହିନ୍ଦୁ ପରିଷଦ ନେତା ପ୍ରିୟନାଥ ଶର୍ମା, ବିଜେପି ନେତା କମଳାକାନ୍ତ ପାଣ୍ଡେ, ଭଗବାନ ମହାନ୍ତି ପ୍ରମୁଖ ଅଭିଯୋଗ କରିଛନ୍ତି । ତଦନ୍ତ ରିପୋର୍ଟକୁ ସାର୍ବଜନୀନ କଲେ କାଳେ ସରକାରଙ୍କ ଗୁମର ଖୋଲିଯିବ ଆଉ ସରକାର ଅଡୁଆରେ ପଡିଯିବେ ସେଥିପାଇଁ ତଦନ୍ତ ରିପୋର୍ଟକୁ ଚପାଇ ରଖିଥିବା ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ନେତାମାନେ ଅଭିଯୋଗ କରିଛନ୍ତି । ପବୀତ୍ର ଜନ୍ମାଷ୍ଟମୀ ଓ ଲକ୍ଷ୍ମଣାନନ୍ଦ ଙ୍କ ଶ୍ରାଦ୍ଧ ବାର୍ଷିକୀକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଚକାପାଦ ଓ ଜଲେଶପଟା ଆଶ୍ରମ ଉପରେ ସତର୍କ ଦୃଷ୍ଟି ରଖାଯାଇଥିବା ବରୀଷ୍ଠ ପୋଲିସ ଅଧିକାରୀ କହିଛନ୍ତି ।

# ମୟୂରଭଞ୍ଜ ଲୋକସଭା ସାଂସଦ ଙ୍କ ବିଶ୍ୱେଶର ଟୁଡୁଙ୍କ ବାର୍ଷିକ ରିପୋର୍ଟ କାର୍ଡ ପ୍ରଦାନ

ବାରିପଦା,୧୨।୮ (ନି.ପ୍ର): ମୟୂରଭଞ୍ଜ ଲୋକସଭା ସାଂସଦ ଙ୍କ ବିଶ୍ୱେଶର ଟୁଡୁ ଆଜି ବାରିପଦା ହୋଟେଲ ଅମ୍ବିକା ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କର ସାଂସଦ ଭାବରେ ଅତିବାହିତ କରିଥିବା ବର୍ଷକର ରିପୋର୍ଟକାର୍ଡ ଉନ୍ମୋଚନ କରିବା ସହିତ ପ୍ରଦାନ କରିଛନ୍ତି । ମୟୂରଭଞ୍ଜ ଲୋକସଭା ସାଂସଦ କ୍ଷେତ୍ରର ବିଜେପି ସାଂସଦ ଭାବରେ ୨୦୧୯ ବର୍ଷର ରିପୋର୍ଟ କାର୍ଡରେ ବିଶେଷ କରି ରାସଗୋବିନ୍ଦପୁର-ଅମର୍ଦ୍ଦା ଏୟାଷ୍ଟ୍ରିପ ବାବଦରେ ନିଆଯାଇଥିବା ପଦକ୍ଷେପ, ବୁଢାମରା-ଚାକୁଳିଆ, ବାଙ୍ଗିରିପୋଷୀ-ଗୋରୁମହିଷାଣି, ବାଦାମପାହାଡ-କେନ୍ଦୁଝର ନୂତନ ରେଳପଥ ବିଷୟରେ କରାଯାଇଥିବା କାର୍ଯ୍ୟକ୍ରମ ବାବଦରେ ଆଲୋଚନା କରି ବୁଢାମରା-ଚାକୁଳିଆ ରେଳପଥ ପାଇଁ ଓଡିଶା ସରକାରଙ୍କ ତରଫରୁ ଭୂବନ୍ଦୋବସ୍ତ ପାଇଁ ସମସ୍ତ ବ୍ୟବସ୍ଥା ହୋଇ ସାରିଥିବା ବେଳେ ଝାଡଖଣ୍ଡ ରାଜ୍ୟରେ ଭୂବନ୍ଦୋବସ୍ତ କାର୍ଯ୍ୟ ତ୍ୱରାନ୍ୱିତ ହେଉଥିବାର କହିଥିଲେ । ସେହିପରି ଜିଲ୍ଲାରେ ନିର୍ମାଣାଧୀନ ଜାତୀୟ ରାଜପଥ ୧୮ ଓ ୪୯ ନମ୍ବରରେ ଜନସାଧାରଣଙ୍କ ସୁବିଧା ପାଇଁ ଏବଂ ଦାବୀ ମୁତାବକ କେତେକ ଓଭର ବ୍ରିଜ ଓ ଫୁଟ ଓଭର ରାସ୍ତା ନିର୍ମାଣ ନୂତନ ଭାବରେ ସଂଯୋଗ କରାଯାଇଥିବା ସହ ଜିଲ୍ଲାର ବିଭିନ୍ନ ବ୍ଲକ ଅଂଚଳରେ କ୍ଷୁଦ୍ର ଶିଳ୍ପ ଅନୁଷ୍ଠାନ, ସ୍ପିନିଂ ମିଲ, ସ୍ପଞ୍ଜ ଆଇରନ, ସବାଇ ଘାସ ଶିଳ୍ପ, ଡାଇରୀ ଫାର୍ମ, ମାଛଚାଷ ପ୍ରକଳ୍ପ ଆଦି ସହିତ ଜିଲ୍ଲାରେ ନେସନାଲ ରୁରାଲ ହର୍ଟିକଲଚର ରିସର୍ଚ ସେଂଟର ଆଦି ସ୍ଥାପନ ପାଇଁ ଯଥେଷ୍ଟ ପ୍ରୟାସ କରାଯାଇଛି ଏବଂ ଏସବୁ କାର୍ଯ୍ୟ ବାବଦରେ ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କ ସହିତ ଆଲୋଚନା ହୋଇ କାର୍ଯ୍ୟକ୍ରମ ଚୁଡାନ୍ତ ହୋଇଥିବାର କହିଛନ୍ତି । କରୋନା ମହାମାରୀ ଜନିତ କଟକଣା ପାଇଁ ବହୁ କାର୍ଯ୍ୟ ଅଟକି ରହିଥିବା ବେଳେ ଆଗାମୀ ଦିନରେ ଖୁବଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି ରିପୋର୍ଟ କାର୍ଡରେ ଦର୍ଶାଇବା ସହିତ ପ୍ରେସ ମିଟରେ ବିବୃତି ପ୍ରଦାନ କରିଛନ୍ତି । ଆଜିର ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭାପତି ସୁଜାତା ମୁର୍ମୁ, ବିଜେପିର ବରିଷ୍ଠ ନେତା ତଥା ସଂସଦୀୟ କମିଟି ସଦସ୍ୟ ଛୋଟେଲାଲ ମହାନ୍ତ, ବରିଷ୍ଠ ନେତା ଜୀବନ ସାହୁ, ପୂର୍ବତନ ମନ୍ତ୍ରୀ ତଥା ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଜିଲ୍ଲା ମୁଖପାତ୍ର କବି ବିଷ୍ଣୁ ଶତପଥି ପ୍ରମୁଖ ମଂଚାସୀନ ଥିଲେ ।

# ଯନ୍ତ୍ରଣା ଦେଉଛି ବେଆଇନ ପାର୍କିଂ : ବଢୁଛି ଦୁର୍ଘଟଣା, ଗଡୁଛି ମୁଣ୍ଡ

କୋରେଇ,୧୨।୮ (ନି.ପ୍ର): ଜାତୀୟ ରାଜପଥରେ ବେଆଇନ ପାର୍କିଂ ଯୋଗୁ ଲୋକେ ଯନ୍ତ୍ରଣା ଭୋଗୁଛନ୍ତି । ଅମାନିଆ ଗାଡି ଚାଳକଙ୍କ ଭୁଲ ଯୋଗୁ ରାସ୍ତା ଜାମ ହେବା ସହିତ ଦୁର୍ଘଟଣାରେ ଲୋକଙ୍କ ଜୀବନ ମଧ୍ୟ ଯାଉଛି । ଏନଏଚ ୧୬ର ପାଣିକୋଇଲି ଟୋଲ ଗେଟ ପାଖରୁ ପାଣିକୋଇଲି ଓଭର ବ୍ରିଜ ମୁଣ୍ଡ ପର୍ଯ୍ୟନ୍ତ ପ୍ରତ୍ୟକ ଦିନ ରାସ୍ତାର ଉଭୟ ପାର୍ଶ୍ୱରେ କେତକ ଡ୍ରାଇଭରଙ୍କ ବେଆଇନ ପାର୍କିଂ ଯୋଗୁ ରାଜପଥରେ ସମସ୍ୟା ଉପୁଜୁଛି । ମୁଖ୍ୟତଃ ଲୁହାପଥର ବୋଝେଇ ଭାରିଯାନ ଗୁଡିକର ଚାଳକମାନେ ରାସ୍ତା ଉପରେ ବେପରୁଆ ଭାବେ ପାର୍କିଂ କରୁଛନ୍ତି । ଏଥିପାଇଁ ସାଧାରଣ ଜନତା , ପଥଚାରୀ, ବାଇକ ଆରୋହି, ଛୋଟ ଛୋଟ ଯାନର ଆରୋହୀ ଓ ପ୍ରଶାସନ ମଧ୍ୟ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି । ଟୋଲଗେଟ ପାଖରୁ ପାଣିକୋଇଲି ଛକ ମଧ୍ୟରେ ରାସ୍ତା କଡରେ ଥିବା ବିଭିନ୍ନ ଗ୍ୟାରେଜ ଓ ଟାୟାର ମରାମତି ଦୋକାନ ଆଗରେ ବିନା କାରଣରେ ଗାଡି ଗୁଡିକୁ ଛିଡା କରି ରାସ୍ତା ଜାମ୍ କରୁଛନ୍ତି । ଗତ ୩ ତାରିଖରେ ଏନଏଚ୧୬ଶର୍ମା ହୋଟେଲ ଅନତି ଦୁରରେ ଏକ ଟାୟାର ମରାମତି ଦୋକାନ ସାମ୍ନାରେ ଏକ ଟ୍ରକ ବେଆଇନ ଭାବେ ପାର୍କିଂ କରିଥିବା ବେଳେ କଟକ ପଟୁ ଆସୁଥିବା ଏକ ବାଇକ ଚାଳକ ଡାହାଣକୁ ଅଧିକ ମାଡି ଯିବାରୁ ପଛରୁ ଆସୁଥିବା ଏକ ଟ୍ରକ ଧକା ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା ଏବଂ ଦୁର୍ଘଟଣା ଘଟାଇଥିବା ଟ୍ରକ ଚାଳକଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା । ବେଆଇନ ପାର୍କିଂ ଯୋଗୁ ଏହି ବର୍ଷ ସାହାପୁର ବ୍ରିଜ ପାଖରୁ ପାଣିକୋଇଲି ମଧ୍ୟରେ ୬ ଜଣ ବାଇକ ଆରୋହୀଙ୍କ ଶୋଚନୀୟ ମୃତ୍ୟୁ ଘଟିଲାଣି । ଅନ୍ୟପଟେ ପାଣିକୋଇଲି ରୁ ରାଜାମୁଣ୍ଡା କୁ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଛକର ଅନତି ଦୂରରେ ଲୁହାପଥର ବୋଝେଇ ଗାଡି ଗୁଡିକ ଲମ୍ବା ଲାଇନରେ ରାସ୍ତାରେ ବେଆଇନ ପାର୍କିଂ କରୁଛନ୍ତି । ଚାନ୍ଦପୁର ଛକ ଠାରୁ ଟାଟା ସୋରୁମ ପର୍ଯ୍ୟନ୍ତ ଗାଡି ଗୁଡିକ ଉଭୟ ପାର୍ଶ୍ୱରେ ବେଆଇନ ଭାବେ ଗାଡି ଗୁଡିକୁ ପାର୍କିଂ କରି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି । ବର୍ତମାନ କେନ୍ଦୁଝରରୁ ପାରାଦୀପ କୁ ପ୍ରତ୍ୟକଦିନ ହଜାର ହଜାର ସଂଖ୍ୟାର ଲୁହାପଥର ବୋଝେଇ ଗାଡି ଏହି ଦୁଇ ରାଜପଥ ଦେଇ ଚଳାଚଳ କରୁଛନ୍ତି । ପାଣିକୋଇଲି ପୁଲିସ ପେଟ୍ରୋଲିଂ କରୁଥିଲେ ମଧ୍ୟ ବେଆଇନ ପାର୍କିଂ କରୁଥିବା ଅମାନିଆ ଗାଡି ଚାଳକଙ୍କ ଉପରେ ତାହାର କୌଣସି ପ୍ରଭାବ ପଡୁନାହିଁ । ଯାହାଦ୍ୱାରା ଗାଡିଜାମ ହେବା ସହିତ କୌଣସି ଜରୁରୀ କାର୍ଯ୍ୟରେ ଛୋଟ ବଡ ଗାଡି ଓ ବାଇକରେ ଯାଉଥିବା ଲୋକେ ଦୀର୍ଘ ସମୟ ଧରି ରାସ୍ତାରେ ଅଟକି ରହୁଛନ୍ତି । ଏଥିପାଇଁ ବିଭିନ୍ନ ସମୟରେ ସମସ୍ୟା ଉପୁଜୁଛି । ପାଣିକୋଇଲି ପୁଲିସ ମୁଖ୍ୟତଃ ଟୋଲ ଗେଟ ପାଖରୁ ଏପଟେ ଏନଏଚ୨୦ ଟାଟା ସୋରୁମ ପର୍ଯ୍ୟନ୍ତ ବେଆଇନ ପାର୍କିଂ କରୁଥିବା ଗାଡି ଗୁଡିକ ରାଜପଥ ଉପରୁ ହଟାଇବା ସହିତ ଅମାନିଆ ଚାଳକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି ନ ହେଲେ ସ୍ଥାନୀୟ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଅଙ୍ଗନବାଡ଼ି କର୍ମୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

ଗଞ୍ଜାମ,୧୨।୮ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ କୋଭିଡ୍ ଯୋଦ୍ଧା ତଥା ଅଙ୍ଗନବାଡ଼ି କର୍ମୀ ମାନେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ପ୍ରତାରଣାର ପ୍ରତିବାଦ କରି ଜାରୀ ରଖିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଦଶମ ଦିନ ବ୍ୟାପୀ ଜାରୀ ରହିଥିବା ବେଳେ ଗତକାଲି ସଂନ୍ଧ୍ୟାରେ ବିଭାଗୀୟ ଅଧିକାରୀ ମାନେ ଘଟଣାସ୍ଥଳରେ ପହଂଚି ଅଙ୍ଗନବାଡ଼ି କର୍ମୀଙ୍କ ସହିତ ଆଲୋଚନା କରିବା ସହ ସେମାନଙ୍କର ସମସ୍ତ ଏସଏନପି ଟଙ୍କା ପ୍ରଦାନ କରିବା ସହ ଆସନ୍ତା ବୁଧବାର ସୁଦ୍ଧା ସମସ୍ତ ଙ୍କା ପ୍ରଦାନ କରାଯିବ ବୋଲି ସୂଚନା ଦେବା ପରେ ଜିଲ୍ଲା ସଭାନେତ୍ରୀ ଶ୍ରୀମତୀ ରଞ୍ଜିତା ରଥ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିବା ନେଇ ଘୋଷଣା କରିଛନ୍ତି ।

# ଆଗକୁ ନୂଆଖାଇ, ଘର ସଜାରେ ବ୍ୟସ୍ତ ପରିବାର ଲୋକେ: ଉତ୍ସାହ ନାହିଁ

ନୂଆପଡା ,୧୨।୮ (ନି.ପ୍ର): ଆଗକୁ ନୂଆଖାଇ । ପଶ୍ଚିମ ଓଡ଼ିଶାର ଏହି ଗଣପର୍ବକୁ ନେଇ ଉତ୍ସବ ମୁଖର ଗାଁ ଠୁ ସହର । ସମସ୍ତଙ୍କ ମନରେ ଉତ୍ସାହର ପର୍ବ । ଆସନ୍ତା ୨୩ ତାରିଖ ରବିବାର ଦିନ ପାଳିତ ହେବାକୁ ଥିବା ଉକ୍ତ ପର୍ବକୁ ନେଇ ପ୍ରତି ଘରେ ବ୍ୟସ୍ତତାର ଛବି । ଘର ସଜାରେ ଲାଗି ପଡ଼ିଛନ୍ତି ଗୃହିଣୀ, ପିଲା ଠୁ ବୁଢା ଯାଏ । କିପରି ସୁରୁଖୁରୁରେ ହସ ଉଲ୍ଲାସ ସହ ପାଳିତ ହେବ ନୂଆଁଖାଇ ତିହାର । ଘରର ମାଟିକାନ୍ଥ ସବୁକୁ ଗ୍ରାମାଂଚଳର ମହିଳା ମାନେ ମାଟି ଲେପ ଲଗାଉଛନ୍ତି । ପୁଣି କିଛି ମାଟିକାନ୍ଥକୁ ଲାଲ ରଙ୍ଗର ମାଟିକୁ ପାଣିରେ ଗୋଳାଇ କାନ୍ଥ ସବୁକୁ ଚିକ୍‌ଣ କରୁଛନ୍ତି । ଏହାସହ ଘରର ବିଭିନ୍ନ ସାମଗ୍ରୀ ସହ କୁରଲି, ଟୁପଲା, କୁଲା ସହ ଘରେ ଥିବା ବସ୍ତ୍ର ସବୁକୁ ଧୁଆ ଯାଉଛି । ସଫା ହେଉଛି ଯାବତୀୟ ଘରର ବସ୍ତ୍ର । କୃଷି ଭିତିକ ଏହି ମହାପର୍ବର ଅନ୍ୟ ଏକ ଲକ୍ଷ୍ୟ ପରିବେଶକୁ ସଫା ଓ ସୁସ୍ଥ ରଖିବା । ଯାହାଫଳରେ ନିରାକରଣ ହୋଇପାରିବ ବର୍ଷାକାଳୀନ ରୋଗ ସବୁ । କିନ୍ତୁ ଚଳିତ ବର୍ଷର ମହାମାରୀ କରୋନା ସବୁ ବିଗାଡି ଦେଇଛି । ଅନେକଙ୍କ ଘରେ ଆର୍ଥୀକ ସମସ୍ୟା ଦେଖାଦେଇଛି । ରୋଜଗାର ବନ୍ଦ ହୋଇଯାଇଥିବା ବେଳେ କୃଷକଙ୍କୁ କୃଷିକାର୍ଯ୍ୟ ମଧ୍ୟ ଦାଉ ସାଧିଛି । ବର୍ଷାଭାବ ଯୋଗୁଁ ଅନେକ ଜମିର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି । ଏପରିସ୍ଥିତିରେ ନୂଆଁଖାଇ ଲୋକଙ୍କୁ ଅନେକ ସମସ୍ୟାରେ ପକାଇଛି । ନୂଆଖାଇରେ ଶିଶୁ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ନୂଆଁ ବସ୍ତ୍ର କିଣା ହୋଇଥାଏ । ଏଥିପାଇଁ ଦୋକାନବଜାର ମଧ୍ୟ ସରଗରମ ହୋଇ ଉଠିଥାଏ, କିନ୍ତୁ ଚଳିତ ବର୍ଷ ସେପରି ଦେଖାଯାଉନାହିଁ । ଫଳରେ ଚଳିତ ବର୍ଷର ନୂଆଁଖାଇକୁ ଲୋକେ ଜାକ ଜକମରେ ପାଳିବାର ଆଶା ଦେଖାଯାଉନାହି ।

# ମା ମଉନେଇଁ ମନ୍ଦିରର ହୁଣ୍ଡି ଭାଙ୍ଗି ଚୋରି

ସାକ୍ଷିଗୋପାଳ,୧୨।୮ (ନି.ପ୍ର): ପୁରୀ ଜିଲ୍ଲା ସତ୍ୟବାଦୀ ଅଂଚଳରେ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି ହୋଇଛି । ସାକ୍ଷିଗୋପାଳ ବଡବଜାର ଗୋପାଳପୁର ପାଟଣା (ହୋତାସାହି) ନିକଟରେ ଥିବା ପ୍ରତ୍ୟେକ୍ଷ ଠାକୁରାଣୀ ମା ମଉନେଇଁଙ୍କ ମନ୍ଦିରରୁ ହୁଣ୍ଡି ଭାଙ୍ଗି ଦାନ ଟଙ୍କା ଚୋରି ହୋଇଛି । ଦୁର୍ବୃତ ମାନେ ଗତକାଲି ବିଳମ୍ବିତ ରାତିରେ ମନ୍ଦିର ପଛ କବାଟର ତାଲା ଭାଙ୍ଗି ପ୍ରଥମେ ମନ୍ଦିର ଭିତରେ ପଶିଥିଲେ । ଏହା ପରେ ହୁଣ୍ଡି ବାକ୍ସ ଭାଙ୍ଗି ଦାନ ଟଙ୍କା ଲୁଟି ନେଇଥିଲେ । ତେବେ ହୁଣ୍ଡିରେ କେତେ ଟଙ୍କା ଥିଲା ତାହା ସ୍ପଷ୍ଟ ହୋଇନାହିଁ । ଆଜି ସକାଳେ ମନ୍ଦିରର ପୂଜାରୀ ଏ ସମ୍ପର୍କରେ ଜାଣିବା ପରେ ଥାନାରେ ଏତଲା କରାଯାଇଥିଲା । ଏତଲାକୁ ଭିତି କରି ସତ୍ୟବାଦୀ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଛାନଭିନ୍ କରି ଫେରିଛି । ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ତେବେ ଅଦ୍ୟାବଧି ଲୁଟେରାଙ୍କୁ ଧରିବାରେ ବିଫଳ ହୋଇଛି ।

# ବର୍ଷାଦିନିଆ ଚିନାବାଦାମ ଯତ୍ନ

**ଆମ ରାଜ୍ୟରେ ଚିନାବାଦାମ ସାଧାରଣତଃ ବର୍ଷା, ଶୀତ ଓ ଖରା ଋତୁରେ ଚାଷ କରାଯାଇଥାଏ । ସେଥିମଧ୍ୟରୁ ୪୦ ପ୍ରତିଶତ ଚିନାବାଦାମ ଚାଷ ବର୍ଷାଦିନେ ହୋଇଥାଏ । ମାତ୍ର ଅମଳ ଦୃଷ୍ଟିରୁ ବିଚାର କଲେ ବର୍ଷା ଦିନେ ଏକର ପ୍ରତି ୪-୫ କ୍ୱିଣ୍ଟାଲ ଅମଳ ପାଉଥିବା ବେଳେ ଶୀତଦିନେ ୭-୮ କ୍ୱିଣ୍ଟାଲ ଅମଳ ମିଳିଥାଏ । ତେବେ ବର୍ଷାଦିନିଆ ଚିନାବାଦାମରୁ ଆମେ ଅଧିକ ଅମଳ କେମିତି ପାଇପାରିବା ଆସନ୍ତୁ ଜାଣିବା ।**





**ଲଗାଇବା ସମୟ:**
ସାଧାରଣତଃ ଜୁନ୍ ମାସ ଶେଷ ସପ୍ତାହଠାରୁ ଜୁଲାଇ ମାସ ପ୍ରଥମ ସପ୍ତାହ ମଧ୍ୟରେ ଲଗାଇବା ଉଚିତ୍ । ମଞ୍ଜି ଲଗାଇବା ପରେ ଲଗାତାର ଭାବେ ବର୍ଷା ହେଲେ ମଞ୍ଜି ସଢି ଯାଇଥାଏ । ତେଣୁ ଲଗାଇବାରେ ଅଧିକ ବିଳମ୍ୱ କରିବା ଉଚିତ୍ ନୁହେଁ ।

**କୋଡାଖୁସା ଓ ଘାସ ନିୟନ୍ତ୍ରଣ:**
ମଞ୍ଜି ଲଗାଇବାର ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଘାସ ଜମିରେ ରହିଲେ ଅମଳ ବହୁତ କମିଯାଇଥାଏ । ଏହା ବ୍ୟତୀତ ଚିନାବାଦାମ ଫଳ ମାଟି ତଳେ ବଢୁଥିବା ହେତୁ ମାଟି ଫୁସଫୁସିଆ ଏବଂ ହାଲୁକା ରହିବା ଦରକାର । ଚିନାବାଦାମ ଲଗାଇବାର ୨୫-୪୫ ଦିନ ମଧ୍ୟରେ ଜମିରେ ଘାସ ନରହିବା ଆବଶ୍ୟକ । ଅମଳ କମିବାର ଏହା ଏକ ମୁଖ୍ୟ କାରଣ । ତେଣୁ ପ୍ରଥମ ଅବସ୍ଥାରେ ଫସଲକୁ ଘାସ ଦାଉରୁ ରକ୍ଷା କରିବା ପାଇଁ ଏବଂ ଚାଷୀର ଖର୍ଚ୍ଚ କମ୍ କରିବା ପାଇଁ ଇଟାମରାର ପ୍ରୟୋଗ କରିବାକୁ ହେବ । ଯଥା- ପେଣ୍ଡିମିଥାଲିନ ଏକର ପ୍ରତି ୪୦୦ ମି.ଲି ହିସାବରେ ମଞ୍ଜି ଲଗାଇବାର ୨-୩ ଦିନ ପରେ ମାଟିରେ ବତର ରଖି ପ୍ରୟୋଗ କରିବାକୁ ହେବ । ଏଥିପାଇଁ ୪୦୦ ଲିଟର ପାଣି ଆବଶ୍ୟକ । ଏହାପରେ ଲଗାଇବାର ୨୦-୨୨ ଦିନରେ ଥରେ କୋଡାଖୁସା କରି ମାଟି ମୂଳକୁ ଟେକିବାକୁ ହେବ । ଫସଲରେ ଓହଳ ବାହାରିବା ପରେ କୌଣସି ପରିସ୍ଥିତିରେ ମାଟିକୁ କୋଡ଼ାଖୁସା କରିବା ଉଚିତ୍ ନୁହେଁ । କାରଣ ଏହାଦ୍ୱାରା ଓହଳ ସବୁ ନଷ୍ଟ ହୋଇଯିବ ଏବଂ ଆଉ ଦ୍ୱିତୀୟ ଥର ଓହଳ ବାହାରିବ ନାହିଁ ।

**ଖାଦ୍ୟସାରର ପରିଚାଳନା:**
ଚିନାବାଦାମ ଫସଲ ବାୟୁମଣ୍ଡଳରୁ ଯବକ୍ଷାରଜାନ ବିବନ୍ଧନ କରିପାରେ । ତେଣୁ ମଞ୍ଜିକୁ ବୁଣିବା ଆଗରୁ ରାଇଜୋବିୟମ ଜୀବାଣୁ ସାର ପ୍ରତି କି.ଗ୍ରା ବିହନ ପିଛା ୪୦ ଗ୍ରାମ ହିସାବରେ ଉପଚାର କରି ଲଗାଇବା ଦରକାର । ଏଥିସହିତ ୨-୩ ଟନ ସଢ଼ା ଗୋବର ଖତ, ୮ କି.ଗ୍ରା ଯବକ୍ଷାରଜାନ, ୧୫ କି.ଗ୍ରା ଫସଫରସ ଏବଂ ୮ କି.ଗ୍ରା ପଟାସ ମୂଳର ହିସାବରେ ପ୍ରତି ଏକର ଜମିରେ ଦିଆଯାଏ । ଅର୍ଥାତ ପାଖାପାଖି ୧୪ କି.ଗ୍ରା ୟୁରିଆ, ୧୦୦ କି.ଗ୍ରା ସୁପର ଓ ୨୫ କି.ଗ୍ରା ମ୍ୟୁରେଟ ଅଫ ପଟାସ ପ୍ରୟୋଗ କରିବାକୁ ହେବ । ଚିନା ବାଦାମ ଚାଷ କରାଯାଉଥିବା ଢିପ ଜମି ସାଧାରଣତଃ ଅମ୍ଳ ହୋଇଥାଏ । ତେଣୁ ଏହାର ଶୋଧନ ପାଇଁ ପ୍ରତିବର୍ଷ ଏକର ପ୍ରତି ୨ କ୍ୱିଣ୍ଟାଲ ଚୂନ ବା କାଗଜ କଳ ମଇଳା ମଞ୍ଜି ବୁଣିବାର ଏକ ମାସ ପୂର୍ବରୁ ପ୍ରୟୋଗ କରିବା ଉଚିତ୍ । ଗଛରେ ଫୁଲ ଓ ଫଳ ସଂଖ୍ୟାର ବଢ଼ାଇବା ପାଇଁ ବୋରାକ୍ସ ପ୍ରତି ଲିଟର ପାଣିରେ ୩ଗ୍ରାମ ହିସାବରେ ଗଛ ଲଗାଇବାର ୩୦ ଦିନରେ ଥରେ ଏବଂ ସାତ ଦିନ ପରେ ଆଉ ଥରେ ସିଞ୍ଚନ କରିବାକୁ ହେବ । ମୋଲିବିଡିନମ୍ ସାରର ଅଭାବ ହେଲେ ଚେରରେ ଭାତୁଡ଼ି ସଂଖ୍ୟା କମିଯାଏ ଏବଂ ଯବକ୍ଷାରଜାନ ବିବନ୍ଧନରରେ ବାଧା ଉପୁଜେ । ଏଥିପାଇଁ ଏକ କି.ଗ୍ରା ବିହନ ପ୍ରତି ୮-୧୦ ଗ୍ରାମ ସୋଡିୟମ ମୋଲିବେଡେଟ୍‌କୁ ମିଶାଇ ବୁଣିବାକୁ ହେବ । ମଞ୍ଜିରେ ତୈଳ ଅଂଶ ବଢ଼ାଇବା ପାଇଁ ଏକର ପ୍ରତି ୧୦୦ କି.ଗ୍ରା ଜିପସମ୍ ପ୍ରଥମ କୋଡାଖୁସା ସମୟରେ ଗଛର ଉଭୟ ପାର୍ଶ୍ୱରେ ୩ ସେ.ମି ଗଭୀରରେ ପ୍ରୟୋଗ କରିବା ଆବଶ୍ୟକ ।

**ଅମଳ ସମୟର ଯତ୍ନ:**
ଚିନା ବାଦାମ ଫଳ ଏକ ସମୟରେ ଧରୁ ନଥିବାରୁ ପାକଳ ମଧ ଏକ ସମୟରେ ହୋଇନଥାଏ । ତେଣୁ ପାକଳ ହେବା ଆଗରୁ ଉପାଡ଼ି ଦେଲେ ଅମଳ କମି ଯାଇଥାଏ । ସେହିପରି ଅମଳ କରିବା ଡେରି ହୋଇଗଲେ ମଞ୍ଜି ଫଳ ମଧ୍ୟରେ ମାଟି ଭିତରେ ହିଁ ଗଜା ହୋଇଯାଏ । ତେଣୁ ଶତକଡ଼ା ୯୦ ଭାଗ ଫଳା ପାକଳ ହୋଇଗଲେ, ମାଟିର ବତର ରଖି ଗଛ ଉପୁଡ଼ାଯାଏ । ଫଳ ପାକଳ ହେବାକୁ ଆସିଲେ ପତ୍ର ସବୁ ହଳଦିଆ ପଡ଼ି ଝଡ଼ିବାକୁ ଲାଗେ ଏବଂ ଚୋପାର ଭିତର ପଟେ କଳାଶିରା ଦେଖାଯାଏ । ଏହିସବୁ ଲକ୍ଷଣ ଦେଖାଦେଲେ ଗଛକୁ ଉପାଡ଼ିବା ଉଚିତ ।

## କ୍ୟାଲେଣ୍ଡୁଲା



କ୍ୟାଲେଣ୍ଡୁଲା ଗଛର ଫୁଲ ଶୀତଦିନିଆ ଋତୁକାଳୀନ ଫୁଲ । ଏହାର ହଳଦିଆ ରଙ୍ଗର ଫୁଲ ସେବତୀ ଫୁଲ ପରି ହୋଇଥାଏ । ଏହି ଗଛଟି ଜାତୀୟ ମାଟିରେ ଭଲଭାବେ ବଢିପାରେ । ଏହା ଶୀତକାଳୀନ ଫୁଲ ହିସାବରେ ଆମ ଅଞ୍ଚଳରେ ଚାଷ କରାଯାଇପାରିବ । ଏହା ଖରାକୁ ଭଲପାଏ ମାତ୍ର ମାତ୍ରାଧିକ ଗରମ ବା ଥଣ୍ଡା ସହ୍ୟ କରିପାରେ ନାହିଁ । ଗଛଟି ମଞ୍ଜିରୁ ବଂଶବିସ୍ତାର କରିଥାଏ । ମଞ୍ଜିଗୁଡ଼ିକ ୩-୪ ସପ୍ତାହର ହୋଇଗଲେ ତାକୁ ଜମିରେ ଲାଗିଯାଏ । ଏହା ଅଧିକ ଖାଦ୍ୟସାର ଆବଶ୍ୟକ କରେ ନାହିଁ । କେବଳ କିଛି ପରିମାଣରେ ଖତ ଦେଇ ଏହାକୁ ଜମିରେ କିମ୍ବା କୁଣ୍ଡରେ ଲଗାଯାଏ । କିଛି ଦିନ ବ୍ୟବଧାନରେ ମାଟିର ବତର ଦେଖି ଜଳସେଚନର ଆବଶ୍ୟକତା ପଡ଼ିଥାଏ । ଗଛ ଲଗାଇବାର ୫୦ ଦିନ ପରେ ସେଥିରେ ଫୁଲ ଆସିଥାଏ । ଗଛରେ ଅସଂଖ୍ୟ ହଳଦିଆ ରଙ୍ଗର ଫୁଲ ଆସେ ଓ ଜମିଟି ସଂପୂର୍ଣ୍ଣ ହଳଦିଆ ଦେଖାଯାଏ । ଏହାକୁ କୁଣ୍ଡଗେଣ୍ଡୁ ମଧ କୁହାଯାଏ । ତେବେ ଓଡ଼ିଶାରେ ଏହାର ବଜାରମୂଲ୍ୟ ନାହିଁ । କିନ୍ତୁ କୁଣ୍ଡରେ ଲଗାଇବା ପାଇଁ ଗଛଟି ଖୁବ୍ ଲୋକପ୍ରିୟ । କୁଣ୍ଡ ସହ ଗଛ ମଧ ବଜାରରେ ମିଳିଥାଏ । ଫୁଲର ଆକାର ପ୍ରକାର ନେଇ କ୍ୟାଲେଣ୍ଡୁଲାର ବିଭିନ୍ନ କିସମ ବଜାରରେ ଉପଲବ୍ଧ । ହେଲେ ମୁଖ୍ୟତଃ ହଳଦିଆ ବା କମଳା ରଙ୍ଗର ଫୁଲ ଆସିଥାଏ ।

## ‘ନଚ ବଲିୟେ-୧୦’ର ବିଚାରକ ହେବେ ବିପାଶା !



ସେଲିବ୍ରିଟି ଡ୍ୟାନ୍ସ ସୋ’ ‘ନଚ ବଲିୟେ ର ୧୦ମ ସଂସ୍କରଣ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି । ସଦ୍ୟତମ ଖବର ଅନୁସାରେ ଅଭିନେତ୍ରୀ ବିପାଶା ବାସୁ ଏଥିରେ ବିଚାରକ ଭାବେ ସାମିଲ ହୋଇପାରନ୍ତି । ଏଥିଲାଗି ଚ୍ୟାନେଲ କର୍ତ୍ତୁପକ୍ଷ ଏବଂ ସୋ’ର ପ୍ରଯୋଜକ ତାଙ୍କ ସହ ଆଲୋଚନା କରିଛନ୍ତି । ତେବେ ବିପାଶା କୌଣସି ଜବାବ ଦେଇନାହାନ୍ତି । ତାଙ୍କ ବ୍ୟତୀତ ଡେଭିଡ୍ ଧୱନ୍ ଏବଂ ବୈଭବୀ ମର୍ଚ୍ଚାଣ୍ଟଙ୍କ ସହ ଏଥିଲାଗି ଯୋଗାଯୋଗ କରାଯାଇଛି । ଆଗାମୀ ସପ୍ତାହ ମଧ୍ୟରେ ଏ ସଂପର୍କ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ । ଚଳିତଥର ଏହି ସୋ’କୁ କରନ୍ ଜୋହର ପ୍ରଯୋଜନା କରୁଥିବା ଶୁଣିବାକୁ ମିଳୁଛି । ସୂଚନାଥାଉକି, ପ୍ରିନ୍ସ ନରୁଲା ଏବଂ ଯୁବିକା ଚୌଧୁରୀ ‘ନଚ ବଲିୟେ ସିଜନ୍-୯’ର ବିଜେତା ହୋଇଥିଲେ । ସଲମାନ୍ ଖାନ୍ ସେହି ସିଜନ୍‌ର ପ୍ରଯୋଜକ ଥିଲେ ।

## ସ୍ୱାସ୍ଥ୍ୟ ମନ୍ତ୍ର

♦ ହଳଦୀ ଜୀବଣୁ ଓ କୀଟାଣୁ ବିରୋଧୀ । କ୍ଷତ ସ୍ଥାନରେ ହଳଦୀ ଲଗାଇଦିଅନ୍ତୁ । ଏହାଦ୍ୱାରା ସଂକ୍ରମଣ ଆଶଙ୍କା ରହେ ନାହିଁ ଏବଂ ରକ୍ତସ୍ରାବ ବନ୍ଦ ହୁଏ ।

♦ ହଳଦୀ ଓ ହିଙ୍ଗୁ ପାଣିରେ ବତୁରାଇ ଦାନ୍ତ ବିନ୍ଧୁଥିବା ସ୍ଥାନରେ ଲଗାଇ ରଖନ୍ତୁ ।

♦ ବାୟୁଦୋଷ ଦୂର ପାଇଁ ଉଷୁମ ପାଣିରେ ଚିମୁଟାଏ ହଳଦୀ ଓ ଲୁଣ ଘାଣ୍ଟି ପିଅନ୍ତୁ ।

♦ ଗରମ କ୍ଷୀରରେ ହଳଦୀ ଫେଣ୍ଟି ପିଇବା ଦ୍ୱାରା ଥଣ୍ଡା ଦୋଷ ଦୂର ହୁଏ ।

♦ ପାଟି ଭିତର ଘା’ ହୋଇଥିଲେ ହଳଦୀ ଓ ମହୁ ମିଶାଇ ଲଗାନ୍ତୁ । କିଛି ସମୟ ପରେ ଉଷୁମ ଲୁଣ ପାଣି କୁଳି କରନ୍ତୁ ।

♦ ପାଦ ଫାଟୁଥିଲେ ନଡିଆ ତେଲ ଓ ହଳଦୀ ଗୋଳାଇ ଲଗାନ୍ତୁ ।

# ଧାନର ପତ୍ରଛେଦା ପୋଡ଼ା ରୋଗ ନିୟନ୍ତ୍ରଣ

ଏହି ରୋଗ ସାଧାରଣତଃ ଅଗଷ୍ଟ ମାସରୁ ନଭେମ୍ବର ମାସ ମଧ୍ୟରେ ଦେଖାଯାଏ । ଏହି ରୋଗ ଦ୍ୱାରା ଧାନର କାଣ୍ଡ, ଟିଲର ଏବଂ କେଣ୍ଡା ବିଶେଷ ଭାବରେ ପ୍ରଭାବିତ ହୋଇଥାଏ । ଏହିରୋଗ ଲକ୍ଷଣ ପ୍ରଥମେ ତଳ ପାଖରୁ ଜଳକୁ ଲାଗି ରହିଥିବା ପତ୍ରରେ ଦେଖାଯାଏ । ପ୍ରଥମେ ବାଦାମି ରଙ୍ଗର ହୋଇଥାଏ । ଏହି ଦାଗ ପରେ ବଡ଼ ଆକାର ଧାରଣ କରି ଗଛର ସମସ୍ତ ପ୍ରାନ୍ତକୁ ମାଡ଼ିଯାଏ, ଯାହାକି କଳା ବାଦାମି ରଙ୍ଗର ହୋଇଥାଏ । ଗଛର ସବୁଜ କଣିକାକୁ ନଷ୍ଟ କରି ଗଛକୁ ସମ୍ପୂର୍ଣ୍ଣ ରୂପେ ମାରି ଦେଇଥାଏ । ଯେତେବେଳେ ଏହି ରୋଗ ଗଛକୁ ଭୟଙ୍କର ଭାବେ ପ୍ରଭାବିତ କରେ ସେ ସମୟରେ ଗଛରେ ଧାନର ଦାନା ଭଲଭାବରେ ହୁଏ ନାହିଁ ଏବଂ ଗଛର କେଣ୍ଡା ସବୁ ଅଗାଡ଼ିରେ ପରିଣତ ହୋଇଯାଏ । ଧାନର ପିଲ ହେବା ସମୟରେ ଅଧିକ ଜଣାପଡ଼େ ।



**ନିରାକରଣ:**

♦ ଅଧିକ ମାତ୍ରାରେ ଯବକ୍ଷାରଜାନ ଜାତୀୟ ରାସାୟନିକ ସାର ବ୍ୟବହାର କରନ୍ତୁ ନାହିଁ ।

♦ ବିଲରେ ପାଣି ଜମି ରହିଥିଲେ କାଢି ନିଅନ୍ତୁ ।

♦ ଜମିରୁ ଘାସ ବାହାର କରିଦିଅନ୍ତୁ ।

♦ କାରବେଣ୍ଡାଜିମ୍ ୧ ଗ୍ରାମ ପ୍ରତି ଲିଟର ପାଣି କିମ୍ବା ପୋପିକନା ଜୋଲେ ୧ ମି.ଲି ପ୍ରତିଲିଟ ପାଣି ହିସାବରେ ଜମିରେ ବ୍ୟବହାର କରିବା ଉଚିତ୍ ।

♦ ଆଣ୍ଟିବାୟୋଟିକ୍ ଯେପରିକି ଭାଲିଡା-ମାଇସିନ୍ ବା ପୋଲିଓକ୍‌ଜିନ୍ “୧-୨ ମି.ଲି ପ୍ରତି ଲିଟର ପାଣି ହିସାବରେ ଆମେ ବିଲରେ ବ୍ୟବହାର କରିପାରିବା ।

♦ ପ୍ରତି ୧ କେଜି ମଞ୍ଜିକୁ ୧୦ ଗ୍ରାମ ସ୍ୟୁଡମନାସ୍ ଫ୍ଲୁରୋସେନସ୍‌ରେ ବିଶୋଧନ କରିବା ଉଚିତ୍ ।

♦ ଦାନ ଲଗାଇବାର ୩୦ ଦିନ ପରେ ୫୦ କେଜି ଏଫ୍.ୱାଇ.ଏମ୍ ସହିତ ୨.୫ କେଜି ସ୍ୟୁଡମନାସ୍ ଫ୍ଲୁରୋସେନସ୍‌କୁ ପ୍ରତି ହେକ୍ଟର ହିସାବେର ମୃତ୍ତିକାକୁ ବିଶୋଧନ କରିବା ଆବଶ୍ୟକ ।

## ଆସନ୍ତା ବର୍ଷ ରିଲିଜ୍ ହେବ ‘ଲାଲ୍ ସିଂହ ଚଢା’

କରୋନା ମହାମାରୀ ଯୋଗୁ ଅଧିକାଂଶ ଫିଲ୍ମର ରିଲିଜ୍ ବିଳମ୍ବିତ ହୋଇଛି । ଅଭିନେତା ଆମିର ଖାନ୍‌ଙ୍କୁ ବହୁ ପ୍ରତିକ୍ଷିତ ଫିଲ୍ମ ‘ଲାଲ୍ ସିଂହ ଚଢା’ ଏବେ ସେହି ତାଲିକାରେ ସାମିଲ ହୋଇଛି । ଫିଲ୍ମଟି ଚଳିତବର୍ଷ କ୍ରିସ୍‌ମାସ ଅବସରରେ ରିଲିଜ୍ ହେବାର ଥିଲା । ସଦ୍ୟତମ ଖବର ମୁତାବକ ତାର ରିଲିଜ୍‌କୁ ବର୍ଷେ ଘୁଞ୍ଚାଇ ଦିଆଯାଇଛି । ଆସନ୍ତାବର୍ଷ




କ୍ରିସ୍‌ମାସ ଅବସରରେ ତାହା ରିଲିଜ୍ ହେବ । ‘ଲାଲ୍ ଖାନ୍‌ଙ୍କ ବିପକ୍ଷରେ କରୀନା କପୁର ସ୍କ୍ରିନ୍ ସେୟାର କରିବେ । ସେମାନଙ୍କ ସହ ମୋନା ସିଂହଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ । ଆମିର ଖାନ୍ ଏହାର ପ୍ରଯୋଜକ ଥିବାବେଳେ ଅଦ୍ୱୈତ ଚନ୍ଦନ ନିର୍ଦ୍ଦେଶନାରେ ଅଛନ୍ତି ।

## ଏକାଠି ଆସିବେ କିଆରା-ବରୁଣ

ଗତବର୍ଷ ରିଲିଜ୍ ହୋଇଥିବା ଫିଲ୍ମ ‘ଗୁଡ୍ ନ୍ୟୁଜ୍’ରୁ ନିର୍ଦ୍ଦେଶନା କ୍ଷେତ୍ରରେ ଡେବ୍ୟୁ କରିଥିଲେ ରାଜ ମେହତା । ଫିଲ୍ମଟିକୁ ଖୁବ୍ ଦର୍ଶକୀୟ ଆଦୃତି ମିଳିଥିଲା । ଏବେ ଶୁଣାଯାଉଛି ଯେ ରାଜ ଖୁବ୍ ଖୀଘ୍ର ତାଙ୍କର ଆଗାମୀ ପ୍ରୋଜେକ୍ଟ ପାଇଁ କାମ ଆରମ୍ଭ କରିବେ । ତାହା ଏକ ରୋମାଣ୍ଟିକ୍ ଡ୍ରାମା ହେବ । ସେଥିପାଇଁ ସ୍କ୍ରିପ୍ଟ ପ୍ରସ୍ତୁତ ହୋଇସାରିଥିବାବେଳେ ସେଥିରେ ଅଭିନେତା ବରୁଣ ଧୱନ୍ ଏବଂ କିଆରା ଆଡଭାନିଙ୍କ ଯୋଡ଼ିଭ୍‌କୁ ଦେଖିବାକୁ ମିଳିପାରେ । କରନ୍ ଜୋହର ତାର ପ୍ରଯୋଜନା ଦାୟିତ୍ୱରେ ରହିବେ ବୋଲି କୁହାଯାଉଛି । ଶୁକ୍ରବାର ଏହି ଦୁଇ କଳାକାରଙ୍କୁ ଧର୍ମା ପ୍ରଡକ୍ସନ୍‌ରର ଅଫିସ୍ ବାହାରେ ଦେଖିବାକୁ ମିଳିଥିଲା । ତେବେ ଏ ସଂପର୍କରେ ସେମାନେ କିଛି ସ୍ପଷ୍ଟ କରିନାହାନ୍ତି । ଏହା ପୂର୍ବରୁ ବରୁଣ ଏବଂ କିଆରାଙ୍କୁ ‘କଲଙ୍କ’ରେ ଦେଖିବାକୁ ମିଳିଥିଲା । ସେଥିରେ ଆଲିଆ ଭଟ୍ଟ, ଆଦିତ୍ୟ ରୟ କପୁର, ସଞ୍ଜୟ ଦତ୍ତ, ଦୀକ୍ଷିତ ପ୍ରମୁଖ ନଜର ଆସିଥିଲେ ।




# ବଗିଚା ଆବର୍ଜନାରୁ ବାୟୋଗ୍ୟାସ

**ବାୟୋଗ୍ୟାସ ଏକ ବାଷ୍ପୀୟ ଇନ୍ଧନକୁ ବୁଝାଏ, ଯାହାକି ଗୋବର, ନଡ଼ା, କୁଟା ଇତ୍ୟାଦି ଆବର୍ଜନା ପଚିବାରୁ ପ୍ରସ୍ତୁତ ହୋଇଥାଏ । ଏଥିରେ ମୁଖ୍ୟତଃ ମିଥେନ ବା ମାର୍ଷ ଗ୍ୟାସ ଥାଏ, ତେଣୁ ଏହାକୁ ଇନ୍ଧନ ଭାବେ ବ୍ୟବହାର କରାଯାଇପାରିବ ।**

### ବାୟୋଗ୍ୟାସ ଗଠନ ପ୍ରକ୍ରିୟା:

ଗୋବର ବା ବଗିଚା ଆବର୍ଜନାରେ ଥିବା ଜଟିଳ ପଦାର୍ଥ ପ୍ରଥମେ ପାଣି ଦ୍ୱାରା ସୂକ୍ଷ୍ମ ପଦାର୍ଥକୁ ପରିବର୍ତ୍ତନ ହୋଇଥାଏ । ଯାହାଫଳରେ ବାକ୍ଟେରିଆ ଗୁଡ଼ିକ ତାକୁ ସହଜରେ ହଜମ କରି ଜୈବିକ ଅମ୍ଳ ଉତ୍ପାଦନ କରିଥାନ୍ତି । ଏହି ଅମ୍ଳ ପରବର୍ତ୍ତୀ ସମୟରେ ମିଥେନ ଓ ଅଙ୍ଗାରକାମ୍ଳ ପ୍ରସ୍ତୁତି କରିଥାଏ ।

### ଏହାର ଲାଭ:

- ଆବର୍ଜନା ନଷ୍ଟ ହୁଏ ନାହିଁ । ଇନ୍ଧନକୁ ପରିବର୍ତ୍ତିତ ହୋଇଥାଏ ।
- ଗୋବର ଘଷିକୁ ଜାଳେଣୀ ଭାବେ ବ୍ୟବହାର କଲେ ସେଥିରୁ କମ୍ କ୍ୟାଲେରୀ ଇନ୍ଧନ ମିଳିବା ସଙ୍ଗେ ସଙ୍ଗେ ବହୁତ ଧୂଆଁ ବାହାରିଥାଏ, ଯାହା ସ୍ୱାସ୍ଥ୍ୟ ପ୍ରତି ହାନିକାରକ । ମାତ୍ର ଏହି ଅସୁବିଧା ବାୟୋଗ୍ୟାସରେ ହୁଏ ନାହିଁ ।
- ବାୟୋଗ୍ୟାସ ଉତ୍ପାଦନ ପରେ ବଳକା ପଦାର୍ଥକୁ ଖୁବ୍ ସହଜରେ ଜୈବିକ ସାର ଭାବେ ବ୍ୟବହାର କରାଯାଇପାରିବ । ଏଥିରେ ପ୍ରଚୁର ମାତ୍ରାରେ ଯବକ୍ଷାରଜାନ ଉପଲବ୍ଧ ଥାଏ ।
- ଏହା ପରିବେଶ ପ୍ରଦୂଷଣ କରେ ନାହିଁ ।
- ଏହାକୁ ଦରକାର ହିସାବରେ ବ୍ୟବହାର ଓ ସଞ୍ଚି ହେବ ।

### ବାୟୋଗ୍ୟାସ ଯନ୍ତ୍ରର ଭାଗ:

ଡାଇଯେଷ୍ଟର: ଏହା ସିଲିଣ୍ଡର ଆକୃତିର ଟାଙ୍କି ଯାହା ଗୋବର ଆଦି କାଦୁଆ ମିଶ୍ରଣକୁ ପଚାଇଥାଏ ।

ଗ୍ୟାସ ହୋଲ୍ଡର: ପଚି ସାରିବା ପରେ ଯେଉଁ ମିଥେନ ଉତ୍ପାଦନ ହୋଇଥାଏ ତାହା ଏଠାରେ ସଞ୍ଚିତ ହୁଏ ।

ଇନଲେଟ୍ ପାଇପ: ଏହା କାଦୁଅ ମିଶ୍ରଣକୁ ଡାଇଯେଷ୍ଟର ଭିତରକୁ ନେବାରେ ସାହାଯ୍ୟ କରିଥାଏ ।

ଆଉଟଲେଟ୍ ପାଇପ: ପଚିବା ପରେ ବଳକା ପଦାର୍ଥକୁ ବାହାରକୁ ନେଇଥାଏ ।

ଗ୍ୟାସ ଆଉଟଲେଟ୍: ଏହାଦ୍ୱାରା ପ୍ରସ୍ତୁତ ବାୟୋଗ୍ୟାସ ବ୍ୟବହାରା କରାଯାଏ ।

### ବାୟୋଗ୍ୟାସ ଯନ୍ତ୍ରର ପ୍ରତିଷ୍ଠା:

ଏହାର ସ୍ଥାପନା ଲାଗି ପ୍ରାୟ ୧୫୦୦୦-୨୦୦୦ ଟଙ୍କା ଖର୍ଚ୍ଚ ହୁଏ, ଯାହା ୪-୫ ଜଣ ଲୋକଙ୍କ ପାଇଁ ୩ ଓଳି ଖାଦ୍ୟ ପ୍ରସ୍ତୁତ ଲାଗି ଯଥେଷ୍ଟ ଇନ୍ଧନ ଯୋଗାଇବାରେ ସକ୍ଷମ ।

- ଯେଉଁ କମ୍ପାନୀରୁ ଅର୍ଡର କରିବେ ସେଠିକାର କର୍ମଚାରୀମାନେ ଆସି ଏହାର ପ୍ରତିଷ୍ଠା କରିଥାନ୍ତି ।
- ଏହାକୁ କାର୍ଯ୍ୟକାରୀ କରିବା ଲାଗି ପ୍ରଥମଥର ନିର୍ଦ୍ଦିଷ୍ଟ ପରିମାଣର ଗୋବର ସହ ସମାନ ପରିମାଣର ପାଣି ମିଶାଇ ଡାଇଯେଷ୍ଟରରେ ପୂରାଇବାକୁ ପଡ଼େ ।
- ପ୍ରଥମ ଥର ପ୍ରାୟ ୪୦-୪୫ ଦିନ ପରେ ବାୟୋଗ୍ୟାସ ପ୍ରସ୍ତୁତ ହୁଏ । ତା’ ପରେ ସବୁଦିନ ଏହାର ଉପଲବ୍ଧି ହୋଇଥାଏ ।
- ବାୟୋଗ୍ୟାସ ପ୍ରସ୍ତୁତ ଲାଗି ଖରା ଦିନରେ ୩-୪ ଘଣ୍ଟା ଓ ଶୀତ ଦିନରେ ୬ ଘଣ୍ଟା ଆବଶ୍ୟକ ହୋଇଥାଏ ।
- ଦୈନିକ ବଗିଚାର ଆବର୍ଜନା ବା ଗୋବର ସହ ସମାନ ଭାଗର ପାଣି ମିଶାଇ ଇନଲେଟ୍‌ରେ ଭରିବାକୁ ପଡ଼େ ।






## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମସ୍ୟା ବହୁଳ...

ପାକିସ୍ତାନର କାଶ୍ମୀରମାନିଆ ଏବେ ସେ ଦେଶ ପାଇଁ ବୁମେରାଂ ପାଲଟିଛି ।ଏହି ପ୍ରସଙ୍ଗକୁ ନେଇ ଇସଲାମୀୟ ରାଷ୍ଟ୍ର ସଂଗଠନ (ଓଆଇସି)ର ଏକ ଜରୁରୀ ବୈଠକ ଡାକିବା ସକାଶେ ଇମ୍ରାନ ଖାଁ ସରକାର କୌଣସି ସୁଯୋଗକୁ ହାତଛଡ଼ା କରୁନାହାନ୍ତି ।ଏହି କ୍ରମରେ ସାଉଦି ଆରବକୁ ବାରମ୍ବାର ଅନରୋଧ କରି ବିଫଳ ହେବା ପରେ ପାକ୍ ବୈଦେଶିକ ମନ୍ତ୍ରୀ ଶାହା ମେହମୁଦ କ୍ୟୁରେସୀ ସାଉଦି ସରକାରଙ୍କୁ ଖୋଲାଖୋଲି ଭାବେ ସମାଲୋଚନା କରିଛନ୍ତି । କେବଳ ସମାଲୋଚନା ନୁହେଁ, ପରୋକ୍ଷ ଧମକ ମଧ ଶୁଣାଇଛନ୍ତି ଯେ ସାଉଦି ଆରବ ଓଆଇସିର ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକ ନଡକାଇଲେ ପାକିସ୍ତାନ ନିଜ ପ୍ରୟାସରେ ଏଭଳି ବୈଠକ ଡାକିବାକୁ ବାଧହେବ ।କ୍ୟୁରେସୀଙ୍କ ଏଭଳି ମନ୍ତବ୍ୟ ପାକିସ୍ତାନ ପାଇଁ ଏବେ ମହାଙ୍ଗା ପଡ଼ିଛି ।ସାଉଦି ଯୁବରାଜ ଏହାର ପ୍ରତିକ୍ରିୟାରେ ପାକିସ୍ତାନକୁ ଦେଇଥିବା ସମସ୍ତ ଜରୁରୀ ଅଗ୍ରିମ ରଣକୁ ବନ୍ଦ୍ କରିବା ସହ ପୂର୍ବରୁ ଯୋଗାଇଥିବା ରଣକୁ ତୁରନ୍ତ ଅସୁଲ କରିଛନ୍ତି । କେବଳ ସେତିକି ନୁହେଁ, ଶୋଚନୀୟ ଆର୍ଥିକ ସ୍ଥିତିରେ ଥିବା ପାକିସ୍ତାନକୁ ବାକିରେ ତୈଳ ଯୋଗାଣ ମଧ ବନ୍ଦ କରିଦେଇଛନ୍ତି ।ପ୍ରତୀୟମାନ ହୁଏ, ସାଉଦି ଆର୍ଥିକ ସହାୟତାରେ ଯେଭଳି ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଛି ।ପାକ୍ ବୈଦେଶିକ ମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ ବାହାର ଦୁନିଆ ଯେଉଁ ଦୃଷ୍ଟିରେ ଦେଖୁ ପଛେ, ଖୋଦ୍ ନିଜ ଦେଶରେ ଏବେ କ୍ୟୁରେସୀ ଘୋର ସମାଲୋଚନାର ଶରବ୍ୟ ହୋଇଛନ୍ତି ।ସ୍ମରଣଯୋଗ୍ୟ ଯେ, ଜାମ୍ମୁ କାଶ୍ମୀରରୁ ୩୭୦ ଧାରା ଉଚ୍ଛେଦଦ ଏବଂ ଏହି ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ କ୍ଷେତ୍ରରେ ବିଭାଜିତ କରିବା ଘଟଣାକୁ ପାକିସ୍ତାନ ସହଜରେ ହଜମ କରିପାରୁନାହିଁ ।ତେଣୁ ଚଳିତ ବର୍ଷ ଫେବ୍ରୁଆରୀ ଓ ମେ' ମାସରେ କାଶ୍ମୀର ପ୍ରସଙ୍ଗରେ ଓଆଇସିର ଜରୁରି ବୈଠକ ଡକାଇବା ଲାଗି ପ୍ରୟାସ କରି ପାକିସ୍ତାନ ବିଫଳ ହୋଇଛି ।ଓଆଇସି ୫୭ଟି ଇସଲାମୀୟ ରାଷ୍ଟ୍ରଙ୍କ ଏକ ସଂଗଠନ ହୋଇଥିଲେ ସୁଦ୍ଧା ସାଉଦି ଆରବ ହିଁ ଏହାର ମୁଖିଆ ।କିନ୍ତୁ ପରିବର୍ତ୍ତିତ ବିଶ୍ୱ ରାଜନୀତିରେ ରିୟାଧ କର୍ତ୍ତୃପକ୍ଷ ଭାରତକୁ ଅସନ୍ତୁଷ୍ଟ କରିବାକୁ ନଚାହିଁବା ସ୍ୱାଭାବିକ ।ଭାରତକୁ ଅସନ୍ତୁଷ୍ଟ କରିବା ଅର୍ଥ ବର୍ତ୍ତମାନ ପରିପ୍ରେକ୍ଷୀରେ ଆମେରିକାକୁ ରୁଷ୍ଟ କରିବା ସଙ୍ଗେ ସମାନ ।ଏକଥା ସାଉଦି ଯୁବରାଜ ମହମ୍ମଦ ବିନ୍ ସଲମାନଙ୍କୁ ବୁଝିବାକୁ ବାକି ନାହିଁ ।କିନ୍ତୁ ପାକିସ୍ତାନ ପୂର୍ବରୁ ପାଇଆସୁଥିବା ସହଯୋଗ ଆଶା କରି ଏଭଳି ମତ ମନ୍ତବ୍ୟ ଦେଇଚାଲିଛି ।କିନ୍ତୁ ସିନ୍ଧୁ ନଦୀରେ ଇତ୍ୟବସରେ କେତେ ପାଣି ବୋହି ସାରିଲାଣି ପାକ୍ ବୈଦେଶିକ ମନ୍ତ୍ରୀ କ୍ୟୁରେସୀ ତାହା ଚିନ୍ତା କରିବା ସମୀଚୀନ ହୋଇଥାନ୍ତା ।ଏବେ ପାକିସ୍ତାନ ସାଉଦି ଆରବର ଦାନ ଅର୍ଥରେ ପରିଚାଳିତ ।କିନ୍ତୁ ସାଉଦି ଆରବ କ୍ଷୁବ୍ଧ ହେବାପରେ ଚୀନଠାରୁ ଏକ ବିଲିଅନ ଡଲାର ରଣ ଆଣି ସେ ଦେଶକୁ ପାକିସ୍ତାନ ପରିଶୋଧ କରିଛି । କିନ୍ତୁ ଆଗାମୀ ଦଶବର୍ଷ ପାଇଁ ସାଉଦି ଯୁବରାଜ ସେ ଦେଶକୁ ପ୍ରାୟ ୨୦ ବିଲିଅନ ଡଲାର ରଣ ଓ ନିବେଶର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ସେଥିରେ ଭଟ୍ଟା ପଡ଼ିଯାଇଛି ।

ପାକିସ୍ତାନ ପାଇଁ ଏବେ ଉଭୟ ପଟୁ ବାଟ ବନ୍ଦ୍ ହୋଇଯିବା ପରି ମନେହୁଏ । ପ୍ରଥମତଃ କାଶ୍ମୀର ପ୍ରସଙ୍ଗରେ ସାଉଦି ଆରବକୁ ଛାଡ଼ି ମାଲେସିଆ, ତୁର୍କୀ ଓ ଇରାନଙ୍କ ସହାୟତାରେ ଓଆଇସିର ବୈଠକ ଡାକିବା ସେହି ସଂଗଠନକୁ ଦୁଇଭାଗ କରିବା ସଙ୍ଗେ ସମାନ ହେବ ।ଏହା ସାଉଦି ଆରବ କଦାପି ବରଦାସ୍ତ କରିବ ନାହିଁ । ପୁନଶ୍ଚ ପାକିସ୍ତାନକୁ କାଶ୍ମୀର ପ୍ରସଙ୍ଗରେ ସମର୍ଥନ କରିବା ଅର୍ଥ- ଆମେରିକା ଓ ଭାରତକୁ କ୍ଷୁବ୍ଧ କରିବା ସଙ୍ଗେ ସମାନ । ଏହା ସେ ଦେଶ ପାଇଁ ଆର୍ଥିକ ଦୃଷ୍ଟିରୁ ଘୋର କ୍ଷତିକାରରକ ହେବ ।ଅପରପକ୍ଷେ ଯେଉଁ ପାକିସ୍ତାନ ପ୍ରଧାନମନ୍ତ୍ରୀ ସାଉଦି ଯୁବରାଜଙ୍କୁ ନିଜ ଦେଶକୁ ସ୍ୱାଗତ କରି ବିମାନ ବନ୍ଦରଠାରୁ ବାସଭବନ ପର୍ଯ୍ୟନ୍ତ ନିଜେ ଗାଡ଼ି ଚଳାଇ ଆଣିଥିଲେ, ସେହି ଦେଶ ସାଉଦି ଆରବ ଆଡ଼କୁ ଆଙ୍ଗୁଠି ଦେଖାଇ ସମାଲୋଚନା କରିବା ଯୁବରାଜ ମହମ୍ମଦ ବିନ୍ ସଲମାନଙ୍କୁ କ୍ଷୁବ୍ଧ କରିବା ସ୍ୱାଭାବିକ । ସାଉଦି ଆରବର କ୍ଷୁବ୍ଧ ମନୋଭାବର ପ୍ରମାଣ ପାକିସ୍ତାନ ପାଇସାରିଛି ।ଦିନକୁ ଦିନ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଏକଘରିକିଆର ହୋଇ ଚାଲିଥିବା ପାକିସ୍ତାନ ଏବେ ତା'ର ସବୁଠାରୁ ବଡ଼ ଓ ପୁରୁଣା ବନ୍ଧୁରାଷ୍ଟ୍ରର ବିଶ୍ୱାସ ହରାଇ ବସିଛି । ଚୀନର ଇଙ୍ଗିତରେ ନାଚୁଥିବା ପାକିସ୍ତାନ ଓ ନିଜ ଦେଶର ସେନାବାହିନୀର ଆଶୀର୍ବାଦରେ କ୍ଷମତା ଉପଭୋଗ କରୁଥିବା ଇମ୍ରାନ ଖାଁ ଯେପରି ଚେସ୍ ବୋର୍ଡର ଚକ୍ରବ୍ୟୁହରେ ବାନ୍ଧି ହୋଇପଡ଼ିଛି ।




## ମୋକ୍ଷ....

ପୁସ୍ତମ ଯୁଆଡ଼ି

ତମେ ଅନ୍ଧାରକୁ ଗାଢ଼ ନିଦ୍ରାରେ
ସୁଆଇଦିଅନା
ସପ୍ନ କଥା ମୁଁ ବୁଝିବି,
ଆକ୍ୟୁରୀୟମର ମାଛମାନେ ଏବେ ବି
ଚଳଚଂଚଳ
ତମେ କବାଟ ଆଉଜେଇ ଦିଅ ନା
ତାରା ଗଣିବା କାମ ମୋର ।

ଏବେ ବା ସହର କଡ଼ ଲେଉଟାଉଛି
ରାତି ଆଉ ଟିକେ ଗାଢ଼ ହେଉ ।
ଝିଙ୍କାରୀ ତ ମାରିବେ
କିଏ ମନା କରିବ ଯେ ।

ବାଲକୋନିରେ ଗୋଲାପ ପରା
ଚହରା ଦେଉଛି ଏଇନେ
କାଳେ ଝୁମି ପଡ଼ିବନି,

ଲାଲ ଶାଢ଼ୀ ବଦଳେଇ ଦିଅ
ନିଛାଟିଆ ଦେଖି
ଭୁତୁଣୀ ସବାର ହେଇପାରେ
କଞ୍ଚା ମାଂସ ଲୋଭରେ ।

ତମେ ତରଲିବା ଆରମ୍ଭିଲେ କହିବ
ପଖାଳିଦେବି ନିଜକୁ
କଞ୍ଚାରକ୍ତ ଟିକେ ଗରମ କରି
ଚେଁଚେଁ ସେକିଦେବି ଦି ଚାରିଟା ରୁଟି ।

ଏବେ ଶୋଇପାର ।

ଏକା ଏକା କଷୁଥିବି
ଅବଶୋଷ, ପ୍ରତିଶୋଧ,
ହରଣ, ଗୁଣନ, ମାନସାଙ୍କ
ତମାମ୍ ଅତୀତର ଗଣିତ
କଳ୍ପବୃକ୍ଷ ପରା ଢେର ଦୂର ଏବେ ।

ମେଘାଳୟର ଛାତିରେ ହୋଲି ଖେଳିବା
କଣ୍ଢା ଦୋଳିରେ ଦୋଳୁଦୋଳୁ ବଖାଣିବି
ଇହପର ଜନ୍ମର ଜାତକ ।

ସକାଳ ହେବାକୁ ଆଉ ଗୋଟେ ପ୍ରହର ବାକି
ଦେଖିବ ରାତି ପାହିବା ଆଗରୁ
ମୋକ୍ଷ ପ୍ରାପ୍ତି ଅବସମ୍ଭାବୀ ।


+ ଭୁତିବାହାଲ, ଗାଇସିଲାଟ, ବରଗଡ଼
ମୋ: ୬୩୭୧୪୧୯୩୩୪



ମାୟାଧର ନାୟକ


# ଚକ୍ରବ୍ୟୂହର ଚରିତ୍ରଲିପି



ମହାଭାରତର ଚକ୍ରବ୍ୟୂହକୁ ବର୍ଣ୍ଣନା କରାଯାଇପାରେ, ମାତ୍ର ଆମ ସମୟର ଚକ୍ରବ୍ୟୂହ ଅବର୍ଣ୍ଣନୀୟ । କେବଳ ଅବର୍ଣ୍ଣନୀୟ ନୁହେଁ - ଅଦୃଶ୍ୟମାନ । ଏହି ଅଦୃଶ୍ୟମାନ ଚକ୍ରବ୍ୟୂହରେ ପ୍ରତିନିୟତ ଅଗଣିତ ଅଭିମନ୍ୟୁଙ୍କୁ ନିଧନ କରାଯାଉଛି । ସାରା ପୃଥିବୀର ତାରୁଣ୍ୟ ଏଇ ଚକ୍ରବ୍ୟୂହ ମଧ୍ୟରେ ତୀରବିଦ୍ଧ, ଅସିବିଦ୍ଧ ଅବସ୍ଥାରେ ଉର୍ଦ୍ଧଶ୍ୱାସ - ଅଥଚ ଏ ଅବସ୍ଥା ଦେଖିବାକୁ ଆଖି ନାହିଁକିସାକ୍ଷୀ ନାହିଁ । ଏହା ତେବେ କିଭଳି ଚକ୍ରବ୍ୟୂହ ? କେଉଁଠି ଯୁଦ୍ଧ ଚାଲିଛି ? କାହିଁକି ?

ପ୍ରଶ୍ନ ପ୍ରଚୁର । ମାତ୍ର ଉତ୍ତର ନାହିଁ । ଯୁଆଡେ ଅନାଇବେ କେବଳ କବନ୍ଧ । ଗୋଟିଏବି ମୁହଁ କେଉଁଠି ଦିଶୁ ନାହିଁ । ମୁହଁ ଥିଲେ ସିନା କଥା ଶୁଣିବା, ମୁଖା ଗୁଡାକ କଣ କହିବେ ?

ଆମ ଆଗରେ ଏବେ ଖାଲି ମୁଖାପିନ୍ଧା କୋଳାହଳକାରୀ ।

ମନର କଥା ନାଆଁନେଇ ଯାହାସବ କୁହାଯାଉଛି ଆଉ ଶୁଣାଯାଉଛି - ସେସବୁ କଥା ମୁଖାର କଥା ।ଭାରି ଭଲ ଶୁଣାଯାଏ, କିନ୍ତୁ ସାମ୍ନାର ଶ୍ରୋତାସମାଜକୁ ଭୁଲେଇ ଭାଲେଇ ନିଜ ମତଲବ ଚରିତାର୍ଥ ଚୋରା ସ୍ୱାର୍ଥଟାଏ ତା' ଭିତରେ ଛପିରହିଛି ।

ଏସବୁ ପ୍ରହସନ ଦିନୁଦିନ ବଢିଚାଲିଛି । ମୁଖାର କଥା ଶୁଣି ଏତେ ମୁଗ୍ଧ ହୋଇପଡୁଛୁ ଯେ ବେଶ୍ ଆରାମ୍‌ରେ ଆମେ ସବୁ ଶୋଇପଡୁଛୁ - ଘୁଂଘୁଡି ମାରୁଛୁ - ନିଦରେ ସ୍ୱପ୍ନ ଦେଖୁଛୁ । ଶୋଇପଡୁଛୁ - ଶୋଇ ଶୋଇ ଏପରି ଅଭ୍ୟାସ ହୋଇଯାଇଛି ଯେ ଉଠିବାକୁ ଇଚ୍ଛା ନାହିଁ । ଘୁଂଘୁଡି ମାରୁଛୁ - ତେଣୁ ଶୟନକକ୍ଷ ବାହାରେ ଯେ ଘଡଘଡିଚଡଚଡି ମାରିଲାଣି ଶୁଭୁନାହିଁ । ସ୍ୱପ୍ନ ଦେଖୁଛୁ - ଏଣୁ ଚକ୍ରବ୍ୟୂହ ରଚନା କରି ଆଜିର ଅଭିମନ୍ୟୁମାନଙ୍କ ଅନ୍ତ ପାଇଁଚକ୍ରାନ୍ତ ଚଳାଇଥିବା କୁଟିଳ ଚେହେରା ଗୁଡାକ ଦିଶୁନାହିଁ । ଯଦି ଶୋଇବାର ଅଭ୍ୟାସ ଛାଡି ଉଠିବାକୁ ଆରମ୍ଭ କରିବା, ମୁଖାଗୁଡାକୁ ଚିହ୍ନିପାରିବା । ଯଦି ଘୁଂଘୁଡିଛାଡି ଗର୍ଜିବାକୁ ପଣ କରିବା, ମୁଖାପିନ୍ଧା ମତଲବୀଗୁଡାକର ରଡି ପଛର ରହସ୍ୟ ଠଉରେଇ ପାରିବା । ଯଦି ସ୍ୱପ୍ନରେ ବାଉଳା ନ ହୋଇ ଆଖି ଫିଟାଇବା, ଭୟାବହ ବାସ୍ତବତାର ଅସଲ ଉଦ୍ଦେଶ୍ୟଗୁଡାକୁ ଚିହ୍ନଟ କରିପାରିବା । ସମସ୍ତେ - ହଁ, ଆମେ ସମସ୍ତେ ପ୍ରତାରିତ । ମୁଖାର କଥା ଯେ ମନର କଥା ନୁହେଁ, କେତେ ସହଜରେ ବୁଝିଯିବା ଭଳି ଏ ମିଛଟାକୁ ମହାସତ୍ୟ ମଣି ଏଯାବତ୍ ମୁଣ୍ଡେଇ ଚାଲୁଚୁ । ଆମରି ଏ ସରଳ ବିଶ୍ୱାସ ଯୋଗୁ ମିଛକୁ ମଣିମା ଆସନ ମିଳିଛି - ସତଟା ମିଛ ଦ୍ୱାରା ଜାରିକରାଯାଇଥିବା ବନବାସ ଆଜ୍ଞା ପାଳି କୋଉଠି କୋଉ ଅପନ୍ତରାର ଆପଦ ମଝିରେ ମଣିଷ ଖୋଜୁଛି ।

ମିଛ ଦ୍ୱାରା ସତ୍ୟ ପ୍ରତି ଏ ଶାସ୍ତି ବିଧାନକୁ ମାନିନେବା ପାଇଁ ଆମେ ଜନ୍ମ ହୋଇ ନାହୁଁ । ସ୍ୱାଧିକାର ଯଦି ମଣିଷର ଜନ୍ମଗତ ଅଧିକାର, ତା'ହେଲେ ସେଇ ଅଧିକାରକୁ ଆମେ ଆଜିଠାରୁ ପୁନଘୋଷଣା କରିବାର ସାହସ ପ୍ରଦର୍ଶନ କରିଚାଲିବା ଆମରଣ । ଅମଣିଷ ଦଳର ଅପଶକ୍ତି ପ୍ରଦର୍ଶନ ଆଗରେ ଆମର ଏ ଆମରଣ ସତ୍‌ସାହସ ପ୍ରଦର୍ଶନ ଦ୍ୱାରା ସତ୍ୟର ବନବାସ ଶେଷହେବ - ମନୁଷ୍ୟତ୍ୱର ଅଜ୍ଞାତବାସ ଅନ୍ତ ହେବ ।

ଚକ୍ରବ୍ୟୂହରେ ପ୍ରବେଶ କରିବାକୁ ରଥ ଆରୋହଣ ଯେପରି ପ୍ରୟୋଜନ, ଚକ୍ରବ୍ୟୂହରୁ ବାହାରି ଆସିବାକୁ ପଥ ଅନ୍ୱେଷଣ ସେହିପରି ଆବଶ୍ୟକ । ଏ ରଥରେ ଆମେ ରଥୀ, ମାତ୍ର ସାରଥି ହେଉଛି ଆମରସଂକଳ୍ପ । ଏ ପଥରେ ଆମେ ପଦାତି, ମାତ୍ରସେନାପତି ହେଉଛି ଆମର ସୂକ୍ଷ୍ମବିଚାର ।

ସୂକ୍ଷ୍ମବିଚାରବଦ୍ଧ ସଂକଳ୍ପ ସମ୍ମୁଖରେ ଚକ୍ରବ୍ୟୂହ ଦୀର୍ଘ ସମୟତିଷ୍ଠି ପାରେନା । ଚକ୍ରବ୍ୟୂହ ରଚନା କରିଚାଲୁ ଥିବା ଚରିତ୍ରଗୁଡାକୁ ଆମେ ଚେତନାସ୍ତ୍ରସହାୟତାରେ ଭୂଲୁଣ୍ଠିତକରି ଦେଇପାରିବା । ଏଇ ଚେତନାସ୍ତ୍ରର ଅଧିକାର ହୋଇପାରିଲେ ହିଁ ଆଜିର 'ଅବର୍ଣ୍ଣନୀୟ' ଓ 'ଅଦୃଶ୍ୟମାନ' ଚକ୍ରବ୍ୟୂହର ଚରିତ୍ର ଅନାୟାସରେ ଚିହ୍ନଟ ହୋଇପାରିବ । ଜଳଜଳ ଦିଶିବ ଛଦ୍ମବେଶର ଛଳନା ସବୁ । ତା'ପରେ ବାକି କାମ ଆମର ।

ଜଳ, ଜମି, ଜଙ୍ଗଲ । ଚାରିପଟେ ଦଳ, ଦଲାଲ୍, ଦଙ୍ଗଲ । ଇଏ ଚକ୍ରବ୍ୟୂହର ଗୋଟିଏ ଝଲକ । ଖେତ, ଖମାର, ଖଣି । ଆଖେପାଖେ ଖଳ, ଖଚଡ, ଖୁଣୀ । ଚକ୍ରବ୍ୟୂହର ଇଏ ଆଉଗୋଟିଏ ଦୃଶ୍ୟ ।

ଚରମାନେ ଚାରିଆଡେ ।

ଚୋରମାନେ ଚାରିଆଡେ ।

ଚର ଆଉ ଚୋରମାନେ ଚରିଯାଇଛନ୍ତି ସବୁଠି - ଚକ୍ରବ୍ୟୂହ ତିଆରି ଚାଲିଛି ସବୁଠି । ରାଜନୀତି, ଅର୍ଥନୀତି, ସଂସ୍କୃତି - ସବୁ ଆଜି ପାଲଟି ଯାଇଛି ଚକ୍ରବ୍ୟୂହର ଚକବନ୍ଦି !

ଆଜି ଶଗଡିଆକୁ ପଗଡିଆ ବାନ୍ଧିନେଉଛି, ମାତ୍ର ଦିଗୋଡିଆ ଦୁରାତ୍ମାମାନେ ପାଟଶିରିପା ଆଉ ପାଗପଗଡିବାନ୍ଧି ମଠ, ମହଲ, ମସ୍‌ନଦ୍ ସବୁକିଛି ଅକ୍ତିୟାର କରିଯାଇଛନ୍ତି । ଆମେ ସ୍ୱପ୍ନାବିଷ୍ଟ ଅବସ୍ଥାରେ ଅଛୁବୋଲି ଆଜି ଏଇଭଳି ବିକଟାଳବାବତା ସାରା ଦୁନିଆଟାକୁ କରିସାରିଲାଣି ଚତୁରଚଂଚକମାନଙ୍କ ଚକ୍ରବ୍ୟୂହ । ଏଇଭଳି ଚକ୍ରବ୍ୟୁହ ରଚନାକରିଚାଲୁଥିବା ଚରିତ୍ରଗୁଡାକୁ ଆମେ ଚେତନାସ୍ତ୍ରସହାୟତାରେ ଭୂଲୁଣ୍ଠିତ କରିପାରିବା । ଏହି ଚେତନାସ୍ତ୍ରର ଅଧିକାରୀ ହୋଇପାରିଲେହିଁ ଆଜିର 'ଅବର୍ଣ୍ଣନୀୟ' ଓ 'ଅଦୃଶ୍ୟମାନ' ଚକ୍ରବ୍ୟୁହର ଚରିତ୍ର ଅନାୟାସରେ ଚିହ୍ନଟ ହୋଇପାରିବ । ଜଳଜଳ ଦିଶିବ ଛଦ୍ମବେଶର ଛଳନାସବୁ ।

ଆମେ ଭସ୍ମାସୁରମାନଙ୍କୁ ଶାସନବ୍ୟବସ୍ଥା ସମର୍ପଣ କରିସାରିଛୁ । ଆମରି ସମ୍ମିଳିତ ସମର୍ଥନର ଶକ୍ତିରେ ସେମାନଙ୍କର ସୃଷ୍ଟି - ମାତ୍ର ସେ ଶକ୍ତିର ପରୀକ୍ଷା ପାଇଁ ଆମକୁ ହିଁ ଆଗେଖର୍ବ କରି ଗର୍ବ ପ୍ରକଟ କରୁଛନ୍ତି ସେମାନେ । ରାଜକୋଷ, ଜନକୋଷ ଆଜି ଅପ୍ରମିତ ଅପଚୟରେ ଆକ୍ରାନ୍ତ । ଅର୍ଥନୀତିକମାନ୍ଦାବସ୍ଥାକୁ ନେଇ ବିଦେଶୀ ତତ୍ତ୍ୱର ନାଗରା ପିଟା ଯାଉଥିଲା ବେଳେ ପୃଥିବୀର ସର୍ବାଧିକ ବ୍ୟୟରେ ନିର୍ମିତ ଦେଶୀ ପୁଞ୍ଜିପତି ମୁକେଶ ଆମ୍ବାନିଙ୍କ ବାସଗୃହ ବାବଦରେ ରୋଚକ ବିବରଣୀ ପଢୁଛୁ । ଏଇଭଳି ଅଜସ୍ର ବିରୋଧାଭାସ ସଂପ୍ରତି ସ୍ପଷ୍ଟ । ଯେଉଁ ସମୟ ଆଜି ଆମେ ସାମ୍ନା କରୁଛୁ, ସେ ସମୟ ଐକ୍ୟବଦ୍ଧ ଅମଣିଷ ବର୍ଗ ଦ୍ୱାରା ସରଳ ନିରୀହ ମଣିଷମାନଙ୍କ ମୂଲ୍ୟବୋଧକୁ ମୂଳପୋଛ କରିଦେଉଥିବାର ଦୁଃସମୟ ।


+ ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩



ଇଂ. ବିଦ୍ୟାଧର ପଣ୍ଡା


# ଭାରତୀୟ ରାଜନୀତିରେ ସିନ୍ଧିଆ ରାଜବଂଶର ଭୂମିକା



ଆମ ଶିକ୍ଷା ଓ ପରୀକ୍ଷା ପଦ୍ଧତି ରାଜ୍ୟ ଓ ଜାତିର ବିକାଶମୂଳରେ ଆମ ଶିକ୍ଷା ଓ ପରୀକ୍ଷା ପଦ୍ଧତିର ଗୁରୁତ୍ୱ ବେଶି ଅଛି। ଏବେ ବହୁତ ଉଚ୍ଚଶିକ୍ଷିତ ଡାକ୍ତରୀ ଇଂଜିନିୟରିଂ ପାଠ୍ୟକ୍ରମ ଶେଷକରି ରାଜନୀତିକୁ ଆସୁଛନ୍ତି। ସେମାନଙ୍କ ମୁହଁରୁ ଅନେକ ସମୟରେ ଆମ ଶିକ୍ଷା ଓ ପରୀକ୍ଷା ପଦ୍ଧତିର ବିଶ୍ଲେଷଣାତ୍ମକ ସୁନ୍ଦରସୁନ୍ଦର ଭାଷଣମାନ ଶୁଣିବାକୁ ମିଳୁଛି। କିଏ କହୁଛି ଅଂଗ୍ରେଜଲୋକ ଏପରି ଶିକ୍ଷା ଓ ପରୀକ୍ଷା ପଦ୍ଧତି ପ୍ରଚଳନ କରିବା ପଛରେ ଭାରତୀୟମାନଙ୍କ ଭିତରେ ତାଙ୍କ ବ୍ୟବସାୟ ପାଇଁ କିରାଣୀଗୁଡିଏ ସୃଷ୍ଟିକରିବା ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କିନ୍ତୁ ଏବେ ଏହାର ପରିବର୍ତ୍ତନ ଅନିବାର୍ଯ୍ୟ ହୋଇପଡିଛି। ସତକୁ ସତ ଆମ ରାଜ୍ୟରେ ଅଧିସ୍ନାତକ ପରୀକ୍ଷାରେ କୃତକାର୍ଯ୍ୟ ହୋଇମଧ ଯେ କୌଣସି ସରକାରୀ ଅଫିସରେ ଚପରାସିଟିଏ ପାଇଁ ଆବେଦନ କରିବାକୁ ଯୁବଗୋଷ୍ଠି ପଛାଉନାହାନ୍ତି। ଶିକ୍ଷା ବ୍ୟକ୍ତିକୁ ମାର୍ଜିତ ଓ ସଂସ୍କୃତିସମ୍ପନ୍ନ ହେବାରେ ତଥା ଉପଯୁକ୍ତ ସମୟରେ ଉପସ୍ଥିତ ବୁଦ୍ଧି ପ୍ରୟୋଗକରି ଉପଯୁକ୍ତ ନିଷ୍ପତ୍ତି ନେବାରେ ସାହାଯ୍ୟ କରିଥାଏ। ସେଥିପାଇଁ ସମାଜର ଅଗ୍ରଗତିରେ ଶିକ୍ଷାର ଭୂମିକାକୁ ଅଣଦେଖା କରି ସ୍ୱପ୍ନ ପରେ ସ୍ୱପ୍ନ ଦେଖି ଚାଲିଲେ ଲାଭ କ'ଣ !

ପ୍ରଥମକଥା ହେଲା ସାମ୍ପ୍ରତିକ ଶିକ୍ଷା ପଦ୍ଧତିରେ ସଂସ୍କାର ସହ ଆମୂଳଚୁଳ ପରିବର୍ତ୍ତନ ଦରକାର। ସେଥିପାଇଁ ଉଚ୍ଚଉଚ୍ଚ ପଦବୀରେ ଉପବିଷ୍ଟ ଅଧିକାରୀ ତତ୍ପର ପ୍ରକାଶକରି ନିଜର ସୁଚିନ୍ତିତ ମତାମତ ରଖି ଏଦିଗରେ କାର୍ଯ୍ୟ ତ୍ୱରାନ୍ୱିତ କରିବା ବିଧେୟ। ଭାରତ ଦିନେ ବିଶ୍ୱଗୁରୁ ଥିଲା। ଗୁରୁକୁଳ ଆଶ୍ରମରେ ଶ୍ରେଷ୍ଠ ଗୁରୁଶିଷ୍ୟ ପରମ୍ପରା ସହ ଉତ୍ତମ ଶିକ୍ଷାଦାନ ବ୍ୟବସ୍ଥାର ଉଦ୍ଭାବନ କରିଥିବା ଦେଶ ଆଜି ହତାସ। ଆମର ପ୍ରାଚୀନ ଐତିହ୍ୟ ଓ ଗୌରବର ଗାଥା ଗାଇ ବଜେଇ ନିଜପିଠିକୁ ନିଜହାତରେ ଥାପୁଡେଇ ସାବସ୍ ସାବାସ୍ କହି କେତେଦିନ ଚାଲିବା ? ବିଶ୍ୱ ବୈଦିକ ଶିକ୍ଷାପଦ୍ଧତିର ସାରମର୍ମ ବୁଝି ଗବେଷଣା କଲାବେଳକୁ ଆମ ଭିତରେ ସେମାନେ ପରିତ୍ୟାଗ କରୁଥିବା ପଶ୍ଚିମୀ ଶିକ୍ଷାଢାଂଚାକୁ ଆପଣେଇବାରେ ପ୍ରତିଯୋଗିତା କରୁଥିବାର ଦେଖିବାକୁ ମିଳୁଛି। ପ୍ରତି ଜିଲ୍ଲାରେ ଅଗଣିତ ଇଂରାଜୀ ମାଧ୍ୟମ ସ୍କୁଲ୍ ଖୋଲିବାପାଇଁ ସରକାର ଅନୁମତି ଦେଉଛନ୍ତି। ଖାଲି ଅନୁମତି ଦେଉନାହାନ୍ତି, ଆମ ଛୁଆଟି ପ୍ରଥମରୁ ଇଂରାଜୀରେ ଦକ୍ଷତା ହାସଲ କଲେ ହିଁ ଭଲମଣିଷ ହୋଇ ଭଲ ଭବିଷ୍ୟତ ଗଢିପାରିବ ବୋଲି ବିଶ୍ୱାସ କରି ସରକାରୀ ବିଦ୍ୟାଳୟ ଗୁଡିକରେ ପ୍ରଥମରୁ ଇଂରାଜୀଭାଷାର ଶିକ୍ଷାପାଇଁ ନିର୍ଦ୍ଦେଶନାମା ମଧ ପ୍ରଦାନ କଲେଣି। କିନ୍ତୁ ଆମର ପୁରାତନ ଶିକ୍ଷାଦ୍ୱାରା ଗୁରୁଙ୍କଠାରୁ ଶିଷ୍ୟ ଯେଉଁ ଶାସ୍ତ୍ରଜ୍ଞାନ ସହ ଦୟା, କ୍ଷମା, ତ୍ୟାଗ, ସଂଯମତା, ସହିଷ୍ଣୁତା, ପରୋପକାର ଓ ଚରିତ୍ରଗଠନ ସହ ଅଧ୍ୟାତ୍ମ ଜୀବନ ଶୈଳୀର ଉପଦେଶମାନ ପାଉଥିଲେ ସେଥିପ୍ରତି ଆମର ଭୃକ୍ଷେପ ନାହିଁ। ସେପରି ଶିକ୍ଷାପଦ୍ଧତି ବ୍ୟକ୍ତିକୁ କଠୋର କର୍ମପ୍ରବଣତା ସହ ଜୀବନଯାପନ ସମୟରେ ନିତିଦିନ ଆସୁଥିବା ବାଧାବିଘ୍ନର ସମାଧାନ ସୂତ୍ର ବାହାରକରିବାରେ ସମର୍ଥ କରାଉଥିଲା। ସେକାଳରେ ଗୁରୁକୁଳରୁ ବାହାରି ଛାତ୍ରମାନେ ଏମିତି ଚାକିରିପଛରେ ଧାଇଁ ଧାଇଁ ନିରାଶ ହେଉନଥିଲେ। ଅଧିକାଂଶ ଛାତ୍ର ସେତେବେଳେ ଆତ୍ମନିର୍ଭରଶୀଳ ହୋଇ ନିଜେ ନିଜେ ସ୍ୱତନ୍ତ୍ର କର୍ମପନ୍ଥା ଆଦରି ସ୍ୱାବଲମ୍ବୀ ହେବାକୁ ମନ ବଳାଉଥିଲେ।

ଆମ ଶିକ୍ଷା ପଦ୍ଧତିର ସମୀକ୍ଷା ଏବଂ ପରିବର୍ତ୍ତନ ପାଇଁ ଅତୀତରେ ବହୁ କମିଟି ଓ କମିଶନ ଏ ଦେଶ ଦେଖିଛି, ହେଲେ ଫଳ ଶୂନ। କୋଠାରୀ କମିଶନ, ମୁଦାଲିୟର୍ କମିଶନ୍, ରାଧାକ୍ରିଷ୍ଣନ୍ କମିଶନ୍, ଆଚାର୍ଯ୍ୟ ରାମମୂର୍ତ୍ତି କମିଟି. ଅରୁଣଘୋଷ କମିଟି ଆଦି ଦ୍ୱାରା ଦେଶର ବହୁ ଅର୍ଥଶ୍ରାଦ୍ଧ କରାଯାଇ ଯେଉଁସବୁ ସୁଚୁନ୍ତିତ ମତାମତ ଆସିଥିଲା ସେସବୁ ଲାଗୁକଲା ବେଳକୁ ତତ୍କାଳୀନ ସରକାରଙ୍କଦ୍ୱାରା କାର୍ପଣ୍ୟତା ଦେଖାଦେଲା। ଏବେ ଆମଦେଶରେ ଯେଉଁ ବିଶ୍ୱବିଦ୍ୟାଳୟ ଶିକ୍ଷାର ବ୍ୟବସ୍ଥା ପ୍ରଚଳିତ ତାହା ସମାଜର ତଥା ବ୍ୟକ୍ତି ବିଶେଷ ଜୀବନର ଆବଶ୍ୟକତା ପୂରଣ କରିବାରେ ସମ୍ପୂର୍ଣ୍ଣ ଅସମର୍ଥ। ଏହାର ଫଳାଫଳ ସ୍ୱରୂପ ବର୍ଷକୁ ବର୍ଷ ସ୍ନାତକ ଓ ସ୍ନାତୋକତ୍ତର ଉପାଧି ଲାଭ ପରେପରେ ଶହଶହ ସଂଖ୍ୟାରେ ନୂଆ ନୂଆ ଯୁବବେକାର ସୃଷ୍ଟିହୋଇ ସରକାର ଉପରେ ବୋଝ ହେଉଛନ୍ତି। ବୃତ୍ତିଗତ ଓ ବୈଷୟିକ ଶିକ୍ଷାର ବହୁଳ ପ୍ରଚାର ପ୍ରସାର ପାଇଁ ଗଠିତ ପ୍ରତ୍ୟେକ କମିଶନ୍ ଓ କମିଟି ମତ ଦେଇଛନ୍ତି। ମହାତ୍ମାଗାନ୍ଧୀ ମଧ ଅନୁରୂପ ଉପଦେଶ ଦେଇଥିଲେ। ଶାରୀରିକ ଓ ମାନସିକ ଉଭୟ ଆମ ଶିକ୍ଷାପଦ୍ଧତିର ଦୁଇଟି ମୁଖ୍ୟସ୍ତମ୍ଭ ସହ ହସ୍ତକର୍ମ ଓ ଲଘୁଦ୍ୟୋଗ ଉପରେ ମଧ ଗୁରୁତ୍ୱ ଦେବାକୁ ଗାନ୍ଧିଜୀ ନିଜର ମତ ରଖିଥିଲେ। ବିଭିନ୍ନ ସମୟରେ ସରକାର ଶିକ୍ଷାର ପ୍ରଚାର ପ୍ରସାର ପାଇଁ ଅନେକ ଯୋଜନା ସବୁ କରୁଥିଲେ ବି ଏପର୍ଯ୍ୟନ୍ତ ଆଶାଜନକ ସଫଳତା ମିଳିପାରିନାହିଁ। ସାକ୍ଷରତା ହାର ବୃଦ୍ଧିକରି ଯଦି ଆମରାଜ୍ୟ ଅଳ୍ପକିଛି ବର୍ଷଭିତରେ ଟିପଚିହ୍ନମୁକ୍ତ ରାଜ୍ୟ ହିସାବରେ ନିଜ ପରିଚୟ ସୃଷ୍ଟିକରି ଖୁସି ହେବାକୁ ଯୋଜନା କରିଛି ତେବେ କିଛି କହିବାର ନାହିଁ। ଯଦି ସତରେ ଜାତି ଓ ସମାଜର ଉନ୍ନତି ସାଧନ ଉଦ୍ଦେଶ୍ୟରେ ଶିକ୍ଷାର ପ୍ରକୃତ ସହଭାଗିତା ବଢାଇବାର ଚିନ୍ତା ଅଛି ତେବେ କେବଳ ଆଦର୍ଶ ବିଦ୍ୟାଳୟ ନୁହେଁ, ରାଜ୍ୟର ସମସ୍ତ ବିଦ୍ୟାମନ୍ଦିରଗୁଡିକ ପାଇଁ ସମଦର୍ଶୀ ହୋଇ ସବୁଦୃଷ୍ଟିରୁ ସବୁଗୁଡିକୁ ଦୋରସ୍ତ କରିବାକୁ ପଡିବ।

ଦ୍ୱିତୀୟ କଥାହେଲା ପରୀକ୍ଷା ପଦ୍ଧତି। ଅଧ୍ୟୟନ ଠାରୁ ଆରମ୍ଭକରି ଚାକିରିରେ ନିଯୁକ୍ତି ପର୍ଯ୍ୟନ୍ତ ଜଣେ ବ୍ୟକ୍ତିକୁ ଅନେକ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡିଥାଏ। କିନ୍ତୁ ଏଠାରେ ଆମେ କେବଳ ଶିକ୍ଷାଧ୍ୟୟନ ପରେ ବିଦ୍ୟାଳୟଗୁଡିକରେ ହେଉଥିବା ପରୀକ୍ଷା କଥା କହୁଛେ। ଗତ ପରୀକ୍ଷାରେ କପି ଓ ପ୍ରଶ୍ନପତ୍ର ଚୋରି ଦେଖି ଲାଗିଲା ଯେ ଆମ ରାଜ୍ୟରେ ଆଗକୁ ସବୁପରୀକ୍ଷା ଏମିତି ହିଁ ଚାଲିବ। କାରଣ ଯେତିକି ଅଧିକାରୀ ପରୀକ୍ଷାଟିକୁ ସ୍ୱଚ୍ଛ ଓ ନିର୍ମଳ କରିବାକୁ ଚାହୁଁଛନ୍ତି ସେମାନଙ୍କ ଠାରୁ ବହୁଗୁଣରେ ଅଧିକବ୍ୟକ୍ତି ପରୀକ୍ଷାକୁ ଅସ୍ୱଚ୍ଛ ଓ ଦୁର୍ନୀତିଯୁକ୍ତ କରିବାକୁ ପରୀକ୍ଷାସମୟକୁ ଅପେକ୍ଷା କରି ବସିଛନ୍ତି। ସରକାରଙ୍କର ତ ଶିକ୍ଷାମନ୍ତ୍ରୀ ମାତ୍ର ଜଣେ। ଗଣମାଧ୍ୟମରେ କାର୍ଯ୍ୟରତଭାଇଟି ଦୌଡିଯାଇ ମନ୍ତ୍ରୀଙ୍କ ମୁହଁରେ ମାଇକ୍ରୁମ୍ ଲଗେଇ ପ୍ରତିକ୍ରିୟା ଦେବାକୁ କହିଲା ବେଳକୁ ତାଙ୍କପାଖରେ ଏ ବିଷୟରେ ତଥ୍ୟ ନାହିଁ। ବିଧାନସଭାରୁ ବାହାରୁବାହାରୁ ପଚାରିଲେ ସିଏ ବା କେମିତି କ'ଣ କହିବେ ପ୍ରଶ୍ନପତ୍ର କିଏ ଚୋରି କଲେ ? କୋଉଠି କେମିତି କପିସବୁ ଧରା ପଡିଛି ? ସବୁଠାରୁ ମାରାତ୍ମକ ବିଷୟଟି ହେଲା ଏଥିରେ ଛାତ୍ରଟିର ଗୁରୁ ଏବଂ ନିଜ ଅଭିଭାବକ ସମ୍ପୃକ୍ତ। ଏହି ଗୋଟିଏ ପରୀକ୍ଷାରେ ସଫଳତା ମିଳିଗଲେ କ'ଣ ଛାତ୍ରଟି ଜୀବନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିବ ! ଅନ୍ୟକଥାଟି ହେଲା ରାଜନୀତି। ବିରୋଧିଦଳ ନେତାମାନଙ୍କର ତୁରନ୍ତ ବୟାନ୍‌ବାଜି ଚାଲୁ। ବେଳେବେଳେ ଶିକ୍ଷାମନ୍ତ୍ରୀଙ୍କର ଇସ୍ତଫା ଯାଏଁ ବି କଥା ଚାଲିଯାଉଛି। ଯଦିଓ ଆମର ପରୀକ୍ଷା ପଦ୍ଧତିରେ ସଂସ୍କାର ଆଣି ସ୍ୱଚ୍ଛକରିବାକୁ ଆମେ ଅବିରତ ଚେଷ୍ଟାକରିଆସୁଛେ ତଥାପି ପ୍ରତ୍ୟେକ ବର୍ଷ କିଛିନା କିଛି ତ୍ରୁଟିଯୋଗୁଁ ଶିକ୍ଷାବିଭାଗ ଓ ମନ୍ତ୍ରୀମହୋଦୟଙ୍କୁ ସମାଲୋଚନାର ଶରବ୍ୟ ହେବାକୁ ପଡୁଛି। କିନ୍ତୁ ଏସବୁକୁ ଅଣଦେଖା କଲେ ବି କିଛିଛାତ୍ରଙ୍କ ଭବିଷ୍ୟତ ଉପରେ ଆଂଚ ଆସିବ। ତେବେ କ'ଣ ରାଜ୍ୟରେ ଶିକ୍ଷାମନ୍ତ୍ରୀ ଥାଉଥାଉ ସୁଚାରୁରୂପେ ପରୀକ୍ଷା ପରିଚାଳନା କରିବାକୁ ରାଜ୍ୟରେ ଆଉଜଣେ ବରିଷ୍ଠ ରାଜନେତାଙ୍କୁ ପରୀକ୍ଷାମନ୍ତ୍ରୀ ରୂପେ ନିଯୁକ୍ତି ଦିଆଯିବା ଦରକାର ପଡିଲାଣି କି ! ଏକଥା ପାଠକ ବିଚାର କରନ୍ତୁ, ହେଲେ ଶିକ୍ଷା ଓ ପରୀକ୍ଷା ପଦ୍ଧତିରେ ଯଦି ଶୀଘ୍ର ପରିବର୍ତ୍ତନ ନ କରାଯାଏ ତେବେ ବେକାର ସମସ୍ୟା ଯେଉଁ ସଙ୍କଟଜନକ ସ୍ଥିତିଆଡକୁ ଅଗ୍ରସର ହେଉଛି ତାର ଭୟାବହ ପରିଣତି ଆମରାଜ୍ୟରେ ଆଗାମୀ ଦିନରେ ନିଶ୍ଚିତ ଦେଖିବାକୁ ମିଳିବ।


+ ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍‌ଏଲ୍‌ବି
ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ / ୭୯୭୮୦୧୯୦୮୧,
bdpanda1@gmail.com

## ସ୍ୱାସ୍ଥ୍ୟ ମନ୍ତ୍ର

ପରିସ୍ରା ସଂକ୍ରମଣ ଏକ ଯନ୍ତ୍ରଣାଦାୟକ ରୋଗ । ଉଭୟ ପୁରୁଷ ଓ ମହିଳା ଏହା ଦ୍ୱାରା ଆକ୍ରାନ୍ତ ହୁଅନ୍ତି । ପ୍ରଥମରୁ ଚିକିତ୍ସିତ ନ ହେଲେ ତାହା କ୍ରମେ ମାରାତ୍ମକ ରୋଗରେ ପରିଣତ ହୁଏ । ମୂତ୍ରାଶୟ ଓ କିଡ୍‌ନୀ ପ୍ରଭାବିତ ହେବାର ଆଶଙ୍କା ବଢେ । ଏଥି ପ୍ରତି ସାବଧାନତା ଜରୁରୀ । ବାରମ୍ବାର ପରିସ୍ରା ଲାଗିବା, ତଳିପେଟ ଦରଜ, ପରିସ୍ରା ବେଳେ ଯନ୍ତ୍ରଣା ଓ ପୋଡାଜଳା ହେବା, ଦୁର୍ଗନ୍ଧଯୁକ୍ତ ପରିସ୍ରା, ବାନ୍ତି ଲାଗିବା ଆଦି ଏହାର ଲକ୍ଷଣ ହୋଇପାରେ । ଏପରି ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । ଔଷଧ ସେବନ ସହିତ କେତେକ ସତର୍କତାମୂଳକ ପଦକ୍ଷେପ ନେଲେ ତୁରନ୍ତ ସୁଫଳ ମିଳିଥାଏ । ପ୍ରଚୁର ପରିମାଣରେ ପାଣି ପିଅନ୍ତୁ । ପଇଡ ପାଣି କିମ୍ବା ଡାଳିମ୍ବ ରସ ସେବନ ଦ୍ୱାରା ଖୋଲା ପରିସ୍ରା ହୁଏ ଓ ଯନ୍ତ୍ରଣା କମେ । ସଂକ୍ରମଣଜନିତ ସମସ୍ୟାକୁ ଏଡାଇବା ଲାଗି ବାହାରେ ପରସ୍ରା କରିବା ଅନୁଚିତ ଏବଂ ନିଜେ ବ୍ୟବହାର କରୁଥିବା ଶୌଚାଳୟ ସବୁବେଳେ ପରିଷ୍କାର ରଖିବା ଦରକାର । ଏଥି ସହିତ ସଫାସୁତୁରା ପୋଷାକ ପିନ୍ଧନ୍ତୁ । ପରିସ୍ରା ସଂକ୍ରମଣଜନିତ ଯନ୍ତ୍ରଣାରୁ ଉପଶମ ପାଇଁ ଦିନକୁ ଦୁଇ ତିନି ଗ୍ଲାସ ପିଅନ୍ତୁ । ଏକ କପ୍ ଉଷୁମ ପାଣିରେ ଏକ ଚାମଚ ଅଁଳା ଚୂର୍ଣ୍ଣ ଫେ[ ସେବନ କଲେ ଯନ୍ତ୍ରଣା କମିଯାଏ ।




## ନାଇଟ୍ ପାର୍ଟି ଗାଉନ୍

**ନାଇଟ୍ ପାର୍ଟିରେ ଗର୍ଜିଅସ ଦେଖାଯିବା ପାଇଁ ଗାଉନ୍ ଲୁକ୍‌ର ସାହାଯ୍ୟ ନିଅନ୍ତୁ । ଡ୍ରେସ୍ ଡିଜାଇନରଙ୍କ କେତୋଟି ଷ୍ଟାଇଲିସ୍ ଗାଉନର ଲୁକ୍ ନିମ୍ନରେ ଦିଆଯାଇଛି । ସେହିପରି ବିଭିନ୍ନ ଡ୍ରେସରୁ ଆପଣ ବିଭିନ୍ନ ଷ୍ଟାଇଲର ଲୁକ୍ ପାଇ ପାରିବେ ।**



### ଫ୍ଲୋରାଲ୍ ପ୍ରିଣ୍ଟ ଗାଉନ୍ :

ଫ୍ଲୋରାଲ ପ୍ରିଣ୍ଟକୁ କେବଳ ଦିନରେ ନୁହେଁ, ରାତିରେ ଗାଉନ ଲୁକ୍‌ରେ କ୍ୟାରି କରାଯାଇପାରିବ । ନାଇଟ୍ ପାର୍ଟି ପାଇଁ ସ୍ଲିଭଲେସ୍ ଫ୍ଲୋରାଲ ପ୍ରିଣ୍ଟ ଗାଉନ ପିନ୍ଧନ୍ତୁ । ବ୍ଲାକ୍ ଗାଉନରେ ହୋଇଥିବା ଅଲଗା ରଙ୍ଗର ଫ୍ଲୋରାଲ ପ୍ରିଣ୍ଟର ବ୍ୟବହାର କରାଯାଏ । ଏହି ଗାଉନ୍ ଆଇ ସ୍ଲିଟ ଅଟେ ଓ ଏହା ସହିତ ଭଲ ବ୍ରାଣ୍ଡର ଏକ୍ସେସରିଜ ଓ ଫୁଟ୍‌ୱିଅର ପିନ୍ଧନ୍ତୁ । ଲାଇଟ୍ ମେକଅପ ନିଅନ୍ତୁ ।

ଅଫ୍ ସୋଲଡର ଗାଉନ୍ ଗୋଲଡେନ୍ ରଙ୍ଗର ଟ୍ୟୁବ ଷ୍ଟାଇଲର ଗାଉନ ଆପଣଙ୍କୁ ଉପରେ ବହୁତ ସୁନ୍ଦର ଦେଖାଯିବ । ଏହା ସହିତ ବ୍ଲୁ ଆଇଜ ଓ ରେଡି ଲିପ୍‌ସ ମେକଅପ୍ ନିଅନ୍ତୁ । ଏହା ସହିତ ସର୍ଟ ହେୟାର ଲୁକ୍ ଭଲ ଲାଗିବ ।



### ଓ୍ୱାନ୍‌ସ୍ଲିଭସ୍ ଗାଉନ୍:

ବ୍ଲୁ ରଙ୍ଗର ଓ୍ୱାନ ସ୍ଲିଭସ୍ ଗାଉନକୁ ଡିଜାଇନର ବହୁତ ସୁନ୍ଦର ଡିଜାଇନ ଦେଇଛନ୍ତି । ବ୍ଲୁ ରଙ୍ଗର ଭେଲଭେଟ୍ ଗାଉନରେ ସ୍ଲିଟ୍ ଲୁକ୍ ପାଇପାରିବେ । ଏହି ଗାଉନ ସହିତ ବଡ ଇଅରରିଙ୍ଗ ପିନ୍ଧନ୍ତୁ । ଆଖିରେ ବ୍ଲୁ ରଙ୍ଗର ଓ ଲିପ୍‌ସରେ ବ୍ରାଉନ୍ ରଙ୍ଗର ଲିପ୍‌ଷ୍ଟିକ ବ୍ୟବହାର କରନ୍ତୁ ।

### ଗ୍ରୀନ ଗାଉନ୍ :

ଗ୍ରୀନ ରଙ୍ଗର ଓ୍ୱାନ ସ୍ଲିଭସ୍ ଗାଉନ ଡିଜାଇନ ସହିତ ବ୍ରାଣ୍ଡ ଇଅରରିଙ୍ଗ ପିନ୍ଧନ୍ତୁ । ଏହା ସହିତ ମେକଅପ୍ କମ୍ କରନ୍ତୁ । ଏହା ସହିତ ମେକ୍‌ଅପ୍ କମ୍ କରନ୍ତୁ । ଏହା ଗାଉନରେ ଆପଣ ଆକର୍ଷଣୀୟ ଲୁକ୍ ପାଇ ପାରିବେ ।



### ସ୍ଲିଭଲେସ ଗାଉନ୍ :

ଯଦି ଆପଣ ଷ୍ଟାଇଲିଷ୍ଟ ଭାବରେ ଗାଉନ ପିନ୍ଧିବାକୁ ଚାହୁଁଛନ୍ତି ତେବେ ସ୍ଲିଭଲେସ ଗାଉନ କ୍ୟାରି କରନ୍ତି । ଏହାର ଟପ୍‌ରେ ସିକ୍ୱେନ୍ସ ଲୁକ୍ ଥିବ, ବଟମରେ ପ୍ଲେନ ଗାଉନ ପିନ୍ଧନ୍ତୁ । ଲୁକ୍‌କୁ କମ୍ପ୍ଲିଟ କରିବା ପାଇଁ ଏକ୍ସେସରିଜର ସାହାଯ୍ୟ ନିଅନ୍ତୁ । ଏହି ଗାଉନରେ କିନ୍ତୁ ହାଲୁକା ମେକଅପ ଭଲ ଲାଗିବ ।



## ଅତର ଶୁଙ୍ଘିବାକୁ ବାଘ ବି ବ୍ୟାକୁଳ

ବ୍ରିଟେନ୍ ନରଫକର୍ ବାହମ ଚିଡିଆଖନାରେ ଥିବା ବିଗ୍ କ୍ୟାଟ୍ ପରିବାର (ସିଂହ, ବାଘ, ଚିତାବାଘ, ଜାଗୁଆର ଏବଂ ଓସେଲୋଟ)ଙ୍କୁ ଦେଖିବାକୁ ଆସୁଥିବା ଦର୍ଶକଙ୍କ ପରଫ୍ୟୁମ୍ ବହୁତ ପସନ୍ଦ । ଏପରିକି ଅତର ବାସ୍ନା ନ ମିଳିଲେ ସେମାନେ ନିଷ୍କ୍ରିୟ ହୋଇ ପଡିରହିବା ଦେଖାଯାଉଛି । ସେଥିପାଇଁ ନିଜର ପୁରୁଣା ବା କାମରେ ନ ଆସୁଥିବା ପରଫ୍ୟୁମ୍ ଦାନ କରିବା ପାଇଁ ଜୁ ପ୍ରଶାସନ ଲୋକଙ୍କୁ ନିବେଦନ କରିଛି । ଜଙ୍ଗଲୀ ବିଲେଇଙ୍କୁ ବ୍ରାଣ୍ଡେଡ୍ କମ୍ପାନୀ ଓ ଡିଜାଇନର୍ ଲେବଲ୍ ପରଫ୍ୟୁମ୍ ପସନ୍ଦ । ଚିଡିଆଖାନା ମ୍ୟାନେଜର୍ ମାଇକ୍ ଭୁଲହ୍ୟାମ୍ କହିଛନ୍ତି ଏ ଜନ୍ତୁମାନଙ୍କୁ କେଲଭିନ୍ କ୍ଲେନ୍ ପରଫ୍ୟୁମ୍ ସବୁଠୁ ଅଧିକ ପସନ୍ଦ । ହେଲେ ଆମେ ସେମାନଙ୍କୁ ଭିନ୍ନ ଭିନ୍ନ ସେଣ୍ଟର ସୁଗନ୍ଧ ଦେଉଛୁ । ଲୋଶନ୍‌ର ବି ଚାହିଦା ରହିଛି । ସେମାନଙ୍କୁ ୨୪ଟି ବ୍ରାଣ୍ଡର ପରଫ୍ୟୁମ୍ ଶୁଙ୍ଘାଯାଇଥିବା ବେଳେ କେଲଭିନ୍ କ୍ଲେନ୍‌ର ଅବଶେସନ୍ ଫର୍ ମେନ୍ ପସନ୍ଦ ସୂଚୀର ସବୁଠୁ ଉପରେ ।




## ସେଲିବ୍ରିଟି ଷ୍ଟାଇଲର ନଖ

ଆମେ ଆମର ଲୁକ୍ସ ଏବଂ ଚେହେରାକୁ ନେଇ କେତେ ସିରିୟସ୍ ତାହା ବୟାନ କରିଥାଏ ନଖ । ଜଣେ ସୁସ୍ଥ ଏବଂ ନିଜକୁ ଆକର୍ଷଣୀୟ ରଖୁଥିବା ମହିଳାଙ୍କର ନଖ ସବୁବେଳେ ବ୍ରାଇଟ୍ ରହିବା ଦରକାର । ତେଣୁ ପ୍ରଶ୍ନ ଆସେ ନଖ ଏତେ ସୁନ୍ଦର ହୋଇପାରିବ କିପରି ?

ସୁନ୍ଦର ଏବଂ ଆକର୍ଷଣୀୟ ନଖ ପାଇବା ପାଇଁ ହେଲେ ପ୍ରଥମେ ନିଜ ଖାଦ୍ୟ ସାମଗ୍ରୀ ଉପରେ ଫୋକସ୍ କରିବା ଆବଶ୍ୟକ । ଶରୀର ହାଡ ଭଳି ନଖକୁ ମଧ ସୁସ୍ଥ ରଖିବା ପାଇଁ କ୍ୟାଲସିୟମ ଏବଂ ଭିଟାମିନ୍ ଡି'ର ଆବଶ୍ୟକତା





ରହିଛି । ତେଣୁ ଡାଏଟ୍‌ରେ ଏଥିପ୍ରତି ଧ୍ୟାନ ଦେବା ଦରକାର । ନଖର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ପ୍ରଚୁର ମାତ୍ରାରେ ପାଣି ପିଇବା ଆବଶ୍ୟକ । ନଖ ଚାରିପଟକୁ ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରଖିବା ଆବଶ୍ୟକ । ମହିଳାମାନଙ୍କୁ ପ୍ରତି ସମୟରେ ନଖରେ ନେଲପଲିସ୍ ଲଗାଇବା ଦରକାର । ଏହା ତାଙ୍କ ସୌନ୍ଦର୍ଯ୍ୟକୁ ଆହୁରି ଆକର୍ଷଣ କରିଥାଏ । ସେହିପରି ନିୟମିତ ସମୟ ବ୍ୟବଧାନରେ ନଖ ମସାଜ୍ ଏବଂ ନଖକୁ ସଠିକ୍ ଭାବେ ସାଇଜ୍ କରିବା ଆବଶ୍ୟକ । ତେବେ ଦୃଷ୍ଟି ରଖିବା ଦରକାର ଯେ, ଶରୀରର ଉଚ୍ଚତା ଏବଂ ଚେହେରାକୁ ନେଇ ନଖର ଆକାର ସ୍ଥିର କରିବା । ଅନେକ ସମୟରେ ବଡ ନଖ ଅସୁବିଧା ସୃଷ୍ଟି କରିଥାଏ । ତେଣୁ ଛୋଟ ନଖ ରଖିବା ସୌନ୍ଦର୍ଯ୍ୟକୁ ଅଧିକ ବଢାଇଥାଏ ।

## ପ୍ଲାଷ୍ଟିକ୍‌ଠାରୁ ଦୂରେଇ ରଖନ୍ତୁ ପରିବାରକୁ

ପିଲାବେଳୁ ଆମେ ସମସ୍ତେ ପ୍ଲାଷ୍ଟାକ୍‌ର ବ୍ୟବହାର କରିଆସୁଛି । ପାଣି ବୋତଲଠାରୁ ଆରମ୍ଭ କରି ଲଞ୍ଚ୍‌ବକ୍ସ, ଅନ୍ୟ ପ୍ଲାଷ୍ଟିକ୍ ସାମଗ୍ରୀକୁ ଆପଣାଉଛେ । ହେଲେ ସମୟ ବଦଳିବା ସହ ଏବେ ପ୍ଲାଷ୍ଟିକ୍ ଉପରେ ଲାଗିଲାଣି କଟକଣା । କାରଣ ଏହାର ବିଷାକ୍ତତତ୍ତ୍ୱ ଶରୀରକୁ ପ୍ରଭାବିତ କରୁଛି । ଆମେରିକୀୟ ସଂସ୍ଥା ଫୁଡ୍ ଆଣ୍ଡ ଡ୍ରଗ୍ ଆଡମିନିଷ୍ଟ୍ରେସନ୍ ପକ୍ଷରୁ କୁହାଯାଇଛି ଯେ, ଯେତେବେଳେ ପ୍ଲାଷ୍ଟିକ୍ ଗରମ ହୋଇଥାଏ, ସେତେବେଳେ ୫୦ ରୁ ୬୦ ପ୍ରକାର ରସାୟନିକ ଗ୍ୟାସ ନିର୍ଗତ ହୋଇଥାଏ । ଏହା ଶରୀରକୁ ଯାଇ ଅନେକ ପ୍ରକାର ରୋଗ ସୃଷ୍ଟି କରିଥାଏ । କ୍ୟାନ୍‌ସର ହେବାର ସମ୍ଭାବନା ଏହି କାରଣରୁ ଅଧିକ ବଢିଥାଏ ।

ପ୍ଲାଷ୍ଟିକର ଏହି ଖରାପ ପ୍ରଭାବକୁ ଦୃଷ୍ଟିରେ ରଖି ବିଶେଷଜ୍ଞମାନେ ମାଟି ବୋତଲ, ମାଟି ପାତ୍ର, ତମ୍ବା ପାତ୍ର କିମ୍ବା ବୋତଲ, କାଚ ପାତ୍ର କିମ୍ବା କାଚ ବୋତଲ ବ୍ୟବହାର ଉପରେ ଜୋର୍ ଦେଉଛନ୍ତି । ସେହିପରି ସେରାମିକ୍ ବୋତଲ ବ୍ୟବହାର କରିବା ମଧ ଶରୀର ପାଇଁ ଉପଯୋଗୀ ବୋଲି କୁହାଯାଉଛି । ଏହାଦ୍ୱାରା ଖାଲି ସ୍ୱାସ୍ଥ୍ୟ ନୁହେଁ ପରିବେଶ ପଦୂଷଣକୁ ମଧ ରୋକାଯାଇପାରିବ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି ।




## ସବୁଠୁ ବଡ ରେଡିଓ ଟେଲିସ୍କୋପ୍



ଦିନକୁ ଦିନ ବିଜ୍ଞାନ ଅନେକ ଉନ୍ନତି କରିଚାଲିଛି । ବୈଜ୍ଞାନିକମାନେ ନିଜ ନିଜ ଜ୍ଞାନକୌଶଳ ବ୍ୟବହାର କରି ବେଶ୍ କିଛି ଉଦ୍ଭାବନ କରୁଛନ୍ତି । ବେଶ୍ କିଛି ଗବେଷଣା ଏଭଳି ହେଉଛି ଯାହା ମଣିଷଷଙ୍କ ପାଇଁ ବରଦାନ ସାଜୁଛି । ବିଭିନ୍ନ ପ୍ରକାରର ନୂଆ ଉପକରଣ ନିର୍ମାଣ ହେଉଛି ଯାହା ଉପଯୋଗୀ ସାବ୍ୟସ୍ତ ହେଉଛି । ସେହିଭଳି ଏକ ଉପକରଣ ନିର୍ମାଣ ହୋଇଛି ଚୀନ୍‌ରେ । ଦୁନିଆର ସବୁଠାରୁ ବଡ ରେଡିଓ ଟେଲିସ୍କୋପ୍ ନିର୍ମାଣ ହୋଇଛି । ତିନିବର୍ଷର ପ୍ରଚେଷ୍ଟା ପରେ ଏହାର ଆରମ୍ଭ କରାଯାଇଛି । ଏହା ସେପ୍ଟେମ୍ବର ୨୦୧୬ ରୁ ପରୀକ୍ଷଣରେ ଥିଲା । ଏହାକୁ ଅନ୍ତରୀକ୍ଷର ଆଖି ନାମରେ ମଧ ଜଣାଯାଉଛି । ମିଡିଆ ରିପୋଟ ଅନୁଯାୟୀ ଗୁଇଝାଓ ପ୍ରାନ୍ତରେ ପାହାଡ ଉପରେ ସ୍ଥିତ ଏହି ଟେଲିସ୍କୋପ୍ ୨୦ ବର୍ଷରେ ପ୍ରସ୍ତୁତ ହୋଇଛି । ଏହା ନିର୍ମାଣ ହେବାକୁ ଆମେରିକା, ବ୍ରିଟେନ୍ ଭଳି ୧୦ ଦେଶର ବୈଜ୍ଞାନିକ ମିଶି ନିର୍ମାଣ କରିଛନ୍ତି । ଏହାକୁ ନିର୍ମାଣ କରିବାରେ ୧୨୦ କୋଟି ଖର୍ଚ୍ଚ ହୋଇଛି । ଚୀନର ଏହି ଟେଲିସ୍କୋପ୍ ଏକ ସେକେଣ୍ଡରେ ୩୮ ଗୀଗବାଇଟ୍ (ଜିବି) ଡାଟା ଏକାଠି କରିବାରେ ସକ୍ଷମ । ଦୁନିଆର ସବୁଠାରୁ ସମ୍ବେଦନଶୀଳ ଓ ବଡ ରେଡିଓ ଟେଲିସ୍କୋପ୍‌ଟି ବେଶ୍ ସମ୍ବେଦନଶୀଳ । ଏହି ରେଡିଓ ଟେଲିସ୍କୋପ ନିର୍ମାଣ କରିବାର ମୂଳ ଲକ୍ଷ ହେଲା ଅନ୍ତରୀକ୍ଷରେ ଜୀବନର ସନ୍ଧାନ କରିବା । ଏହା ବ୍ୟତୀତ ଏହାକୁ ଅନ୍ୟ ଗ୍ରହରେ ଥିବା ଲୋକଙ୍କ ବିଷୟରେ ଜାଣିବା ପାଇଁ ବ୍ୟବହାର କରାଯିବ । ଏହି ଟେଲିସ୍କୋପର ନାମ ଫାଇଭ୍ ହଣ୍ଡ୍ରେଡ୍ ମିଟର ଆପ୍ରୋଚ ସ୍ଫେରିକଲ୍ ରେଡିଓ ଟେଲିଫୋନ୍ । ୪୪୫୦ ପ୍ୟାନେଲ୍‌ର ଏଡି ଟେଲିସ୍କୋପ ଆକାରରେ ଗୋଟିଏ ଫୁଟବଲ୍ ଫିଲ୍ଡ ଭଳି ବଡ । ଏହାର ଅନ୍ତରୀକ୍ଷ ରେଞ୍ଜ ଚାରିଗୁଣ ଅଧିକ । ଏହା ଏପର୍ଯ୍ୟନ୍ତ ୪୪ଟି ପଲ୍‌ସର୍‌କୁ ଖୋଜି ସାରିଲାଣି । ପଲ୍‌ସର୍ ଏକ ପ୍ରକାରର ତାରା ଅଟେ ଯାହା ରେଡିଓ ତରଙ୍ଗ ଓ ବିଦ୍ୟୁତ୍ ଚୁମ୍ବକୀୟ ବିକିରଣ କରିଥାଏ ।

## ଯୋଗ ପ୍ରୟୋଗ ସହଜ ବୀରାସନ

**ଛିଡାହେବା ଏବଂ ଚାଲିବା ଶରୀରର ପ୍ରମୁଖ କାର୍ଯ୍ୟ । ପାଦ, ଗୋଡ ଏବଂ ଜଙ୍ଘ ଏହି କାର୍ଯ୍ୟ ଲାଗି ବିଶେଷ ଭୂମିକା ଗ୍ରହଣ କରିଥାଏ । ଏଥିରେ ବଳାଗଣ୍ଠି, ଆଣ୍ଠୁ ଓ ନିତମ୍ବ ଅସ୍ଥିର ଯୋଡେଇ ସ୍ଥାନ ଉପରେ ଚାପ ପଡେ । ଏସବୁ ସ୍ଥାନକୁ ସୁସ୍ଥ ଓ ସୁଦୃଢ ରଖିବା ଲାଗି ବୀରାସନ ଖୁବ୍ ସହଜ ଏବଂ ସୁନ୍ଦର ଉପାୟ ।**

**ପ୍ରକ୍ରିୟା :**

- ଟାଣ ଫୋମ୍ ବା ସ୍ୱଞ୍ଜର ଦୁଇଟି ୮X୪X୪ ଇ" ଇଟା ନିଅନ୍ତୁ ।
- ତଳେ ଏକ ଲମ୍ବା ଚଟେଇ କିମ୍ବା ଚାଦର ବିଛାଇ ଚକା ପକାଇ ସଳଖ ଭାବେ ବସିପଡନ୍ତୁ ।
- ଇଟା ଦୁଇଟିକୁ ଗୋଟିଏ ଉପରେ ଗୋଟିଏ ରଖିବେ ।
- ନିତମ୍ବ ତଳେ ଯେପରି ଇଟା ରହୁଥିବ ।
- ଆଣ୍ଠୁ ଦୁଇଟିକୁ ଆରାମରେ ପରସ୍ପର ସହ ଯୋଡି ରଖନ୍ତୁ ।
- ଧୀରେ ଶ୍ୱାସକ୍ରିୟା ସହ ପ୍ରାୟ ତିନି ମିନିଟ୍ ଏପରି ସ୍ଥିତିରେ ରହିବେ ।
- ଏବେ ଧୀରେ ଉଠିବା ସହ ଗୋଡଦୁଇଟିକୁ ଆଗକୁ ଲମ୍ବାଇ ଦିଅନ୍ତୁ ।
- ଚକା ପକାଇ ବସିବେ ଏବଂ କିଛି ସମୟ ଆରାମ କରିବା ପରେ ଏହାର ପୁନରାବୃ ି କରିପାରନ୍ତି ।



## କର୍କଟ ରୋଗରୁ ରକ୍ଷା କରିବ କଲରା

କଲରା ଏକ ହତକାରୀ ପରିବା । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ସପ୍ତାହକୁ ଅନ୍ତତଃ ୨-୩ ଥର କଲରା ଭଜା, କଲରା ଭ ର୍ ା ଇତ୍ୟାଦି ବ୍ୟଞ୍ଜନମାନ ଖାଇବା ଉଚିତ । ଏଥିରେ ଥିବା ବିଭିନ୍ନ ପୋଷକତ ୍ୱ ମଧୁମେହ ରୋଗ ହେବାର ଆଶଙ୍କା କମ୍ ହୋଇଥାଏ । ଏଣୁ ପିଲା ଠାରୁ ବୟସ୍କ ସମସ୍ତଙ୍କୁ କଲରା ବ୍ୟଞ୍ଜନ ନିୟମିତ ଖାଇବାକୁ ପରାମର୍ଶ ଦିଆଯାଏ । ନିକଟରେ ବ୍ରିଟେନ୍‌ର ଗବେଷକଦଳ ପ୍ରକାଶ କରିଛନ୍ତି ଯେ କଲରା ଖାଇଲେ କର୍କଟ ରୋଗରୁ ମଧ ରକ୍ଷା ମିଳିଥାଏ । ମୂଷାଙ୍କ ଉପରେ ହୋଇଥିବାର ପରୀକ୍ଷାରେ ସଫଳ ହେବା ପରେ ସେମାନେ ୱେବ୍‌ସାଇଟ୍‌ରେ ତଥ୍ୟ ଉଲ୍ଲେଖ କରିଛନ୍ତି । କଲରା ପରିବାରେ ଥିବା ପୋଷାକତ ୍ୱ କର୍କଟ ଟ୍ୟୁମର୍ ବଢିବା ଓ ବ୍ୟାପିବାକୁ ନିୟନ୍ତ୍ରଣ କରିଥାଏ ବୋଲି ଗବେଷକ ମୁଖ୍ୟଙ୍କ ମତ । ଭାରତର ଅନ୍ୟ ପ୍ରାନ୍ତ ତୁଳନାରେ କେରଳରେ କଲରା ବ୍ୟଞ୍ଜନ ଲୋକେ ଅଧିକ ଖାଇଥାନ୍ତି । ଅନୁସନ୍ଧାନରୁ ଜଣାପଡିଛି ଯେ, ଅନେକ ବର୍ଷ ତଳେ ପ୍ରଥମେ ଚୀନ୍‌ରେ କଲରା ଚାଷ ହୋଇଥିଲା । ପରବ ର୍ ୀ ସମୟରେ ଆଫ୍ରିକା ଓ ଅନ୍ୟ ପ୍ରାନ୍ତରେ କଲରା ବ୍ୟଞ୍ଜନର ଆଦର ବଢିଥିଲା ।



# ୨୪ ଘଂଟିଆ ଖଡିଆଳ ସହର ସଟ୍‌ଡାଉନ

ନୂଆପଡା,୧୨।୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସହରକୁ ୨୪ ଘଂଟିଆ ସଟ୍‌ଡାଉନ ଘୋଷଣା କରାଯାଇଛି । ମଙ୍ଗଳବାର ଅପରାହ୍ନ ୧ ଘଂଟା ସମୟରୁ ବୁଧବାର ଅପରାହ୍ନ ୧ ଘଂଟା ପର୍ଯ୍ୟନ୍ତ ଏହି ସଟ୍‌ଡାଉନ ବଳବତର ରହିବ । ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୧ ନଂ ୱାର୍ଡ ସ୍ଥିତ ମହେନ୍ଦ୍ରା ସୋରୁମର ଜଣେ ମେକାନିକଙ୍କ କୋଭିଡ ପୋଜିଟିଭ ଚିହ୍ନଟ ପରେ ନୂଆପଡା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଖଡିଆଳ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ସୂଚନା ଦେଇ ଏହି ସଟ୍‌ଡାଉନ ଘୋଷଣା କରିଛନ୍ତି । ଆସନ୍ତାକାଲି ୧ ନଂ ୱାର୍ଡ ମୁକ୍ତାପୁରକୁ ସଟ୍‌ଡାଉନ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି । ଏହାସହ ମହେନ୍ଦ୍ରା ଏବଂ ଜଗଦମ୍ବା ସୋରୁମକୁ ସାନିଟାଇଜ କରିବା ସହ ସଂସ୍ପର୍ଶରେ ଆସିଥିବା ସମସ୍ତଙ୍କ ସ୍ୱାଗ ଟେଷ୍ଟ କରାଯିବ ବୋଲି ସୂଚନା ମିଳିଛି । ସହରରେ ଅତି ଅତ୍ୟାବଶ୍ୟକ ଦୋକାନକୁ ଛାଡି ଅନ୍ୟ ସବୁ ଦୋକାନ ବଜାର ବନ୍ଦ ରହିବ । ଅନ୍ୟପକ୍ଷରେ ଗଡ୍ରାମୁଣ୍ଡା ସରପଂଚ ବୃନ୍ଦାବନ ବାଗ ମଧ୍ୟ ୭୨ ଘଂଟିଆ ଗଡ୍ରାମୁଣ୍ଡା ପଂଚାୟତ ସଟ୍‌ଡାଉନ ଘୋଷଣା କରିଥିବା ଜଣାପଡିଛି ।

# ପୁଲିସ୍ ମୁଖ୍ୟାଳୟରେ ଡିଜିଙ୍କ କରୋନା ସମୀକ୍ଷା

କୋରେଇ,୧୨।୮ (ନି.ପ୍ର): ପାଣିକୋଇଲି ସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆଜି ପୂର୍ବାହ୍ନରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ମହାମାରୀ କରୋନା କୁ ପ୍ରତିହତ କରିବା ପାଇଁ ଜିଲ୍ଲା ପୁଲିସ କାର୍ଯ୍ୟକୁ ନେଇ ସମୀକ୍ଷା କରିଥିଲେ । ଅଗଷ୍ଟ ଓ ସେପ୍ଟେମ୍ବର ମାସରେ କରୋନା ସଂକ୍ରମଣ ଦୃତ ଗତିରେ ବଢିବ ତେଣୁ ଜିଲ୍ଲା ପୁଲିସ ଏହାର ମୁକାବିଲା କରିବା ପାଇଂ ଆବଦ୍ଧା ଅଂଚଳ କୁ ଲକଡାଉନ ଘୋଷଣା କରିବାପରେ ଅଧିକ ପୁଲିସ ଫୋର୍ସ ମୃତୟନ କରିବା ସହିତ ଆଇନ ଶୃଂଖଳା ପରିସ୍ଥିତି ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ବୈଠକରେ ଆଲୋଚନା ହୋଇଥିଲା । ଜିଲ୍ଲାରେ ମାର୍ଚ୍ଚ ମାସ ଠାରୁ ଆଜି ପର୍ଯ୍ୟନ୍ତ କରୋନା ସଂକ୍ରମଣ ଦୃତ ଗତିରେ ବଢିଛି ଏବଂ ରୋଗିମାନେ ମଧ୍ୟ ଅଧିକମାତ୍ରାରେ ଆରୋଗ୍ୟ ଲାଭ କରିଛନ୍ତି । କିନ୍ତୁ ଜିଲ୍ଲା ପୁଲିସ ସଫଳତାର ସହିତ ଏହାର ମୁକାବିଲା କରିଥିବାରୁ ସେ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସାଧୁବାଦ ଜଣାଇଥିଲେ । ଜିଲ୍ଲାରେ ଥିବା ୧୯ଟି ଥାନା ମଧ୍ୟରୁ ଯେଉଁ ଥାନାଧିକାରି ମାନେ ସେମାନଙ୍କ ଥାନା ଇଲାକାରେ କରୋନା ମୁକାବିଲାକୁ ସଫଳତାର ସହିତ ପରିଚାଳନା କରିଥିଲେ ସେମାନଙ୍କ ସହିତ ବୈଠକରେ ବ୍ୟକ୍ତିଗତ ଭାବେ ଆଲୋଚନା କରିଥିଲେ । ମହାମାରୀ କରୋନା ମୁକାବିଲାରେ ଜିଲ୍ଲା ପୁଲିସର କାର୍ଯ୍ୟଶଳୀକୁ ନେଇ ସେ ଖୁବ୍ ପ୍ରଶଂସା କରିଥିଲେ । ଆଜିର ବୈଠକରେ ଡିଜିଙ୍କ ସହିତ ଜିଲ୍ଲା ଏସପି ଶ୍ରୀ ଚରଣ ସିଂ ମୀନା ଓ ଉଚ୍ଚପଦାଧିକାରି ଉପସ୍ଥିତ ଥିଲେ ।

# କେଲୁଅ ନଦୀରୁ ବେଧଡକ ଚାଲିଛି ବାଲି ଚୋରା ଚାଲାଣ, ଜିଲା ପ୍ରଶାସନର ନଜର ପଡିବ କେବେ ?

ଧର୍ମଶାଳା,୧୨।୮ (ନି.ପ୍ର): ଧର୍ମଶାଳା ତହସିଲ ଅନ୍ତର୍ଗତ କାଏମା ବଜାର ନିକଟସ୍ଥ କେଲୁଅ ନଦୀରୁ ଦିନରାତି ବେଆଇନ ଭାବେ ବାଲି ଖନନ ଓ ଚୋରା ଚାଲାଣ ହେଉଛି । ଏଥିପ୍ରତି ପ୍ରଶାସନର ନିଘା ନ ଥିବାରୁ ବାଲି ମାଫିଆ ଦିନ ଦ୍ୱିପ୍ରହରରେ ବେଧଡକ ଭାବେ ବାଲି ଲୁଟ୍ କରୁଛନ୍ତି । କରୋନା ମହାମାରୀ ସମୟରେ ନିର୍ମାଣ କାର୍ଯ୍ୟ କରିବା ପାଇଁ ପ୍ରଶାସନିକ ଅନୁମତି ମିଳିବା ପରେ ଧର୍ମଶାଳା ତହସିଲ ଅଂଚଳରେ ବନ୍ଦ ଥିବା ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ ଏବେ ପୁଣି ଆରମ୍ଭ ହୋଇଯାଇଛି । କରୋନା ମୁକାବିଲା ସମୟରେ ଲକ୍ ଡାଉନ୍ କଟକଣା ମାନିବା ଓ ସାମାଜିକ ଦୂରତା ବଜାୟକୁ ଗୁରୁତ୍ୱ ଦିଆ ଯାଉଥିବାରୁ ତହସିଲ ପକ୍ଷରୁ ଏବେ ଚଢାଉ ବନ୍ଦ ରହିଛି । ଏହାର ସୁଯୋଗ ନେଇ ମାଫିଆମାନେ ପୁଣି ଲୁଟ୍‌ପାଟ୍ ଆରମ୍ଭ କରି ଦେଲେଣି । ବିଶେଷ କରି ମାଫିଆମାନେ ଏବେ ଅଧିକ ପରିମାଣର ବାଲି ଖନନ ଓ ବ୍ୟାପକ ଚୋରା ଚାଲାଣ କରୁଛନ୍ତି । ଆଗକୁ ବର୍ଷାଦିନ ଆସୁଥିବାରୁ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ବାଲି ମାଫିଆମାନେ ଏବେ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବାଲି ଗଛିତ କରି ଚାଲିଛନ୍ତି । ନଈରେ ପାଣି ହୋଇଗଲେ ବେପାରୀ ଏହାକୁ ଚଢା ଦରରେ ବିକ୍ରିକରି ଅଧିକ ମୁନାଫା ହାତେଇବା ଲକ୍ଷ୍ୟରେ ରହିଛି । ଏପଟେ ରାସ୍ତା ପାର୍ଶ୍ୱରେ ଥିବା ଗୋଚର ଓ ସର୍ବସାଧାରଣ ବ୍ୟବହାର କରୁଥିବା ବିଭିନ୍ନ ସରକାରୀ ଜମିରେ ବାଲି ଗଦେଇ ଦିଆ ଯାଉଛି । ବାଲି ନେବା ଆଣିବା ସମୟରେ ଯାତାୟତରେ ବାଧା ସୃଷ୍ଟି ହେଉଥିବା ବେଳେ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ବି ଘଟିଥାଏ । ଏଥିସହ ବାଲି ଓଭରଲୋଡ୍ କରି ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତାଗୁଡିକ ଅଳ୍ପ ଦିନରେ ନଷ୍ଟ ହୋଇଯାଉଛି । ସୂଚନା ଅନୁଯାୟୀ, କେଲୁଅ ନଦୀର କାଏମା ଠାରୁ ଆରମ୍ଭ କରି ଉତରପ୍ରତାପ, ନାଳକୂଳ, ମୋହନପୁର, ଭାବିଲ, କୋତପୁର, ଭଗବାନପୁର, ଅରେଇକଣା, କଦମପାଳ ଆଦି ବିଭିନ୍ନ ଘାଟରୁ ବେଆଇନ ଭାବେ ବାଲି ଚାଲାଣ କରାଯାଉଛି । ଏସବୁ ଘାଟକୁ ସରକାରୀ ଭାବେ ଏପର୍ଯ୍ୟନ୍ତ କୌଣସି ଲିଜ୍ ଦିଆଯାଇ ନାହିଁ । ଏହାର ସୁଯୋଗ ନେଇ ମାଫିଆମାନେ ଏଠାରୁ ଦୀର୍ଘବର୍ଷ ଧରି ବାଲି ଚୋରାଚାଲାଣ କରିବାକୁ ସକ୍ଷମ ହେଉଛନ୍ତି । ସଂପୃକ୍ତ ଅଂଚଳରେ ଦୁଇଟି ରାଜସ୍ୱ ସର୍କଲ ରହିଥିଲେ ମଧ୍ୟ ଏଠାରେ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକମାନେ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି । ତେବେ ତହସିଲ ପକ୍ଷରୁ ବ୍ୟାପକ ଚଢାଉ କରାଯାଇ ଗାଡି ଜବତ ଓ ଜରିମାନା ଆଦାୟ କରାଗଲେ ଏହି ବେଆଇନ ପରିବହନ ବନ୍ଦ ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଛି । ବାଲି ଚୋରାଚାଲାଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ କ୍ଷତି ହେଉଥିବା ସତ୍ତ୍ୱେ ତହସିଲ ପକ୍ଷରୁ ଏସବୁ ସ୍ଥାନରେ କୌଣସି ଲିଜ୍ ବ୍ୟବସ୍ଥା ଗ୍ରହଣ କରାଯାଇ ନାହିଁ । ଫଳରେ ଏଠାରେ ରାଜ୍ୟ ସରକାରଙ୍କ ବିପୁଳ ରାଜସ୍ୱ ହାନୀ ହେଉଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ଶିକ୍ଷାବିତ୍ ଜୟନ୍ତ ଦାସଙ୍କୁ ଶ୍ରଦ୍ଧାସୁମନ ଜ୍ଞାପନ




ଜଳେଶ୍ୱର,୧୨।୮ (ନି.ପ୍ର): ଜଳେଶ୍ୱରର ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୁହ ଓ ଶିକ୍ଷକ-ଶ୍ରମିକ -କର୍ମଚାରୀ ସମନ୍ୱୟ ସମିତିର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ଶିକ୍ଷାବିତ୍ ତଥା ଆଧ୍ୟାତ୍ମିକବାଦି ପ୍ରଫେସର ଜୟନ୍ତ କୁମାର ଦାସଙ୍କୁ ଶ୍ରଦ୍ଧାସୁମନ ଜ୍ଞାପନ କରାଯାଇଥିଲା । ଜିଲ୍ଲିପ କୁମାର ଗିରିଙ୍କ ସଭାପତିତ୍ୱରେ ଓଷ୍ଟାର ଜିଲା ସଂପାଦକ ମନୋରଂଜନ ଦାସ, ଓଷ୍ଟାର ପୂର୍ବତନ ରାଜ୍ୟ ଯୁଗ୍ମ ସଂପାଦକ ଅକ୍ଷୟ କୁମାର ମିଶ୍ର, ବିଶିଷ୍ଟ ସାମ୍ୟବାଦୀ ନେତା ଶିଶିର କୁମାର ହୁଇ, ଦିପ୍ତିମାନ ଆଚାର୍ଯ୍ୟ, ଅଧ୍ୟାପକ ଦୁର୍ଗେଶ କୁମାର ନାୟକ, ସୁଶାନ୍ତ ଦାସ, ଅକ୍ଷୟ କୁମାର ଜେନା, ଜିତାଂଶୁ ସେଖର ନନ୍ଦି, ସୀତାଂଶୁ ସେଖର ସେନାପତି, ରଂଜନ କୁମାର ଦେ, ଡ. ଅଜିତ୍ କୁମାର ମହାନ୍ତି, ଅଂଶୁମାନ ମହାନ୍ତି, ସୁକୁମାର ରଣା, ଡା, ଶ୍ରୀକୁମାର, ମଧୁଛନ୍ଦା ମହାନ୍ତି, ଅମିତା ଜେନା ପ୍ରମୁଖ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିଥିଲେ । ଆତ୍ମାର ସଦ୍‌ଗତି ନିମନ୍ତେ ଶେଷରେ ୧ ମିନିଟ୍ ନିରବ ପ୍ରର୍ଥନା କରାଯାଇଥିଲା ।

# ପୋଖରୀରୁ ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର

ସାକ୍ଷିଗୋପାଳ,୧୨।୮ (ନି.ପ୍ର): ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ପୁରୀ- ଭୁବନେଶ୍ୱର ୩୧୬ ନଂ ଜାତୀୟ ରାଜପଥର ସାକ୍ଷିଗୋପାଳ ଥାନା ଅନ୍ତର୍ଗତ ବ୍ଲକ୍ ଛକ ନିକଟ ନୂଆ ପୋଖରୀରୁ ଆଜି ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି । ତାଙ୍କ ବୟସ ପ୍ରାୟ ୩୫ ବର୍ଷ ହେବ । ତାଙ୍କ ମସ୍ତିଷ୍କ ବିକୃତି ଥିବା ଏବଂ ସେ ଗତ କିଛି ଦିନ ହେଲା ଅଂଚଳରେ ଘୁରୁ ବୁଲୁଥିଲେ ଏବଂ ଅନେକ ସମୟରେ ବଙ୍ଗଳା ଭାଷାରେ କଥା ହେଉଥିଲେ ବୋଲି କେତେକ ସ୍ଥାନୀୟ ବ୍ୟବସାୟୀ କହିଛନ୍ତି । ଆଜି ସକାଳେ ପୋଖରୀରେ ଶବ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଏ ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ । ସତ୍ୟବାଦୀ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରିବା ସହ ଏହାକୁ ବ୍ୟବଛେଦ ନିମନ୍ତେ ପଠାଇଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଛି ।

# ଭୁବନ ସିଏଚସି ରେ ଆଂଟିଜେନ ଟେଷ୍ଟିଂ ଆରମ୍ଭ

ଭୁବନ,୧୨।୮ (ନି.ପ୍ର): ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଜି ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଛି । ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ରମେଶ ଚନ୍ଦ୍ର ସାହୁ ଙ୍କ ତତ୍ତ୍ୱାବଧାନ ଓ ଆକାଉଂଟ ମ୍ୟାନେଜର ଦିଲ୍ଲୀପ କୁମାର ଦାସ ଙ୍କ ଉପସ୍ଥିତିରେ ଆଜି ପ୍ରଥମ ଦିନରେ ସମୁଦାୟ ୩୩ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ଲ୍ୟାବ ଟେକ୍ନିସିଆନ(କୋଭିଡ-୧୯) ସୁଶାନ୍ତ କୁମାର ସାହୁ ସ୍ୱାବ ସଂଗ୍ରହ କରିଥିଲେ । କରୋନା ସଂକ୍ରମଣ କୁ ପ୍ରତିହତ କରିବା ସକାଶେ ଡାକ୍ତରଖାନାରେ ନିୟମିତ ଭାବେ ଏହି ଟେଷ୍ଟିଂ ଚାଲୁ ରହିବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ବିନା ମାକ୍ସ ଓ ହେଲମେଣ୍ଟ ଚେକିଙ୍ଗ : ୧୦ହଜାର ଟଙ୍କା ଜୋରିମାନା

ଜଳେଶ୍ୱର,୧୨।୮ (ନି.ପ୍ର): ଆଜି ଜଳେଶ୍ୱର ଥାନା ପକ୍ଷରୁ ଥାନା ସମ୍ମୁଖରେ ମାକ୍ସ ଓ ହେଲମେଣ୍ଟ ଚେକିଂ ହୋଇଥିଲା । ଏବେବି ବହୁ ଅମାନିଆ ମାକ୍ସ ଓ ହେଲମେଣ୍ଟ ବିନା ଯାତାୟାତ କରୁଥିବାରୁ ପୁଲିସ୍ ଏପରି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିବା ପୁଲିସ୍ ସୂତ୍ରରୁ ପ୍ରକାଶ । ଆଜି ୨୦ଜଣ ବ୍ୟକ୍ତି ମାକ୍ସ କିମ୍ବା ହେଲମେଣ୍ଟ ବିନା ଯାତାୟା କରୁଥିବାରୁ ୧୦ହଜାର ଟଙ୍କା ଜୋରିମାନା ଆଦାୟ କରିଥିବା ଜଣାଯାଇଛି ।

# ଭୁବନରେ କରୋନା ନିୟନ୍ତ୍ରଣ ପାଇଁ ଜିଲ୍ଲାପାଳ ଙ୍କ ସମୀକ୍ଷା ବୈଠକ

**ତାସ୍ ଖେଳ ବନ୍ଦ, ସାନିଟାଇଜେସନ, ପରିମଳ ଓ ଡାକ୍ତରଖାନାରେ ଆଂଟିଜେନ ଟେଷ୍ଟିଙ୍ଗ ଉପରେ ଗୁରୁତ୍ୱ**

ଭୁବନ,୧୨।୮ (ନି.ପ୍ର): ଢେଙ୍କାନାଳ ଜିଲ୍ଲାରେ ଭୁବନ ଏନଏସି ଏବେ ହଟସ୍ପଟ ଜୋନ ଭାବେ ପରିଚିତ । ଭୁବନ ଏନଏସିରେ ଗୋଟିଏ ଦିନରେ ସମୁଦାୟ ୯୦ ଜଣ କରୋନା ସଂକ୍ରମିତ ବ୍ୟକ୍ତି ଚିହ୍ନଟ ହେବାପରେ ସମଗ ଜିଲ୍ଲାରେ ଚିନ୍ତାର କାରଣ ସାଜିଛି । ଭୁବନ ଏନଏସିରେ କରୋନା କୁ ନିୟନ୍ତ୍ରଣ କରିବା ସକାଶେ ଜିଲ୍ଲାପାଳ ଭୂମେଶ ଚନ୍ଦ୍ର ବେହେରା ଏକ ଦିନିକିଆ ଗସ୍ତରେ ଆସି ଆଜି ଅପରାହ୍ନରେ ଏନଏସି ସଭାଗୃହଠାରେ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ । ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ମାନଙ୍କ ପାଇଁ ୭୨ ଘଂଟା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହି ୭୨ ଘଂଟା ମଧରେ ସେମାନଙ୍କୁ କଂଟାକ୍ଟ ଟ୍ରେସିଂ କରାଯାଇ ସ୍ୱାବ ପରୀକ୍ଷା କରାଯିବା ନିହାତି ଆବଶ୍ୟକ । ଏଥିପାଇଁ ଭୁବନ ଡାକ୍ତରଖାନାରେ ନିୟମିତ ଭାବେ ଆଂଟିଜେନ ଟେଷ୍ଟିଂ କରାଯିବା ସହିତ କଂଟାକ୍ଟ ଟ୍ରେସିଂ ହୋଇଥିବା ବ୍ୟକ୍ତିମାନେ ମହିଳା ମହାବିଦ୍ୟାଳୟରେ ସ୍ୱାବ ଟେଷ୍ଟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ତତ୍ ସହିତ ସମଗ୍ର ଭୁବନ ଏନଏସିକୁ ନିୟମିତ ଭାବେ ସାନିଟାଇଜେସନ କରାଯିବା ସହିତ ପରିମଳ ଉପରେ ସ୍ୱଚ୍ଛତା ପାଇଁ ମଧ ତାଗିଦ କରିଥିଲେ । ଭୁବନ ଭଳି କ୍ଷୁଦ୍ର ସହରରେ ଲୋକମାନେ ସଚେତନ ନହୋଇ ଏବେବି ବିଭିନ୍ନ ସାହି କୋଠଘର,ଚାନ୍ଦେନି ମାନଙ୍କରେ ରୁଣ୍ଡ ହୋଇ ତାସ ଖେଳିବା ସହ ଦଳଦଳ ହୋଇ ବସାଉଠା କରୁଥିବାରୁ ସଂକ୍ରମିତଙ୍କ ସଂଖ୍ୟା ହଠାତ ବୃଦ୍ଧି ପାଇଛି । ଗୋଷ୍ଠୀ ସଂକ୍ରମଣ କୁ ପ୍ରତିହତ କରିବା ପାଇଁ ତାସ ଖେଳକୁ ସଂପୂର୍ଣ୍ଣ ବନ୍ଦ କରିବାକୁ ପୋଲିସ କୁ ନିର୍ଦ୍ଦେଶ ଦେଇଥିଲେ । ସଟଡାଉନ ଖୋଲିବା ପରେ ହାଟ ବଜାରରେ ଯେମିତି ଲୋକମାନେ ମାସ୍କ ପିନ୍ଧିବେ ଓ ସାମାଜିକ ଦୂରତା ରକ୍ଷା କରି କାରବାର କରିବେ ପୋଲିସ ଓ ପ୍ରଶାସନ ତାହା ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଭୁବନବାସୀ ସଚେତନ ହୋଇ ସତର୍କ ଓ ସୁରକ୍ଷିତ ରହିବା ସହିତ ପ୍ରଶାସନକୁ ସହଯୋଗ କରିବାକୁ ନିବେଦନ କରିଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳଙ୍କ ସମେତ ପିଡି,ଡିଆରଡିଏ ନରୋତମ ବେହେରା,କାମାକ୍ଷାନଗର ଉପଜିଲ୍ଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ,ସିଡିଏମଓ ସୁଜାତାରାଣୀ ମିଶ୍ର,ବିଡିଓ ଆଶୀର୍ବାଦ ପରିଡା,ଅତିରିକ୍ତ ତହସିଲଦାର ମନୋଜ କୁମାର ମାଝି,ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ,ଆଇଆଇସି ଜିତେନ୍ଦ୍ର କୁମାର ସାହୁ,ମେଡିକାଲ ଅଫିସର ଡାକ୍ତର ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଜଗତସିଂହପୁର ଜିଲ୍ଲାରେ ନୂଆ ୧୬ କରୋନା ପଜିଟିଭ୍ ଚିହ୍ନଟ

ଜଗତସିଂହପୁର,୧୨।୮ (ନି.ପ୍ର): ଜଗତସିଂହପୁର ଜିଲ୍ଲାରେ ଆଜି ଆଉ ୧୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ନୂଆ ଚିହ୍ନଟ ଏହି ୧୬ ଆକ୍ରାନ୍ତଙ୍କ ମଧରେ ନାଉଗାଁ ବ୍ଲକରୁ ୧୨ ଜଣ, ପାରାଦ୍ୱୀପରୁ ୨ ଜଣ, କୁଜଙ୍ଗ ବ୍ଲକରୁ ଜଣେ, ବାଲିକୁଦା ବ୍ଲକରୁ ଜଣେ ରହିଛନ୍ତି । ନାଉଗାଁ ବ୍ଲକରୁ ଚିହ୍ନଟ ୧୨ ଆକ୍ରାନ୍ତଙ୍କ ମଧ୍ୟରୁ ୪ ଜଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆଇସୋଲେସନ ୱାର୍ଡ଼ରେ ରହିଥିବା ବେଳେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ୫ ଜଣ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି । ସେମାନେ ହୋମ୍ କ୍ୱାରେଂଟାଇନରେ ଥିଲେ । ସେହିପରି ଅନ୍ୟ ୩ ଜଣ ହୋମ୍ କ୍ୱାରେଂଟାଇନରେ ରହିଥିବା ବେଳେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ପାରାଦ୍ୱୀପରୁ ଚିହ୍ନଟ ୨ ଆକ୍ରାନ୍ତଙ୍କ ମଧରୁ ଜଣେ ଦିଲ୍ଲୀ ଫେରନ୍ତା ରହିଛନ୍ତି । ସେ ହୋମ୍ କ୍ୱାରେଂଟାଇନରେ ଥିଲେ । ଅନ୍ୟ ଜଣେ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । କୁଜଙ୍ଗ ବ୍ଲକରୁ ଚିହ୍ନଟ ଆକ୍ରାନ୍ତ ଜଣକ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି । ସେହିପରି ବାଲିକୁଦା ବ୍ଲକରୁ ଚିହ୍ନଟ ଆକ୍ରାନ୍ତ ଜଣକ ହୋମ୍ କ୍ୱାରେଂଟାଇନରେ ରହିଥିବା ବେଳେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେ ମଧ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି । ପ୍ରକାଶ ଥାଉ କି, ଅଦ୍ୟାବଧି ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨ ରହିଛି ।

# ମୋ ପରିବାର ଓ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ସଂଗୃହୀତ ହେଲା ୯୦ ୟୁନିଟ ରକ୍ତ

ବାରିପଦା,୧୨।୮ (ନି.ପ୍ର): କରୋନା ମହାମାରୀ ସହ ଜନସାଧାରଣ ସଂଗ୍ରାମ ଚଳାଇ ଆସୁଥିବା ବେଳେ ରେଡ଼କ୍ରସ ରକ୍ତ ଭଣ୍ଡାରରେ ଦେଖା ଦେଇଥିବା ରକ୍ତର ଅଭାବକୁ ପୂରଣ କରାଇବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମାସ୍ଥିତ ବିଜେଡ଼ି ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନରେ ଆଜି ମୋ ପରିବାର ଓ ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ତଥା ଓଡ଼ିଶା କୃଷି ଶିଳ୍ପ ନିଗମ ଅଧକ୍ଷ ଦେବାଶିଷ ମହାନ୍ତି ଓ ଜିଲ୍ଲା ଯୁବ ବିଜେଡ଼ି ସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ମିଳିତ ସଂଯୋଜନାରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ମୋଟ ୯୦ ୟୁନିଟ ରକ୍ତ ସଂଗୃହୀତ ହୋଇଛି । ଉକ୍ତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଯୁବକ, ଛାତ୍ର, କୃଷକ ଓ ବୁଦ୍ଧିଜୀବୀମାନେ ଯୋଗ ଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ସମୟରେ ରାଜ୍ୟ ରଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଓଡ଼ିଶା ବିଧାନସଭାର ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ସହ ପର୍ଯ୍ୟବେକ୍ଷକ ପ୍ରକାଶ ମହାନ୍ତି, ଯୁବ ବିଜେଡ଼ି ଜୋନାଲ ସଭାପତି ସୁବ୍ରମଣ୍ୟମ ମହାନ୍ତି , ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦେବାଶିଷ ମାର୍ଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦାଃ, ଶ୍ରୀନାଥ ସୋରେନ ଓ ଗଣେଶ୍ୱର ପାତ୍ର ପ୍ରମୁଖ ଯୋଗ ଦେଇ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ମିଳିତ ଭାବେ ଉଦଘାଟନ କରିଥିଲେ । ସେହିପରି ବିଜେଡ଼ିର ବରିଷ୍ଠ ନେତା ଜ୍ଞାନରଞ୍ଜନ ଦାଶ, ବୃନ୍ଦାବନ ଦାସ, ଜାମିନୀକାନ୍ତ ନାୟକ, ଅର୍ଜୁନ ଦଳେଇ, ଅଭିନ୍ ନ୍ଦର ପାତ୍ର, ଜିଲ୍ଲା ବିଜେଡ଼ିର ଯୁବ ସାଧାରଣ ସମ୍ପାଦକ ଉତମ କୁମାର ମହାନ୍ତି, ଜିଲ୍ଲା ଉପସଭାପତି ଡ଼ା ଆଦିତ୍ୟ ପଣ୍ଡା, ପୂର୍ବତନ ନଗରପାଳ ରାଜ ଶିବ ନାରାୟଣ କିସ୍କୁ, ପ୍ରଭାତ ମହାନ୍ତି, ଦେବାଶିଷ ପାତ୍ର, ଶୈଳେନ୍ଦ୍ର ପାତ୍ର, ଗୀତାରାଣୀ ବେହେରା, ରତ୍ନାକର ବେହେରା, ରାଜ୍ୟ ଯୁବ ବିଜେଡ଼ି ସାଧାରଣ ସମ୍ପାଦକ ଅରୁଣ ବରାଡ଼ ଓ ବିରଂଚି ମହାପାତ୍ର, ସାଧାରଣ ସମ୍ପାଦକ ସୁନୀଲ ନାୟକ, ସ୍ୱରୂପ ଦାସ, ଛାତ୍ର ସଭାପତି ଅଭୟ ସିଂ, ଛାତ୍ରନେତା ସୁନୀଲ ସେଠୀ, ଦିବ୍ୟବ୍ରତ ମହାନ୍ତି , ଶରତ ମୁର୍ମୁ, ଆଶୀର୍ବାଦ ଦାସ, ଆଭାସ ଦେ, ଆଶୀର୍ବାଦ ଦାସ, କପିଳ ଖଣ୍ଡେଲୱାଲ, ମାନସ ପୃଷ୍ଟି , ଅମିତ ବୈଠା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରାଇବା ସହ ଶିବିର ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।

# ଫୁଲବାଣୀ ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ପଡିଛି ପିପିଇ କିଟ୍ ଓ ଗ୍ଲୋଭସ୍

**ପଡିଥିବା ପିପିଇ କିଟ୍ ପିନ୍ଧି ବୁଲୁଛନ୍ତି ପାଗଳ : ସଂକ୍ରମଣର ଆଶଙ୍କା ବଢୁଛି**

କନ୍ଧମାଳ,୧୨।୮ (ନି.ପ୍ର): ଜିଲାରେ ବିଭିନ୍ନ ଯାଗାରେ କୋଭିଡ କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀ ଏବଂ ଅନ୍ୟାନ୍ୟ ସେବା ପ୍ରଦାନ କାରୀ ମାନେ ସେମାନଙ୍କର ପିପିଇ କିଟ୍ ଗୁଡିକ କାର୍ଯ୍ୟ ସରିବାପରେ ସୁରକ୍ଷୀତ ଭାବରେ ସେଗୁଡିକୁ ନଷ୍ଟ କରିବାପାଇଁ ମାର୍ଗଦର୍ଶିକା ଥିବାବେଳେ ସେମାନଙ୍କ ମଧ୍ୟରୁ କିଛି ଏହାକୁ ପାଳନ ନ କରି ବିଭିନ୍ନ ଯାଗାରେ ଅସୁରକ୍ଷୀତ ଭାବରେ ଫୋପାଡି ଦେଉଥିବାରୁ ରାସ୍ତାଘାଟ କିମ୍ବା ଜନବସତି ଅଂଚଳରେ ଏହି କିଟ୍ ଗୁଡିକ ଦେଖିବାକୁ ମିଳୁଛି ଫଳରେ କରୋନା ସଂକ୍ରମଣର ଆଶଙ୍କା ମଧ୍ୟ ବଢୁଛି ତଥା ଲୋକେ ମଧ୍ୟ ଏହା ଦେଖି ଭୟଭୀତ ହେଉଛନ୍ତି । । ଫୁଲବାଣୀ ସହରର ନାରାୟଣୀ ରୋଡରେ ଥିବା ପବ୍ଲିକ ସ୍କୁଲ ସମ୍ମୁଖରେ କେତେଗୁଡିଏ ପିପିଇ କିଟ୍ ଓ ଗ୍ଲୋଭସ୍ ପଡିଥିବା ଦେଖି ସେହି ରାସ୍ତାଦେଇ ଯାଉଥିବା ଲୋକେ ଭୟଭୀତ ହୋଇପଡିଛନ୍ତି । ବ୍ୟବହୃତ ହୋଇଥିବା ପିପିଇ କିଟ୍ ଓ ଗ୍ଲୋଭସ୍ ଗୁଡିକ ରାସ୍ତାରେ ପଡିଥିବା ଦେଖିବାକୁ ମିଳୁଛି । ବ୍ୟବହାର ପରେ ପିପିଇ କିଟ୍ ଗୁଡିକ ନଷ୍ଟ କରିବାପାଇଁ ନିର୍ଦ୍ଦେଶ ଥିଲେ ମଧ ଏହାକୁ ସଠିକ ଭାବରେ ପାଳନ କରାଯାଉନାହିଁ । ସେହିପରି ରାଇକିଆ ନିକଟରେ ମଧ ବ୍ୟବହୃତ ପିପିଇ କିଟ୍ ଗୁଡିକ ରାସ୍ତାରେ ପଡିଥିବାରୁ ତାକୁ ନେଇ ଜଣେ ପାଗଳ ବ୍ୟକ୍ତି ତାକୁ ପିନ୍ଧି ବୁଲୁଥିବା ଦେଖି ଗାଁ ଲୋକେ ଦେଖି କରୋନା ସଂକ୍ରମଣ ହେବା ଆଶଙ୍କା କରି ଭୟଭୀତ ଅବସ୍ଥାରେ ଅଛନ୍ତି । ପାଗଳ ଜଣକ ଗାଁକୁ ଗାଁ ମଧ ବୁଲୁଥିବା ଲୋକେ ଅଭିଯୋଗ କରିଛନ୍ତି । ଏଥିପୂର୍ବରୁ ଶଙ୍କରାଖୋଲ, ଖଜୁରୀପଡା, କୋଟଗଡ ଆଦି ଅନେକ ସ୍ଥାନରେ ରାସ୍ତା କଡରେ ସାହିବସ୍ତିରେ ପିପିଇ କିଟ୍ ପଡିଥିବା ଦେଖିବାକୁ ମିଳିଥିଲା । ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାଲାଗି ସ୍ଥାନୀୟ ଲୋକେ ଦାବୀ କରିଛନ୍ତି ।

## କୁଚିଣ୍ଡାରେ ଡ଼ବଲ ମର୍ଡ଼ର —— ବଡ଼ଭାଇ ଓ ୪ ବର୍ଷର ପୁତୁରାକୁ ହତ୍ୟା ; ମୁମୂର୍ଷୁ ଅବସ୍ଥାରେ ଭାଉଜ ଉଦ୍ଧାର

ସମ୍ବଲପୁର,୧୨।୮ (ନି.ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ ଘଟିଯାଇଛି ଡ଼ବଲ ମର୍ଡ଼ର । ଗୋବିନ୍ଦପୁର ଥାନା ତାଳଡ଼ିହି ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଘଟିଯାଇଛି ଏଭଳି ଏକ ଲୋକହର୍ଷଣ ହତ୍ୟାକାଣ୍ଡ । ଅଭିଯୁକ୍ତ ସାନଭାଇ ବିଳମ୍ବିତ ରାତିରେ ଘରେ ପଶି ମାରଣାସ୍ତ୍ରରେ ବଡ଼ଭାଇ ଓ ୪ ବର୍ଷର ପୁତୁରାକୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଛି । ଫଳରେ ଉଭୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ବଡ଼ଭାଇ ସହ ୪ ବର୍ଷର ପୁତୁରାର ମୃତଦେହ ଅଙ୍ଗନବାଡ଼ି କେନ୍ଦ୍ର ପାଇଖାନା ଟାଙ୍କିରୁ ଉଦ୍ଧାର ହୋଇଛି । ମୁମୂର୍ଷୁ ଅବସ୍ଥାରେ ଭାଉଜଙ୍କୁ ଉଦ୍ଧାର କରାଯାଇଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଘଟଣାରେ ଗୁରୁତର ଭାଉଜଙ୍କୁ ସୁନ୍ଦରଗଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଅଭିଯୁକ୍ତ ସାନଭାଇକୁ ପୋଲିସ ଅଟକ ରଖି ପଚାରା ଉଚୁରା ଚଳାଇଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

# କନ୍ଧମାଳ ଜିଲ୍ଲାରେ ଚଳିତବର୍ଷ ୧୪୮୦ ହେକ୍ଟର ମିଶ୍ରିତ ଚାଷ ଲକ୍ଷ୍ୟ

କନ୍ଧମାଳ,୧୨।୮ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଚଳିତବର୍ଷ ୨୦୨୦ ରେ ଖରୀଫ ଋତୁରେ ୧୪୮୦ ହେକ୍ଟର ଜମିରେ ମିଶ୍ରିତ ଚାଷ କରିବାଲାଗି କୃଷି ବିଭାଗ ଲକ୍ଷ୍ୟ ରଖିଛି । ଫୁଲବାଣୀ କୃଷି ଜିଲ୍ଲା ଅଧିକାରୀଙ୍କ ଅଧିନରେ ଥିବା ଖଜୁରୀପଡା, ଫିରିଙ୍ଗିଆ, ଫୁଲବାଣୀ ବ୍ଲକ ଅଂଚଳରେ ୩୮୦ ହେକ୍ଟର, ବାଲିଗୁଡା ଜିଲ୍ଲା କୃଷି ଅଧିକାରୀ ଅଧିନରେ ଥିବା ବାଲିଗୁଡା, କୋଟଗଡ ଓ ତୁମୁଡିବନ୍ଧ ବ୍ଲକରେ ୩୭୦ ହେକ୍ଟର, ଜି.ଉଦୟଗିରି କୃଷି ଜିଲ୍ଲା ଅଧିକାରୀଙ୍କ ଅଧିନରେ ଚକାପାଦ, ଜି.ଉଦୟଗିରି, ରାଇକିଆ ଓ ଟିକାବାଲି ବ୍ଲକରେ ୪୮୦ ହେକ୍ଟର, କ.ନୂଆଗାଁ କୃଷି ଜିଲ୍ଲା ଅଧିକାରୀଙ୍କ ଅଧିନରେ ଦାରିଙ୍ଗବାଡି, ନୂଆଗାଁ ବ୍ଲକରେ ୨୫୦ ହେକ୍ଟର, ଏହିପରି ୧୪୮୦ ହେକ୍ଟର ମିଶ୍ରିତ ଚାଷ କରିବାଲାଗି ଲକ୍ଷ୍ୟ ରଖିଥିବା କହିଛନ୍ତି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବସନ୍ତ ସାହୁ । ଜିଲ୍ଲାର ଖଜୁରୀପଡା ବ୍ଲକରେ ଧାନ ସହ ହରଡ ମିଶି ୪୫ ହେକ୍ଟର, ଚିନାବାଦାମ ସହ ହରଡ ମିଶି ୧୦ ହେକ୍ଟର, ମୁଗ ସହ ହରଡ ୫ ହେକ୍ଟର, ବିରି ଓ ହରଡ ମିଶି ୨୫ ହେକ୍ଟର, ମକା ଓ ହରଡ ମିଶି ୧୫ ହେକ୍ଟର ଓ ଅନ୍ୟାନ୍ୟ ୪୦ ହେକ୍ଟର ଏହିପରି ୧୪୦ ହେକ୍ଟର ମିଶ୍ରିତ ଚାଷ କରାଯାଉଥିବା ବେଳେ ଫିରିଙ୍ଗିଆ ବ୍ଲକରେ ଧାନ ସହ ହରଡ ୩୦ ହେକ୍ଟର, ବାଦାମ ସହ ହରଡ ୧୦ ହେକ୍ଟର, ମୁଗ ଓ ହରଡ ୫ ହେକ୍ଟର, ହରଡ ଓ ବିରୀ ୨୦ ହେକ୍ଟର, ମକା ଓ ହରଡ ୧୫ ହେକ୍ଟର ଓ ଅନ୍ୟାନ୍ୟ ୫୦ ହେକ୍ଟର ମିଶି ୧୩୦ ହେକ୍ଟର । ସେହିପରି ଫୁଲବାଣୀ ବ୍ଲକରେ ଧାନ ଓ ହରଡ ୨୫ ହେକ୍ଟର, ଚଣା ସହ ହରଡ ୧୦ ହେକ୍ଟର, ମୁଗ ଓ ହରଡ ୫ ହେକ୍ଟର, ହରଡ ଓ ବିରୀ ମିଶି ୧୫ ହେକ୍ଟର, ମକା ଓ ହରଡ ମିଶି ୨୦ ହେକ୍ଟର ଓ ଅନ୍ୟାନ୍ୟ ଚାଷ ୩୫ ହେକ୍ଟର ମିଶି ୧୧୦ ହେକ୍ଟର ମିଶ୍ରିତ ଚାଷ କରାଯିବା ଲାଗି ଲକ୍ଷ୍ୟ ରଖିଛି ବିଭାଗ । ବାଲିଗୁଡା ବ୍ଲକରେ ଧାନ ଓ ହରଡ ମିଶି ୪୦ ହେକ୍ଟର, ବାଦାମ ସହ ହରଡ ମିଶି ୧୦ ହେକ୍ଟର, ମୁଗ ହରଡ ୫ ହେକ୍ଟର, ହରଡ ଓ ବିରୀ ୧୫ ହେକ୍ଟର, ମକା ଓ ହରଡ ୧୦ ହେକ୍ଟର, ଅନ୍ୟାନ୍ୟ ମିଶ୍ରିତ ଚାଷ ୪୫ ହେକ୍ଟର ମିଶି ୧୨୫ ହେକ୍ଟର ଚାଷ ହାତକୁ ନିଆଯାଇଛି । କୋଟଗଡ ବ୍ଲକର ଧାନ ଓ ହରଡ ମିଶି ୨୫ ହେକ୍ଟର, ବାଦାମ ଓ ହରଡ ୧୦ ହେକ୍ଟର, ମୁଗ ଓ ହରଡ ୫ ହେକ୍ଟର, ହରଡ ଓ ବିରୀ ମିଶି ୧୫ ହେକ୍ଟର, ମକା ଓ ହରଡ ମିଶି ୧୦ ହେକ୍ଟର ଅନ୍ୟାନ୍ୟ ମିଶ୍ରିତ ଚାଷ ୫୦ ହେକ୍ଟର ମିଶି ୧୧୫ ହେକ୍ଟର ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ତୁମୁଡିବନ୍ଧ ବ୍ଲକର ଧାନ ଓ ହରଡ ମିଶି ୨୫ ହେକ୍ଟର, ବାଦାମ ଓ ହରଡ ୧୦ ହେକ୍ଟର, ମୁଗ ହରଡ ୫, ହରଡ ଓ ବିରୀ ୨୦ ହେକ୍ଟର, ମକା ଓ ହରଡ ୧୦, ଅନ୍ୟାନ୍ୟ ୬୦ ହେକ୍ଟର ଏହିପରି ମୋଟ ୧୩୦ ହେକ୍ଟର ଚାଷ କରାଯିବ । ଚକାପାଦ ବ୍ଲକରେ ଧାନ ଓ ହରଡ ମିଶି ୨୫, ଚିନାବାଦାମ ଓ ହରଡ ୧୦, ମୁଗ ହରଡ ୫, ହରଡ ଓ ବିରୀ ୧୦, ମକା ସହ ହରଡ ୧୫ ହେକ୍ଟର ଅନ୍ୟାନ୍ୟ ମିଶ୍ରିତ ୪୦ ହେକ୍ଟର ଏହିପରି ମୋଟ ୧୦୫ ହେକ୍ଟର । ଜି.ଉଦୟଗିରି ବ୍ଲକରେ ଧାନ ଓ ହରଣ ମିଶି ୩୨, ଚିନାବାଦାମ ଓ ହରଡ ମିଶି ୧୦, ମୁଗ ହରଡ ୫, ହରଡ ଓ ବିରୀ ୧୫, ମକା ଓ ହରଡ ୨୦ ଓ ଅନ୍ୟାନ୍ୟ ମିଶ୍ରିତ ଚାଷ ୫୦ ଏହିପରି ମୋଟ ୧୩୨ ହେକ୍ଟର । ରାଇକିଆ ବ୍ଲକରେ ଧାନ ଓ ହରଡ ମିଶି ୨୦ ହେକ୍ଟର, ଚିନାବାଦାମ ଓ ହରଡ ମିଶି ୧୦, ମୁଗ ଓ ହରଡ ୫, ହରଡ ଓ ବିରୀ ମିଶି ୧୫, ମକା ଓ ହରଡ ୧୫ ଓ ଅନ୍ୟାନ୍ୟ ମିଶ୍ରିତ ୪୫ ହେକ୍ଟର ଏହିପରି ମୋଟ ୧୧୦ ହେକ୍ଟର । ସେହିପରି ଟିକାବାଲି ବ୍ଲକରେ ଧାନ ସହ ହରଡ ୨୩ ହେକ୍ଟର, ଚିନାବାଦାମ ସହ ହରଡ ୧୦, ମୁଗ ହରଡ ୫, ହରଡ ଓ ବିରୀ ୨୦, ମକା ହରଡ ୧୫ ଅନ୍ୟାନ୍ୟ ମିଶ୍ରିତ ୬୦ ଏହିପରି ମୋଟ ୧୩୩ ହେକ୍ଟର । କ.ନୂଆଗାଁ ବ୍ଲକରେ ଧାନ ହରଡ ମିଶି ୩୦ ହେକ୍ଟର, ଚିନାବାଦାମ ସହ ହରଡ ୧୦, ମୁଗ ହରଡ ୧୫, ହରଡ ବିରୀ ୧୫, ମକା ଓ ହରଡ ୧୫ ଅନ୍ୟାନ୍ୟ ମିଶ୍ରିତ ୯୫ ଏହିପରି ମୋଟ ୨୫୦ ହେକ୍ଟର ଚାଷ ହାତକୁ ନିଆଯାଇଥିବା ବେଳେ ଦାରିଙ୍ଗବାଡି ବ୍ଲକରେ ଧାନ ସହ ହରଡ ୩୫, ଚିନାବାଦାମ ସହ ହରଡ ୧୦, ମୁଗ ହରଡ ୫, ହରଡ ବିରୀ ୧୫, ମକା ଓ ହରଡ ୧୫ ଓ ଅନ୍ୟାନ୍ୟ ମିଶ୍ରିତ ଚାଷ ୪୫ ହେକ୍ଟର ଏହିପରି ମୋଟ ୧୨୫ ହେକ୍ଟର ଚାଷ ହାତକୁ ନିଆଯାଇଛି ।

# ଯୁବଗୋଷ୍ଠି ସକ୍ରିୟ ହେଲେ ବିଶ୍ୱରେ ପରିବର୍ତ୍ତନ ଆସିପାରିବ : ଆର୍ନ୍ତଜାତୀୟ ଯୁବଦିବସ ୱେବନାର

ଭୁବନେଶ୍ୱର,୧୨।୮ (ନି.ପ୍ର): ଯୁବକମାନେ ଏକାଠି ହୋଇ ଗୋଷ୍ଠି ସ୍ତରରୁ ପରବର୍ତନ ଆରମ୍ଭ କଲେ ତାହା ବିଶ୍ୱ ସ୍ତରରେ ପରିବର୍ତନ ଆଣିପାରିବ । ଏଥିପାଇଁ ଯୁବପୀଢି ମିଳିତ ଭାବେ ଆଗେଇ ଆସିବାକୁ କହିଛନ୍ତି ସାଉଥ ଏସିଆ ଇନିସିଏଟିଭ ଟୁ ଏଣ୍ଡ ଭାଓଲେନ୍ସ ଏଗନେଷ୍ଟ ଚିଲଡ୍ରେନ (ସାଇଭାକ) ର ମହାନିର୍ଦ୍ଦେଶକ ଡକ୍ଟର ରିନଚେନ ଚୋଫେଲ । ଆର୍ନ୍ତଜାତୀୟ ଯୁବ ଦିବସ ଅବସରରେ ସ୍ୱେଚ୍ଛାସେବୀ ସଂସ୍ଥା ପିପୁଲ୍ସ କଲଚରାଲ ସେଂଟର (ପିକକ) ଏବଂ ଇକୋସେଭରର୍ସ, ତେରେ ଦେଶେ ହୋମ୍ସ, ବିଏମଜେଡ ଦ୍ୱାରା ଆୟୋଜିତ ମିଳିତ ୱେବନାରରେ ଉଦବୋଧନ ଦେଇ ଡକ୍ଟର ଚୋଫେଲ ଏହି ମତ ରଖିଛନ୍ତି । ସେ କହିଛନ୍ତି ଯେ ଭୁଟାନ ହେଉଛି ବିଶ୍ୱର ଏକମାତ୍ର ଦେଶ ଯେଉଁଠାରେ ବାୟୁମଣ୍ଡଳରେ ଆଦୌ କାର୍ବନ ନାହିଁ । ଏହି ଛୋଟ ଦେଶରେ ପରିବେଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିବାରୁ ଏହା ସମ୍ଭବ ହୋଇଛି । ଗୋଟିଏ ଗଛ ନଷ୍ଟ ହେଲେ ତାହା ବଦଳରେ ଅତି କମରେ ତିନିଟି ଗଛ ଲଗାଇବାକୁ ସେ କହିଛନ୍ତି । ସେହିଭଳି ଗୋଷ୍ଠି ସ୍ତରରେ ବିକାଶ ହୋଇପାରିଲେ ତାହା ରାଜ୍ୟ ଓ ଦେଶର ବିକାଶରେ ସହାୟକ ହେବ । ପ୍ରତ୍ୟେକ ବ୍ୟକ୍ତି ଦାୟିତ୍ୱର ସହ ପ୍ରଥମେ କାର୍ଯ୍ୟକଲେ ପରେ ଏହା ବୃହତ ରୂପ ନେବ । ତେବେ ଯୁବକମାନେ ଠିକ୍ ବାଟରେ ନଗଲେ ବିଶ୍ୱସ୍ତରରେ ପରିବର୍ତନ ହୋଇପାରିବ ନାହିଁ ବୋଲି ସେ କହିଛନ୍ତି । ପ୍ରଥମେ ଯୁବକମାନେ ସ୍ଥାନୀୟ ସମସ୍ୟାର ସମାଧାନ ନକଲେ ବିଶ୍ୱ ସ୍ତରରେ କିଛି କରିହେବ ନାହିଁ । ବିଶେଷକରି ଶିଶୁ ଶ୍ରମ, ଶିଶୁ ଚାଲାଣ ଓ ବାଲ୍ୟ ବିବାହ ତଥା ଶିଶୁ ହିଂସା ଆଦିକୁ ରୋକିବାପାଇଁ ଯୁବବର୍ଗ ଏକାଠି ହେବା ଆବଶ୍ୟକ । ଏଥି ସହିତ ଯୁବକମାନେ ରାଜନୀତି, ଅର୍ଥନୀତି, ସାମାଜିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ମଧ ନିଜକୁ ସଂଶ୍ଳିଷ୍ଟ କରିବାପାଇଁ ସେ ପରାମର୍ଶ ଦେଇଛନ୍ତି । ଉତରାଂଚଳ ରାଜସ୍ୱ କମିଶନର ନିରଞ୍ଜନ ସାହୁ କହିଥିଲେ ଯେ ଭାରତ ହେଉଛି ଯୁବକଙ୍କ ଦେଶ । ସ୍ୱାଧୀନତା ବେଳକୁ ଦେଶରେ ମଣିଷର ହାରାହାରି ପରମାୟୁ ୩୪ବର୍ଷ ଥିବାବେଳେ ଏବେ ତାହା ୬୮ରେ ପହଂଚିଛି । କାମ କରିବାର ଶକ୍ତି ବଢିଯାଇଛି । ଆମ ରାଜ୍ୟର ଯୁବଗୋଷ୍ଠିଙ୍କ କାର୍ଯ୍ୟଦକ୍ଷତାକୁ ନେଇ ଶିଳ୍ପସଂସ୍ଥାଗୁଡିକର ଯେଉଁ ନକରାତ୍ମକ ଧାରଣା ରହିଛି ତାହାକୁ ଦୂରେଇବାକୁ ପଡିବ । ଏଥିପାଇଁ ଯୁବବର୍ଗଙ୍କ ବ୍ୟବହାରିକଜ୍ଞାନରେ ଉନ୍ନତି ଆଣିବାକୁ ହେବ । ଯୁବଗୋଷ୍ଠି ଅନ୍ୟ ପାଇଁ କିଛି କରିବା ମନୋଭାବ ନେଇ ଆଗକୁ ବଢିବାକୁ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ । ବର୍ତମାନ ଦେଖା ଦେଇଥିବା କୋଭିଡ ମହାମାରୀରକୁ ନେଇ ଭୟ କରିବା ବଦଳରେ ଯୁବ ସମାଜ ଆତ୍ମବିଶ୍ୱାସ ଓ ସମସ୍ତ ପ୍ରକାର ସର୍ତକତାର ସହ ଏହାକୁ ସାମ୍ନା କରିବାକୁ ଶ୍ରୀ ସାହୁ ପରାମର୍ଶ ଦେଇଛନ୍ତି । ଇକୋ ସେଭର ୟୁଥ୍ ନେଟୱାର୍କର ସଭାପତି ସ୍ତୁତି ରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମର ପରିଚାଳନା କରି ଓଡିଶାର ୪ହଜାର ଯୁବକ ଯୁବତୀ ଏହି ନେଟୱାର୍କରେ ସାମିଲ ଥିବା ସୂଚନା ଦେଇଥିଲେ । ବରିଷ୍ଠ ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ରାଉତରାୟ କହିଥିଲେ ଯେ ଯୁବକମାନେ ଗଠନମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହିତ ବୟସ୍କମାନେ ସେମାମାନଙ୍କ ଅଭିଜ୍ଞତା ଆଧାରରେ ଦିଗ୍‌ଦର୍ଶନ ଦେବା ଆବଶ୍ୟକ । ଶ୍ରୀ ରାଉତରାୟ କହିଥିଲେ ଯେ ଆଜିର ଯୁବ ସମାଜ ସ୍ୱପ୍ନ ଦେଖିବା ଦରକାର । ସେମାନେ ସ୍ୱପ୍ନ ଦେଖି ତାହାକୁ ସାକାର ପାଇଁ ଉଦ୍ୟମ କଲେ ହିଁ ସଫଳ ହେବେ । ତେବେ ବର୍ତମାନ ଯୁବସମାଜ ବିଭିନ୍ନ ନକରାତ୍ମକ ମନୋଭାବ ପୋଷଣ କରୁଛନ୍ତି । ତେଣୁ ପାଠପଢା ସହିତ ନିଜ ନିଜ ହୃଦୟରେ ପରିବର୍ତନ ଆଣି ଭଲ ମଣିଷ ହେବା ଆବଶ୍ୟକ । ପିକକ୍‌ର ସମ୍ପାଦକ ତଥା ଏନଏସିଜି ଇଭାକ ଇଣ୍ଡିଆର ଅଧ୍ୟକ୍ଷ ରଞ୍ଜନ କୁମାର ମହାନ୍ତି ରାଜନୈତିକ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ ଲାଗି ଯୁବପୀଢିକୁ ଆହ୍ୱାନ ଦେଇ କହିଥିଲେ ଯେ ଭୋଟ ଅଧିକାର ପାଇଥିବା ସମସ୍ତ ଯୁବକ ଯୁବତୀ ନିଜ ନିଜର ମତଦାନ ଅଧିକାର ସାବ୍ୟସ୍ତ କିରବା ଆବଶ୍ୟକ । ଭୋଟ ନଦେଲେ ନିର୍ମଳ ତଥା ସ୍ୱଚ୍ଛ ସରକାର ଗଠନ ସମ୍ଭବପର ନୁହେଁ । ଭଲ ଲୋକଙ୍କୁ ବାଛି ଭୋଟ ଦେବା ସହିତ ରାଜନୀତିରେ ଯୁବକମାନେ ସକ୍ରିୟ ରହିବା ଜରୁରୀ । ବିଶେଷକରି ପଲ୍ଲୀସଭା, ଗ୍ରାମସଭା ଆଦିରେ ସେମାନେ ଅଂଶଗ୍ରହଣ ପାଇଁ ଶ୍ରୀ ମହାନ୍ତି ପରାମର୍ଶ ଦେଇଥିଲେ । ଗବେଷକ ପ୍ରଣବ ଚୌଧୁରୀ କହିଥିଲେ ଯେ ବିଗତ ୨୦/୨୫ ବର୍ଷ ଧରି ଏକାଧିକ ମହାମାରୀ ଦେଖାଦେଉଛି । ଜଳବାୟୁରେ ପରିବର୍ତନ ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି । ଶ୍ରୀ ଚୌଧୁରୀ ବିଭିନ୍ନ ପ୍ରକାର ଭୂତାଣୁ ଓ ଏ ସଂକ୍ରାନ୍ତରେ ଚାଲିଥିବା ଗବେଷଣା ଉପରେ ଆଲୋକପାତ କରିଥିଲେ । ଜାତୀୟ ଯୁବକ ପ୍ରକଳ୍ପର ମଧୁସୂଦନ ଦାସ ଯୁବଗୋଷ୍ଠି ମଧରେ କିଭଳି ସକରାତ୍ମକ ମନୋଭାବ ସୃଷ୍ଟି ହୋଇପାରିବ ତାହା ଉପରେ ଆଲୋକପାତ କରିଥିଲେ । ବିଶେଷକରି ଗାନ୍ଧୀବାଣୀକୁ ପାଥେୟ କରି ଯୁବକମାନେ ଆଗକୁ ବଢିବା ପାଇଁ ଶ୍ରୀ ଦାସ ପରାମର୍ଶ ଦେଇଥିଲେ । ପିକକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଅତୀତରେ ଯୁବଗୋଷ୍ଠିଙ୍କ ସହାୟତାରେ ପିକକ୍ ଅନୁଷ୍ଠାନ କିଭଳି ରାଜଧାନୀରେ ସବୁଜ ବଳୟ ସୃଷ୍ଟି କ୍ଷେତ୍ରରେ କାର୍ଯ୍ୟ କରିଥିଲା ସେ ସଂକ୍ରାନ୍ତରେ ବିସ୍ତୃତ ସୂଚନା ଦେଇଥିଲେ । ଆଜି ରାଜଧାନୀର ପ୍ରମୁଖ ସ୍ଥାନରେ ଥିବା ବଡ ବଡ ଗଛକୁ ନବେ ଦଶକରେ ଯୁବ ସ୍ୱେଚ୍ଛାସେବୀମାନଙ୍କ ସହାୟତାରେ ଲଗାଯାଇଥିଲା । ଶ୍ରୀମତୀ ମହାନ୍ତି କହିଥିଲେ ଯେ ବର୍ତମାନ କେନ୍ଦୁଝର ଓ ଦିଲ୍ଲୀରେ ବାୟୁ ପ୍ରଦୂଷଣର ଯେଉଁ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଛି ତାହାକୁ ଦୃଷ୍ଟିରେ ରଖି ପୂର୍ବଭଳି ଯୁବଗୋଷ୍ଠିଙ୍କ ସହାୟତାରେ ବ୍ୟାପକ ସବୁଜ ବଳୟ ସୃଷ୍ଟି କରାଯିବା ଆବଶ୍ୟକ । ଏହି ୱେବିନାରରେ ରିସର୍ଚ୍ଚ ଏଡିଟ୍‌ର ମୁଖ୍ୟ ସମ୍ପାଦକ ସୁଶ୍ରୀ ଶୈଳେନ ସୁମନ ଯୁବବର୍ଗଙ୍କ ସକରାତ୍ମକ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିବାବେଳେ ଇକୋ ସେଭର ୟୁଥ ନେଟୱାର୍କର ଉପସଭାପତି ସୁଶ୍ରୀ କଳ୍ପନା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂଧ୍ୟାରେ ଭୁବନ ଥାନାରେ ଏସପିଙ୍କ ସମୀକ୍ଷା ବୈଠକ

ଭୁବନ,୧୨।୮ (ନି.ପ୍ର): ଢେଙ୍କାନାଳ ଜିଲ୍ଲାରେ ଭୁବନ ଏନଏସି କରୋନା ହଟସ୍ପଟ ଜୋନ ଭାବେ ପରିଚିତ ହୋଇଥିବାରୁ ଜିଲ୍ଲା ପ୍ରଶାସନର ଚିନ୍ତା ବଢିଯାଇଛି । ଭୁବନରେ ଲୋକମାନେ ଏବେବି ଦଳଦଳ ହୋଇ ବସାଉଠା କରୁଥିବାରୁ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି ବୋଲି ଗତକାଲି ଜିଲ୍ଲାପାଳ ଭୂମେଶ ଚନ୍ଦ୍ର ବେହେରା ସମୀକ୍ଷା ବୈଠକରେ ପ୍ରକାଶ କରିଥିଲେ । ସାହି କୋଠଘର,ଚାନ୍ଦେନି ମାନଙ୍କରେ ତାସ ଖେଳ ବନ୍ଦ କରିବା ସହ ଦଳଦଳ ହୋଇ ବସାଉଠା କରୁଥିବା ଲୋକଙ୍କୁ ଘଉଡାଇବାକୁ ଜିଲ୍ଲାପାଳ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ । ମାଜଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ମନୋଜ କୁମାର ମାଝି,ଆଇଆଇସି ଙ୍କ ସହିତ ସମଗ୍ର ଭୁବନ ଏନଏସି ଅଂଚଳକୁ ପରିଭ୍ରମଣ କରି ସ୍ଥିତି ପରଖିଥିଲେ । ଭୁବନ ଥାନା ତରଫରୁ ଆଇଆଇସି ଜିତେନ୍ଦ୍ର କୁମାର ସାହୁ ୩ ଟି ସ୍କ୍ୱାର୍ଡ ଗଠନ କରି ଏସଆଇ ସୁକାନ୍ତି କେର୍କେଟା,ଏଏସଆଇ ପ୍ରଭାତ କୁମାର ନାୟକ, ରମେଶ ଚନ୍ଦ୍ର ସ୍ୱାଇଁ,ଲକ୍ଷ୍ମୀଧର ରଣା, ନୀଳକଣ୍ଠ ପାତ୍ର ,କୃଷ୍ଣଚନ୍ଦ୍ର ମୁଣ୍ଡା ଙ୍କୁ ବିଭିନ୍ନ ଏରିଆ ଦାୟିତ୍ୱ ପ୍ରଦାନ କରିଥିଲେ । ସ୍କ୍ୱାର୍ଡ ପକ୍ଷରୁ ୧ ପ୍ଲାଟୁନ ଆଇଆରବି ଫୋର୍ସଙ୍କ ସହାୟତାରେ ବିଭିନ୍ନ ସାହି, ଗଳିକନ୍ଦିରେ ପେଟ୍ରୋଲିଂ କଡାକଡି କରାଯାଇଥିଲା । ଆଇଆଇସି ଙ୍କ ସହିତ ଅତିରିକ୍ତ ତହସିଲଦାର ମନୋଜ କୁମାର ମାଝି ନୂଆବଜାର କାଳୀବଜାର ରେ ମାସ୍କ ଚେକିଂ ମଧ ଜୋରଦାର କରିଥିଲେ । ଗତକାଲି ଓ ଆଜି ଦୁଇ ଦିନରେ ଅମାନିଆଙ୍କ ଠାରୁ ୭ ହଜାର ରୁ ଅଧିକ ଟଙ୍କା ଫାଇନ ଆଦାୟ କରାଯାଇଥିଲା । ସର୍ବଶେଷ ଖବର ଅନୁଯାୟୀ ଆଜି ସଂଧ୍ୟାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନୁପମା ଜେମ୍‌ସ ଭୁବନ ଥାନାରେ ପହଁଚି ସ୍ଥିତି ସମୀକ୍ଷା କରିଥିଲେ ।

## ଏସ୍‌ସିଏସ୍‌ଟିଆର୍‌ଟିଆଇରେ ଭର୍ଚୁଆଲ୍ ଜବ୍ ରେଡିନେସ୍ ସ୍କିଲ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୨।୮ (ନି.ପ୍ର): ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଭୁବନେଶ୍ୱର ଆନୁକୂଲ୍ୟରେ 'ଜବ୍ ରେଡିନେସ୍ ସ୍କିଲ୍' ଶୀର୍ଷକ ଦୁଇଗୋଟି ଭର୍ଚୁଆଲ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଦ୍ୱିତୀୟ ପର୍ଯ୍ୟାୟର ଏହି କାର୍ଯ୍ୟକ୍ରମ ଅଗଷ୍ଟ ୧୨ ତାରିଖଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ୨୦ ବର୍ଷରୁ ୩୫ ବର୍ଷ ବୟସର ଶିକ୍ଷିତ ବେରୋଜଗାର ଯୁବକଯୁବତୀମାନେ ଜୁମ୍ ଆପ୍ ମାଧ୍ୟମରେ ଅଂଶଗ୍ରହଣ କରୁଛନ୍ତି । ଏଥିରେ ୪୧ ଜଣ ସଫଳ ଭାବେ ଅଂଶଗ୍ରହଣ କରିଥିଲେ । ଆଜି ଆରମ୍ଭ ହୋଇଥିବା ଦ୍ୱିତୀୟ କାର୍ଯ୍ୟକ୍ରମରେ ପ୍ରାୟ ୪୦ ଜଣ ଅଂଶଗ୍ରହଣ କରିଛନ୍ତି । କାର୍ଯ୍ୟକ୍ରମ ମାଧ୍ୟମରେ ୯ଟି ପ୍ରମୁଖ ବିଷୟ-୧- ସେଲଫ୍ ଆସେସ୍‌ମେଂଟ ଆଣ୍ଡ ସିଲେକ୍‌ସନ୍ ଅଫ୍ ସୁଇଟେବୁଲ୍ ଜବ୍, ୨- ଉଦ୍ୟୋଗ ଉପରେ ସଚେତନତା, ୩- ଚାକିରି ଦକ୍ଷତା ପ୍ରସ୍ତୁତିରେ ବିକାଶ କୌଶଳ, ୪- ଇଂଟରନେଟ୍ ମାଧ୍ୟମରେ କର୍ମନିଯୋଜନର ଅନ୍ୱେଷଣ, ୫- କର୍ମନିଯୋଜନ ସଂପର୍କୀୟ ସଫଫ ସ୍କିଲ୍ ଡେଭ୍‌ଲପ୍‌ମେଂଟ, ୬- ସଫଫ ସ୍କିଲ୍ ଡେଭ୍‌ଲପ୍‌ମେଂଟ, ୭- ଇଂଟରଭ୍ୟୁ ନିମନ୍ତେ ପ୍ରସ୍ତୁତି, ୮- ଇଂଟରନେଟ୍ ଓ ମିଡିଆରେ ଚାକିରି ଖୋଜିବା ପ୍ରକ୍ରିୟା ଏବଂ ୯- ଚାକିରି ପ୍ରସ୍ତୁତି ନିମନ୍ତେ ଏଫ୍.ଏ.କ୍ୟୁ ଆଦି ୯ଟି ପ୍ରମୁଖ ବିଷୟରେ ୫ ଜଣ ଅତିଥି ବକ୍ତା ଓ ଅନୁଷ୍ଠାନର ଅଧିକାରୀ ପ୍ରଶିକ୍ଷାର୍ଥୀମାନଙ୍କ ସହିତ ଜୁମ୍ ମାଧ୍ୟମରେ ଆଲୋଚନା କରିଥିଲେ । ପ୍ରଶିକ୍ଷାର୍ଥୀମାନଙ୍କୁ ଦୁଇଟି କାର୍ଯ୍ୟକ୍ରମ ସମାପ୍ତ ହେବା ପରେ ସମସ୍ତ ଶିକ୍ଷଣୀୟ ରିଡିଙ୍ଗ ମ୍ୟାଟେରିଆଲ୍, ପାୱାରପଏଂଟ ପ୍ରେଜେଂଟସନ୍, ଇ-ସାର୍ଟିଫିକେଟ୍ ପ୍ରଦାନ ସହିତ ସଫଳ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରତ୍ୟେକଙ୍କୁ ୫୦୦ ଟଙ୍କା ଲେଖାଏଁ ଷ୍ଟାଇପେଣ୍ଡ ଦେବା ନିମନ୍ତେ ବ୍ୟବସ୍ଥା କରାଯାଇଛି । ପ୍ରଥମ କାର୍ଯ୍ୟକ୍ରମ ଅଗଷ୍ଟ ୬ରୁ ୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଯାଇଛି । ସାଂପ୍ରତିକ କରୋନା ପରିସ୍ଥିତିରେ ଏହିଭଳି କାର୍ଯ୍ୟକ୍ରମ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଯୁବକଯୁବତୀମାନଙ୍କ ନିମନ୍ତେ ବେଶ୍ ଉପାଦେୟ ହେବ ବୋଲି ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି ।

## ଆନ୍ତର୍ଜାତିକ ଯୁବ ଦିବସ ଉପଲକ୍ଷେ ୱେବିନାର

ଭୁବନେଶ୍ୱର,୧୨।୮ (ନି.ପ୍ର): ସାମାଜିକ ସ୍ୱେଚ୍ଛାସେବୀ ସଙ୍ଗଠନ 'ୟୁଥ୍ ଫର୍ ଭଲ୍ୟୁଂଟାରୀ ୱାର୍କ' ତରଫରୁ ଆନ୍ତର୍ଜାତିକ ଯୁବ ଦିବସ ଉପଲକ୍ଷେ "ଦେଶ ନିର୍ମାଣରେ ଯୁବ ଓ ଛାତ୍ରର ଭୂମିକା" ଶୀର୍ଷକ ଏକ ଆଲୋଚନାଚକ୍ର ୱେବ୍ ମଧରେ ଅନୁଷ୍ଠିତ ହୋଇଯାଇଛି । ଯେଉଁ ଦେଶର ଯୁବଶକ୍ତି ଯେତେ ସଶକ୍ତ ଓ ଦକ୍ଷ ଏବଂ କର୍ମଠ ସେ ଦେଶ ସେତେ ବିକଶିତ । ଏକ ସମୃଦ୍ଧିଶାଳୀ ଦେଶ ଗଠନ ନିମନ୍ତେ ଯୁବକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମାଜର ମଣିଷ ପ୍ରତି ଅବଦାନ ଅନେକ ରହିଛି । ମଣିଷଟି ଏହି ସମାଜରେ ଶିକ୍ଷାଲାଭ କରେ । ଏହି ସମାଜ ତାକୁ ଖାଦ୍ୟ ଓ ବାସଗୃହ ମଧ ଦିଏ । ତେଣୁ ଯୁବକଙ୍କର ମଧ ସମାଜ ପ୍ରତି ଉତରଦାୟିତ୍ୱ ରହିବା କଥା ବୋଲି ଅନୁଷ୍ଠାନର ଅଧକ୍ଷ ମୀର ଅହମ୍ମଦ ଅଲ୍ଲୀ ମତବ୍ୟକ୍ତ କରିଥିଲେ । ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ଯୁବକ ଓ ଯୁବତୀ ସମାଜର ପ୍ରତି ପରିସ୍ଥିତିରେ ନିଃସ୍ୱାର୍ଥପର ଭାବେ ସମାଜର ସେବା କରିବା ଉଚିତ ବୋଲି ମତପୋଷଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପଇସା ଅଭାବରୁ ...

ପରାମର୍ଶ ଦେଇଥିଲେ । ରୋଗକୁ ଭୟ ନ କରି ଚିକିତ୍ସା ପାଇଁ ଆଗେଇ ଆସିବା ସହିତ ରୋଗୀଙ୍କୁ ଘୃଣା ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଏ ଦିଗରେ ଲୋକ ପ୍ରତିନିଧିମାନେ ଜନସାଧାରଣଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ । ସ୍ୱଳ୍ପ ଓ ଲକ୍ଷଣ ବିହୀନ ରୋଗୀମାନଙ୍କୁ ଘରେ ଚିକିତ୍ସା ଯୋଗାଇବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ ଏବଂ ରୋଗୀମାନଙ୍କୁ ମେଡିସିନ୍ କିଟ୍ ଓ ଟେଲି ମେଡିସିନ ଯୋଗେ ଡକ୍ତରୀ ସୁବିଧା ଯୋଗାଇ ଦେବା ପାଇଁ ମଧ ପରାମର୍ଶ ଦେଇଥିଲେ । ଖୋର୍ଦ୍ଧା, ସୁନ୍ଦରଗଡ, କଟକ ଓ ଯାଜପୁର ଜିଲ୍ଲାଗୁଡିକ ଉପରେ ଅଧିକ ଧ୍ୟାନ ଦେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଗତ ପାଂଚମାସ ଧରି ରାଜ୍ୟବାସୀ ଯେଭଳି ସାହସର ସହ ଲଢେଇ ଜାରି ରଖିଛନ୍ତି ତାହା ଆମକୁ ଉତ୍ସାହଜନକ ସଫଳତା ଦେଇଛି । ଏଥିପାଇଁ ଆଗ ଧାଡିର କୋଭିଡ୍ ଯୋଦ୍ଧା ତଥା ଲୋକପ୍ରତିନିଧି ମାନଙ୍କର ନିରନ୍ତର ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ ? ଗତ ତିନି ସପ୍ତାହ ମଧରେ ରାଜ୍ୟରେ ପାଂଚଟି ପ୍ଲାଜମା ବ୍ୟାଙ୍କ ସ୍ଥାପନ ହୋଇପାରିଛି ଏବଂ ଏହି ଚିକିତ୍ସା ଜରିଆରେ ରୋଗୀମାନେ ଭଲ ଫଳ ପାଇପାରୁଛନ୍ତି । ଏଥିପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନ ତଥା ଡାକ୍ତରମାନଙ୍କୁ ସାଧୁବାଦ ଜଣାଇଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ କହିଥିଲେ ଯେ ସାରା ଦେଶରେ କୋଭିଡ୍ ନିୟନ୍ତ୍ରଣରେ ଓଡିଶାର ସମସ୍ତ ସୂଚକାଙ୍କ ଉତ୍ସାହଜନକ ରହିଛି । ବର୍ତମାନ ସୁଦ୍ଧା ରାଜ୍ୟରେ ୧୪୯ ଜଣ ପ୍ଲାଜ୍‌ମା ଡୋନର ପ୍ଲାଜ୍‌ମା ଦାନ କରିଥିବା ବେଳେ ୧୩୨ ଜଣ ପ୍ଲାଜ୍‌ମା ଥେରାପିରେ ଚିକିତ୍ସିତ ହେଉଛନ୍ତି । ୧୦ ଜଣ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବା ବେଳେ ୯୮ ଜଣଙ୍କ ସ୍ୱାସ୍ଥ୍ୟରେ ଆଖିଦୃଶିଆ ଉନ୍ନତି ଆସିଛି । ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ବର୍ତମାନ ରାଜ୍ୟରେ ଆରୋଗ୍ୟ ହାର ୬୮.୬ ପ୍ରତିଶତ ଥିବାବେଳେ ମୃତ୍ୟୁହାର ୦.୬୦ ରହିଛି । ତିନୋଟି ସରକାରୀ ମେଡିକାଲ କଲେଜରେ ଅତିରିକ୍ତ ଆରଟି- ପିସିଆର ମେସିନ ସ୍ଥାପନ କରିବା, ରାଜ୍ୟରେ ଲାବ୍ ସଂଖ୍ୟା ବୃଦ୍ଧି କରିବା ପାଇଁ ନିଷ୍ପତି ହୋଇଥିଲା । ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ ଜିଲ୍ଲା ସ୍ତରରେ ପ୍ଲାଜ୍‌ମା ଦାତାମାନଙ୍କୁ ସମ୍ବର୍ଦ୍ଧିତ କରିବାପାଇଁ ବୈଠକରେ ନିଷ୍ପତି ହୋଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡା, ଯାଜପୁର, ଜଗତସିଂପୁର, ଢେଙ୍କାନାଳ, ଭଦ୍ରକ, ବାଲେଶ୍ୱର ଓ କଟକ ଜିଲ୍ଲାର କୋଭିଡ୍ ପର୍ଯ୍ୟବେକ୍ଷକମାନଙ୍କ ସହ ଜିଲ୍ଲାର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ପୋଲିସ ମହାନିର୍ଦ୍ଦେଶକ, ଉନ୍ନୟନ କମିଶନର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର, ଅର୍ଥ ବିଭାଗ ପ୍ରମୁଖ ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି), ଇଏଣ୍ଡ ଆଇଟି ବିଭାଗ ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ରାଜ୍ୟ କ୍ୟାବିନେଟ...

୮୨୭ କୋଟି ଟଙ୍କା ଖର୍ଚ୍ଚ ହେବ ଓ ଏଥିରୁ ୯୧୧ଟି ଗାଁ ଉପକୃତ ହେବେ । ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ବର୍ତମାନ ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ହେଉଛି ଗୁରୁତ୍ୱପୂର୍ଣ୍ଣ । ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏଥିଲାଗି ନିର୍ମଳ ଯୋଜନାକୁ ପରିବର୍ଦ୍ଧିତ କରାଯାଇଛି । ଏହି ଯୋଜନା ମାଧ୍ୟମରେ ହସ୍ପିଟାଲଗୁଡ଼ିକ ଅଧିକ ପରିଷ୍କାରପରିଚ୍ଛନ୍ନ ହେବ । ନିର୍ମଳ ପ୍ଲସ ଯୋଜନାରେ ୪୫ଟି ବଡ଼ ନୂଆ ହସ୍‌ପିଟାଲ ଯୋଡ଼ି ହୋଇଛି । ନିର୍ମଳ ପ୍ଲସ ପ୍ଲସ ଯୋଜନାରେ ୭ଟି ହସ୍‌ପିଟାଲ ସାମିଲ୍ ହେବ । କଳକାରଖାନାରେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ପାଇଁ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ସେହିଭଳି ଜୁଡ଼ିସିଆଲ କୋର୍ଟରେ ଷ୍ଟାମ୍ପ ପାଇଁ ଯେଉଁ ଫି ଅଛି, ତାହା ଇ-ମାଧ୍ୟମରେ ମଂଜୁରି ମିଳିଛି । ଗ୍ରୁପ ସି ପରୀକ୍ଷା ପାଇଁ ଆଉ ସାକ୍ଷାତକାର ହେବ ନାହିଁ ବୋଲି କ୍ୟାବିନେଟରେ ନିଷ୍ପତି ଗ୍ରହଣ କରା ଯାଇଛି । ପୁରୀ ଶ୍ରୀମନ୍ଦିର ସୌନ୍ଦର୍ଯ୍ୟୀକରଣ ଜମି ଯୋଗାଇବାକୁ ନିଷ୍ପତି ଗ୍ରହଣ କରା ଯାଇଛି । ଏଥିସହ ମହାମାରୀ ଆଇନରେ ସଂଶୋଧନ ଆଣିବା ପାଇଁ ପ୍ରସ୍ତାବକୁ ମୋହର ମାରିଛି ରାଜ୍ୟ କ୍ୟାବିନେଟ୍ । ମହାମାରୀ ଆଇନରେ ସଂଶୋଧନ କରି ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ ପାଇଁ ବ୍ୟବସ୍ଥା କରାଯିବ । ଏବେ ମହାମାରୀ ଆଇନ ଅନୁସାରେ କଟକଣା ନମାନିବା, ମୁହଁରେ ମାସ୍କ ନପିନ୍ଧିବା ଓ ବାହାରେ ଛେପ ପକାଇବା ଭଳି ଆଇନ ଉଲଘଂନ ପାଇଁ ୧ ହଜାରରୁ ୧୦ ହଜାର ପର୍ଯ୍ୟନ୍ତ ଜୋରିମାନା ଆଦାୟ କରାଯାଉଛି । ଏହି ଆଇନରେ ସଂଶୋଧନ କରି ଜୋରିମାନା ବ୍ୟବସ୍ଥାକୁ ବଢ଼ାଇ ପାରନ୍ତି ସରକାର ।

### ରାଜ୍ୟରେ ଆଉ ୯ ଜଣଙ୍କର...

ମୃତ୍ୟୁ ଘଟିଛି । ସେ ମଧୁମେହ ଓ ମେଦବହୁଳତା ରୋଗରେ ପୀଡିତ ଥିଲେ । ସେହିପରି ଗଂଜାମ ଜିଲ୍ଲାର ଜଣେ ୫୭ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ, ମଧୁମେହ ଓ କ୍ରନିକ କିଡନୀ ରୋଗରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୭୪ ବର୍ଷ ବୟସ୍କା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେହିପରି ଖୋର୍ଧା ଜିଲ୍ଲାର ଜଣେ ୫୮ ବର୍ଷୀୟା ପୁରୁଷ କରୋନା ଆକ୍ରାନ୍ତଙ୍କ ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେ ମଧୁମେହରେ ପୀଡିତ ଥିଲେ । ସେହିପରି ଭାବେ ରାୟଗଡା ଜିଲ୍ଲାର ଜଣେ ୬୫ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେହିପରି ଏହି ଜିଲ୍ଲାର ଅନ୍ୟ ଜଣେ ୬୫ ବର୍ଷ ବୟସ୍କ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ ।

### ଜୟନ୍ତୀରେ ବିକ୍ରମ...

ବୈଜ୍ଞାନିକ ଡ. ବିକ୍ରମ ସାରାଭାଇଙ୍କୁ ଜୟନ୍ତୀରେ କୋଟି କୋଟି ନମନ । ଭାରତର ମହାକାଶ ଅନୁସନ୍ଧାନର ଭିତିଭୂମି ରଖି ଏହି କ୍ଷେତ୍ରରେ ବିଶ୍ୱରେ ଭାରତର ପରିଚୟ ତିଆରି କରିବାରେ ତାଙ୍କର ଅତୁଳନୀୟ ଯୋଗଦାନ ଥିଲା ।

### ଫ୍ୟାକ୍ଟ୍ରି ଆଣ୍ଡ ବଏଲର...

ପକ୍ଷରୁ ଏହି ପତ୍ର ଲେଖା ଯାଇଥିବା କୁହା ଯାଉଛି । ଫ୍ୟାକ୍ଟ୍ରିରେ ବିସ୍ଫୋରକ ସାମଗ୍ରୀ କେତେ ଇନ୍ଧନ ଜାତୀୟ ସାମଗ୍ରୀ କେତେ ରହିଛି ତାହାର ରିପୋର୍ଟ ପ୍ରଦାନ କରିବାକୁ ମଧ ଏହି ପତ୍ର ଜରିଆରେ କୁହା ଯାଇଛି । ଉଲ୍ଲେଖନୀୟ ଯେ ଗତ ୪ ତାରିଖରେ ଲେବାନନ ହୋଇଥିଲା ବଡ଼ ଧରଣର ବିସ୍ଫୋରଣ । ଏଥିରେ ପ୍ରାୟ ୭୦ ଜଣ ପ୍ରାଣ ହରାଇଥିଲେ ।

### ଗୋଟିଏ ଦିନରେ ୧୮୭୬ ...

ଜିଲ୍ଲାରେ ୭୧, ଜଗତସିଂହପୁର ଜିଲ୍ଲାରେ ୨୬, ଯାଜପୁର ଜିଲ୍ଲାରେ ୫୩. ଝାରସୁଗୁଡା ଜିଲ୍ଲାରେ ୬, କଳାହାଣ୍ଡି ଜିଲ୍ଲାରେ ୪୧. କନ୍ଧମାଳ ଜିଲ୍ଲାରେ ୩୦, କେନ୍ଦ୍ରାପଡା ଜିଲ୍ଲାରେ ୫୮ ,କେନ୍ଦୁଝର ଜିଲ୍ଲାରେ ୨୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୭୭ ଜଣ, ମାଲକାନଗିରି ଜିଲ୍ଲାରେ ୨୪ , ମୟୁରଭଂଜ ଜିଲ୍ଲାରେ ୭୦, ନବରଙ୍ଗପୁରରେ ୩୦, ନୟାଗଡ ଜିଲ୍ଲାରେ ୧୦୫, ନୂଆପଡା ଜିଲ୍ଲାରେ ୩, ପୁରୀ ଜିଲ୍ଲାରେ ୮୦ , ରାୟଗଡା ଜିଲ୍ଲାରେ ୯୮, ସମ୍ବଲପୁର ଜିଲ୍ଲାରେ ୩୬,ସୋନପୁର ଜିଲ୍ଲାରେ ୨୨ ତଥା ସୁନ୍ଦରଗଡ ଜିଲ୍ଲାରେ ୧୧୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ କାର୍ଯ୍ୟ କରୁଥିବାବେଳେ ବାଧକ ସାଜିଛନ୍ତି ରାଜ୍ୟସରକାର : ସମୀର ମହାନ୍ତି

ଭୁବନେଶ୍ୱର,୧୨।୮ (ନି.ପ୍ର): କରୋନା ମହାମାରୀ କୁ ପ୍ରତିହତ କରିବା ପାଇଁ ମୋଦି ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ପ୍ରଧାନମନ୍ତ୍ରୀ ଆତ୍ମନିର୍ଭରଶୀଳ ଭାରତ ଯୋଜନାରେ ୨୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି । ପର୍ଯ୍ୟାୟକ୍ରମେ ଏହି ପ୍ୟାକେଜର କ୍ରିୟାନ୍ୱୟନ ଆରମ୍ଭ ହୋଇଛି । ଭାରତରେ ୬୫ ପ୍ରତିଶତ ଜନସଂଖ୍ୟା କୃଷି ଏବଂ କୃଷି ଆନୁସଙ୍ଗିକ କାର୍ଯ୍ୟ କ୍ଷେତ୍ର ଉପରେ ନିର୍ଭର କରୁଛନ୍ତି । ଗତ ଦୁଇ ଦିନ ତଳେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ ଏକ ନୂତନ କେନ୍ଦ୍ରୀୟ ଯୋଜନା ଅରମ୍ଭ କରି କୃଷି ଭିତିଭୂମି ପାଣ୍ଠି ଅଧୀନରେ ବିଭିନ୍ନ କୃଷି ଭିତିକ ଭିତିଭୂମି ସୃଷ୍ଟି ପାଇଁ ଏକ ଲକ୍ଷ କୋଟି ଟଙ୍କା ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି । ଏହି ଯୋଜନା ଦ୍ୱାରା ଚାଷୀ , ପ୍ୟାକ୍ସ, ଏଫପିଓ, କୃଷି ଉଦ୍ୟୋଗୀ ଆଦି ଉପକୃତ ହେବେ । ଅମଳ ପରବର୍ତୀ ଫସଲ ପରିଚାଳନା ଓ ସଂରକ୍ଷଣ ତଥା ଚାଷୀ ସମୁଦାୟ ଦ୍ୱାରା ବିଭିନ୍ନ ପ୍ରକାର କୃଷି ଭତିକ ନିର୍ମାଣ ପାଇଁ ଏହି ଅର୍ଥ ଖର୍ଚ୍ଚ ହେବ । ଏହାଫଳରେ ଚାଷୀମାନେ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ସାଇତି ରଖିବା ସହ ପରବର୍ତୀ ପର୍ଯ୍ୟାୟରେ ଅଧିକ ଦାମରେ ବିକିବାକୁ ସକ୍ଷମ ହେବେ । କ୍ୟାବିନେଟ ଅନୁମୋଦନର ୩୦ ଦିନ ଭିତରେ କୃଷି ଭିତିଭୂମି ପାଣ୍ଠିରୁ ପ୍ରଥମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଏକ ହଜାର କୋଟି ଟଙ୍କା ୨୨୮୦ ସମବାୟ ସମିତିକୁ ପ୍ରଦାନ କରିଛନ୍ତି । ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟ ନେଇ ଏଭଳି ନିଷ୍ପତି ନିଆଯାଇଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀଙ୍କୁ ଓଡିଶା ବାସୀଙ୍କ ତରଫରୁ ବିଜେପି ରାଜ୍ୟସଭାପତି ଶ୍ରୀ ସମୀର ମହାନ୍ତି ଧନ୍ୟବାଦ ଜଣାଇଛନ୍ତି । ଓଡିଶାରେ ୭୦ ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି । ଚାଷୀଙ୍କ ପାଇଁ କେନ୍ଦ୍ର ସରକାର ଆପଣାଇଥିବା ବିଭିନ୍ନ ଯୋଜନାକୁ ରାଜ୍ୟସରକାର ସଫଳ ରୂପାୟନ କରିବା ସହ ଚାଷୀର ଆୟ ଦ୍ୱିଗୁଣିତ କରିବା ପାଇଁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଅନ୍ତୁ । ରାଜ୍ୟରେ କୃଷି ବଜେଟ, କୃଷି କମିଶନ ସତ୍ୱେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ଏବଂ କୃଷି ଉଦ୍ୟୋଗୀଙ୍କ ସଂଖ୍ୟା କମ୍ ରହିଛି । ରାଜ୍ୟସରକାର ତୁରନ୍ତ ଆତ୍ମନିର୍ଭରଶୀଳ ଭାରତ ଯୋଜନାରେ କୃଷି ଭିତଭୂମିର ବ୍ୟାପକ ପ୍ରଚାର ପ୍ରସାର କରି ଓଡିଶାର ଚାଷୀଙ୍କୁ ଲାଭବାନ କରାନ୍ତୁ । ଚାଷୀମାନଙ୍କର ଅମଳ ପରବର୍ତୀ ଭିତିଭୂମିର ବିକାଶ କରିବା ପାଇଁ ରାଜ୍ୟସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେବାକୁ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି । ପ୍ରଧାନମନ୍ତ୍ରୀ ପିଏମ କିଷାନ ଯୋଜନାରେ ଗତ ରବିବାର ଦିନ ପ୍ରଧାନମନ୍ତ୍ରୀ ୮.୫ କୋଟି ଚାଷୀଙ୍କ ପାଇଁ ୧୭ ହଜାର କୋଟି ପ୍ରଦାନ କରିଥିଲେ । ଏହି ପର୍ଯ୍ୟାୟ ସହିତ ସରକାର ମୋଟ ୯୦ ଜହଜାର କୋଟିରୁ ଅଧିକ ଟଙ୍କା ୧୦ କୋଟି ଚାଷୀଙ୍କୁ ୨୦୧୮ ଡିସେମ୍ବର ପହିଲାରୁ ଯୋଗାଇ ଦେଲେଣି । କିନ୍ତୁ ଓଡିଶାର ଚାଷୀମାନେ ଏହାର ଶତ ପ୍ରତିଶତ ଲାଭ ଉଠାଇ ପାରୁନାହାଁନ୍ତି ।

## ପୂର୍ବୋତ୍ତରରେ ୮ଟି ରାଜ୍ୟରେ ୮୨୭୭୦ କରୋନା ପଜିଟିଭ

### ଗତ ୨୪ ଘଂଟାରେ ୩୦୭୦ ନୂଆ କରୋନା ରୋଗୀ ଚିହ୍ନଟ

ଗୌହାଟୀ,୧୨।୮ (ନି.ପ୍ର): ପୂର୍ବୋତରରେ ସିକିମ ସହିତ ଆଠଟି ରାଜ୍ୟରେ କରୋନା ସଂକ୍ରମତଙ୍କ ସଂଖ୍ୟା ଲଗାତାର ବୃଦ୍ଧି ପାଇବାରେ ଲାଗିଛି । ସୁସ୍ଥ ହେଉଥିବା ରୋଗୀଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି । ଦ୍ରୁତ ଗତିରେ ନୂଆ କରୋନା ରୋଗୀ ମିଳୁଥିବା ଚିନ୍ତାର କାରଣ ହୋଇଛି । ପୂର୍ବୋତରରେ ସବୁଠାରୁ ଅଧିକ ମାମଲା ଆସାମରୁ ଆସିଅଛି, ତ୍ରିପୁରା ଦ୍ୱିତୀୟ ସ୍ଥାନରେ ଥିବା ବେଳେ ମଣିପୁର ତୃତୀୟ ସ୍ଥାନରେ ରହିଛି । ପୂର୍ବୋତରରେ ଗତ ୨୪ ଘଂଟା ମଧରେ ୩୦୭୦ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ସେହିପରି ମୋଟ ସଂକ୍ରମିତଙ୍କ ସଂଖ୍ୟା ୮୨,୭୭୦ ରେ ପହଂଚିଛି । ଏଥିମଧ୍ୟରୁ ୫୫,୮୭୦ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ମୋଟ ୧୮୨୩ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ଏବଂ ୨୬,୬୩୬ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଜାରି ରହିଛି । ୨୨୮ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୪ ଜଣ ରୋଗୀ ପୂର୍ବୋତର ବାହାରକୁ ଚାଲିଯାଇଛନ୍ତି । ଆସାମରେ ୨୬୬୯ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ରାଜ୍ୟର ମୋଟ କରୋନା ରୋଗୀଙ୍କ ସଂଖ୍ୟା ୬୪,୪୦୬ ହୋଇଛି । ଏଥିରୁ ୪୫,୦୭୩ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୧୪୮୭ ରୋଗୀ ସୁସ୍ଥ ହୋଇଛନ୍ତି । ୧୯,୧୭୫ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ୧୫୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ରୋଗୀ ରାଜ୍ୟ ବାହାରକୁ ଚାଲିଯାଇଛନ୍ତି । ତ୍ରିପୁରାରେ ୧୬୪ ଜଣ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୬୩୮୭ ରେ ପହଂଚିଛି । ଗତ ୨୪ ଘଂଟାରେ ୨୧୩ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ସମୁଦାୟ ୪୬୫୬ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ୧୬୭୦ ରୋଗୀଙ୍କ ଚିକିତ୍ସା ଜାରି ରହିଛି । ଏବେ ସୁଦ୍ଧା ୪୩ ଜଣଙ୍କର ମୃତ୍ୟୁ ଘଟିଛି । ମଣିପୁରରେ ୮୮ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ଏଥି ସହିତ ରାଜ୍ୟର ମୋଟ ରୋଗୀଙ୍କ ସଂଖ୍ୟା ୩୯୪୧ ରେ ପହଂଚିଛି । ୨୧୫୫ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୩୩ ଜଣ କରୋନା ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୧୭୭୪ ଜଣଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ଏବେ ସୁଦ୍ଧା ୧୨ ଜଣ ରୋଗୀ ମୃତ୍ୟୁବରଣ କରିଛନ୍ତି । ନାଗାଲାଣ୍ଡରେ ୨୦ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୩୦୩୧ ହୋଇଛି । ରାଜ୍ୟରେ ୯୮୫ ଜଣ ସୁସ୍ଥ ହୋଇଛନ୍ତି । ଗତ ୧୨ ଘଂଟାରେ ୬୯ ଜଣ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୨୦୩୨ ଜଣ ରୋଗୀ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ହେଉଛନ୍ତି । ୮ ଜଣ ରୋଗୀଙ୍କର ମୃତ୍ୟୁ ହୋଇଛି । ଅରୁଣାଚଳ ପ୍ରଦେଶରେ ୯୬ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୨୩୨୭ ହୋଇଛି । ୧୬୩୪ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୪୨ ଜଣ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୬୯୦ ଜଣ ରୋଗୀଙ୍କ ବିଭିନ୍ନ




ହସ୍ପିଟାଲରେ ଚିକିତ୍ସା ଜାରି ରହିଛି । ଏବେ ସୁଦ୍ଧା ୩ ଜଣଙ୍କର ମୃତ୍ୟୁ ହୋଇଛି । ମେଘାଳୟରେ ୨୭ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟର ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧୪୨ ରେ ପହଂଚିଛି । ୫୧୦ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୧୨ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ୬୨୬ ଜଣଙ୍କର ଏବେ ସୁଦ୍ଧା ଚିକିତ୍ସା ଚାଲିଛି ଏବଂ ୬ ଜଣଙ୍କର ମୃତ୍ୟୁ ଘଟିଛି । ମିଜୋରମରେ ୩ ନୂଆ ମାମଲା ସାମନାକୁ ଆସିଛି । ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୬୨୩ ରେ ପହଂଚିଛି । ୨୨୩ ଜଣ ସୁସ୍ଥ ହୋଇଛନ୍ତି । ୩୦୦ ଜଣ ରୋଗୀଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ଜଣେ ରୋଗୀ ରାଜ୍ୟ ବାହାରକୁ ଚାଲି ଯାଇଛି । ସିକ୍କିମରେ ୩ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୯୧୩ ରେ ପହଂଚିଛି । ୫୩୪ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୨୪ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଏବେ ସୁଦ୍ଧା ୩୭୮ ଜଣଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ଜଣକର ମୃତ୍ୟୁ ହୋଇଛି ।

ଗୁରୁବାର, ୧୩ ଅଗଷ୍ଟ ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# କୋଭିଡ କଟକଣା ମଧ୍ୟରେ ସ୍ୱାଧୀନତା ଦିବସ ପାଳନ ନିଷ୍ପତ୍ତି

ବାଲେଶ୍ୱର,୧୨।୮ (ନି.ପ୍ର): ଚଳିତ ବର୍ଷ କଡ଼ା କଟକଣା ମଧ୍ୟରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତି ନିଆଯାଇଛି। ରାଜ୍ୟ ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ତରଫରୁ ଜାରି ମାର୍ଗଦର୍ଶିକା ଅନୁଯାୟୀ ଏଥରର ସ୍ୱାଧୀନତା ଦିବସ ପାଳନ କରାଯିବ ବୋଲି ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତୀଙ୍କ ସୂଚନା ଦେଇଛନ୍ତି। ପୂର୍ବବର୍ଷ ଭଳି ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ତରଫରୁ ରାମଧୁନ ପରିବେଷଣ, ସକାଳ ଘ୭.୩୦ ମିନିଟ ସୁଦ୍ଧା ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କରେ କୋଭିଡ ନିୟମ ଭିତ୍ତିରେ ଜାତୀୟ ପତାକା ଉତ୍ତୋଳନ ଓ ସ୍ଥାନୀୟ ପୋଲିସ ପଡିଆଠାରେ ବିନା ଦର୍ଶକରେ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ ପୂର୍ବକ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ହେବ ବୋଲି ଏହି ବୈଠକରେ ନିଷ୍ପତି ନିଆଯାଇଛି। କରୋନା ପାଇଁ ଚଳିତ ବର୍ଷ ଆନୁଷ୍ଠାନିକ ପରେଡ/ମାର୍ଚ୍ଚପାଷ୍ଟ ହେବ ନାହିଁ। କେବଳ ପୋଲିସ ବାହିନୀ ଜାତୀୟ ପତାକାକୁ ସମ୍ମାନ ଜଣାଇ ସଲାମୀ ଦେବେ। ସ୍କୁଲ, କଲେଜ ଛାତ୍ରଛାତ୍ରୀ ଏଥିରେ ଭାଗ ନେବେ ନାହିଁ। ସ୍ୱରାଷ୍ଟ୍ର ବିଭାଗର ମାର୍ଗଦର୍ଶିକା ଅନୁଯାୟୀ କୋଭିଡ ଯୋଦ୍ଧାଙ୍କ ସମେତ ସୀମିତ ସଂଖ୍ୟକ ଅତିଥିଙ୍କୁ ନିମନ୍ତ୍ରଣ କରାଯିବ। କୋଭିଡ କଟକଣା ଅନୁଯାୟୀ ପଡିଆ ମଧ୍ୟରେ ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ମାସ୍କ ପିନ୍ଧିବା ବାଧ୍ୟତା ମୂଳକ କରାଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ନାୟକ, ପିଡି ଡିଆରଡିଏ ରାମଚନ୍ଦ୍ର ଜେନା, ବାଲେଶ୍ୱର ଉପ-ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଏସ.ପି ଗୋବିନ୍ଦ ସେଠୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ବରିଷ୍ଠ ଅଧିକାରୀ ଯୋଗ ଦେଇ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସଙ୍ଗୀନ ସ୍ଥିତିରେ ବାଲେଶ୍ୱର: ୧୫ଶହ ଟପିଲା ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା

ବାଲେଶ୍ୱର,୧୨।୮ (ନି.ପ୍ର): ଦିନ ଦେଶରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣ ସବୁ ବର୍ଗର ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଅଦ୍ୟାବଧି ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୫୦ହଜାର ୬୭୨ରେ ପହଞ୍ଚିଛି ଥିବା ବେଳେ କରୋନା ମୃତ୍ୟୁ ସଂଖ୍ୟା ବି ୩୦୫ ଛୁଇଁଛି। ସେହିଭଳି ବାଲେଶ୍ୱର ଜିଲ୍ଲାରେ ଗତ କିଛିଦିନ ଧରି କ୍ରମାଗତ ଭାବେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ଯୋଗୁଁ ଜିଲ୍ଲାର ସ୍ଥିତି ସଙ୍ଗୀନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୮୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ସୁଦ୍ଧା ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୧୫୬୯ରେ ପହଞ୍ଚିଛି। ଅଦ୍ୟାବଧି ୧୦୮୧ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୪୭୬ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି। ଅନ୍ୟପକ୍ଷରେ ଆଜି ବାଲେଶ୍ୱରରେ କରୋନା ସଂକ୍ରମିତ ଥିବା ୩୮ ବର୍ଷର ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନା ଦେଇଛି। ଅଦ୍ୟାବଧି ଜିଲ୍ଲାରେ କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ୭ରେ ପହଞ୍ଚିଛି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ଚିହ୍ନଟ ହୋଇଥିବା ୮୧ଜଣ ପଜିଟିଭ୍‌ଙ୍କ ମଧ୍ୟରୁ ଅଧିକାଂଶ ସ୍ଥାନୀୟ ସଂକ୍ରମିତ ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ବାଲେଶ୍ୱର ପୌରାଞ୍ଚଳରୁ ୨୦ ଜଣ ସଂକ୍ରମିତ ହୋଇଥିବା ସରକାରୀ ସୂତ୍ରରୁ ଜଣାଯାଇଛି। ସେମାନଙ୍କ ମଧ୍ୟରେ ଦାମୋଦରପୁରର ୪୫ ବର୍ଷର ପୁରୁଷ, ମାଣିଖମ୍ବର ୩୧ ବର୍ଷର ଯୁବକ, ମଠସାହିର ୫୩ ବର୍ଷର ପୁରୁଷ, ପୁରୁଣାବାଲେଶ୍ୱରର ୫୨ ବର୍ଷର ପୁରୁଷ, ବଣିଆ ମନ୍ଦିର ୨୬ ବର୍ଷର ମହିଳା ଓ ୩୭ ବର୍ଷର ପୁରୁଷ, ରାଣୀପାଟଣାର ୪୧ ବର୍ଷର ପୁରୁଷ ଓ ୩୦ ବର୍ଷର ମହିଳା, ସୁନହଟର ୮୦ ବର୍ଷର ବୃଦ୍ଧ, ରାଜାବଗିଚା ଅଞ୍ଚଳର ୫୭ ବର୍ଷର ପୁରୁଷ, ୩୬ ଓ ୩୧ ବର୍ଷର ଦୁଇଜଣ ଯୁବକ, ହସପିଟାଲ କଲୋନିର ୫୬ ପୁରୁଷ, ଦଉଡ଼ିଭଙ୍ଗା ଅଞ୍ଚଳର ୬୨ ବର୍ଷର ମହିଳା, ବାରବାଟୀର ୩୧ ବର୍ଷର ଯୁବକ, ବାଗବୃନ୍ଦାବନ ଅଞ୍ଚଳର ୫୨ ବର୍ଷର ପୁରୁଷ, ସୁଏଲପୁରର ୭୮ ବର୍ଷର ବୃଦ୍ଧ, ଦେବାନପାଟଣାର ୨୪ ବର୍ଷର ଯୁବକ, ମେଣ୍ଢଶୋଳର ୫୨ ବର୍ଷର ମହିଳାଙ୍କ ସମେତ ଜଣେ ୨ ମାସର ଶିଶୁ ମଧ୍ୟ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ସେହିପରି ଜିଲ୍ଲାର ଅନ୍ୟ ବ୍ଲକରୁ ୬୧ଜଣ କରୋନା ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ସମସ୍ତ ସ୍ଥାନୀୟ ସଂକ୍ରମିତ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଯୋଗୁଁ କରୋନା ପିଜିଟିଭ୍ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗତ କିଛିଦିନ ଧରି ଜିଲ୍ଲାରେ କ୍ରମାଗତ ଭାବେ ସ୍ଥାନୀୟ ସଂକ୍ରମଣ ବଢ଼ିଚାଲିଥିବା ବେଳେ ଏଭଳି ସ୍ଥିତିରେ ଜନସାଧାରଣ ଅଧିକରୁ ଅଧିକ ସତର୍କତା ଅବଲମ୍ବନ ସହ କୋଭିଡ୍ ନିୟମ ପାଳନ ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

# କାମସାରି ଫେରୁଥିବା ଦିନମଜୁରିଆଙ୍କ ଗାଡି ଓଲଟିଲା : ୧୫ ଆହତ, ୧୦ ସ୍ଥାନାନ୍ତର

ଜଳେଶ୍ୱର,୧୨।୮ (ନି.ପ୍ର): ବାଲେଶ୍ୱର ଜିଲାର ରାଇବଣିଆ ଅଂଚଳର ଗରିବ ଲୋକମାନେ ଏବେ ବିଲରେ ରୁଆପୋତା ଲାଗି ପ୍ରତିଦିନ ପିକ୍‌ଅପ୍ କିମ୍ୱା ଟେମ୍ପୋରେ ଜଳେଶ୍ୱର କିମ୍ୱା ଭୋଗରାଇର ବିଭିନ୍ନ ଅଂଚଳରୁ ଯାଉଛନ୍ତି। ଆଜି ବୁଧବାର ୧୦ଟି ପିକ୍‌ଅପ୍ ଓ ୧୨ ଟେମ୍ପୋ ଯୋଗେ ଏହି ଦିନ ମଜୁରିଆମାନେ ରାଇବଣିଆ ଅଂଚଳରୁ ନାମ୍ପୋ, ଇକଡା, କମର୍ଦ୍ଦା, ବାରମାଇଲ, ସାହୁଛକ ଇତ୍ୟାଦିକୁ କାମପାଇଁ ଆସିଥିଲେ। ଅପରାହ୍ନରେ ଫେରିଲାବେଳେ ଓଡି୦୧ୱାଇ-୩୧୪୭ ଏକ ବୋଲେର ପିକ୍‌ଅପ୍‌ରେ ଟି ନାମ୍ପୋ ଫାଣ୍ଡି ଓ ଜଗନ୍ନାଥ ମନ୍ଦିର ମଧ୍ୟରେ ରାସ୍ତାଉପରେ ଓଲଟି ପଡିଥିଲା। ଡ୍ରାଇଭର ଜଣକ ଅତ୍ୟଧିକ ମଧ୍ୟପାନ କରି ବେପାରୁଆଭାବେ ଗାଡି ଚଳାଉଥଲା ବୋଲି ସେଥିରେ ଥିବା ଶ୍ରମିକମାନେ କହିଛନ୍ତି। ଏହି ଦୁର୍ଘଟଣା ଫଳରେ ଚନ୍ଦ୍ରିକା ବେହେରା (୪୫), ଭାରତି ବେହେରା(୨୮) ଚେତାଶୂନ୍ୟ ଥିବାରୁ ଗୁରୁତର ହୋଇ ଭଟ୍ଟର ଅସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣ ବେହେରା (୨୪), ସଂଧ୍ୟା ପ୍ରମାଣିକ (୬୨), ରିନା ବେହେରା (୪୦), ଲକ୍ଷ୍ମି ବେହେରା (୨୦), କବିତା ବେହେରା(୧୮), ସୁଜାତା ଜେନା (୪୫), ଦିସାରଣା (୨୫), ବାସୁ ହେମ୍ବ୍ରମ (୧୯), ଅତୁଲ ବେହେରା(୨୭) ଚିକିତ୍ସିତ ହେଉଛନ୍ତି। ବହୁ ଶ୍ରମିକଙ୍କର ମୁଣ୍ଡ ଫାଟିବା ଓ ହାଡ ଭାଂଗିବା ଫଳରେ ସେମାନଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି।

# ଯୁକ୍ତଦୁଇ ବିଜ୍ଞାନ ଫଳ ପ୍ରକାଶିତ: ବାଲେଶ୍ୱର ଜିଲ୍ଲାରେ ପାସହାର ୮୪.୨୬ ପ୍ରତିଶତ

ବାଲେଶ୍ୱର,୧୨।୮ (ନି.ପ୍ର): ମହାମାରୀ କରୋନା ପାଇଁ ବିଳମ୍ବ ହୋଇଥିଲେ ବି ପୂର୍ବ ଘୋଷଣା ଅନୁସାରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚଳିତ ବର୍ଷର ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ସମଗ୍ର ରାଜ୍ୟରେ ୭୦.୨୧ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ଏହି ଅନୁପାତ୮୪.୨୬ ଛୁଇଁଛି। ଚିଳିତ ବର୍ଷ ଜିଲ୍ଲାରେ ଯୁକ୍ତଦୁଇ ବିଜ୍ଞାନରେ ମୋଟ୬୬୫୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୫୫୬୫ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୭୭୦ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୯୯୩ ଜଣ ଓ ତୃତୀୟ ଶ୍ରେଣୀରେ ୮୦୨ ଜଣ ପାସ୍ କରିଥିବା ବେଳେ ଗୋଟିଏ କିମ୍ୱା ଦୁଇଗୋଟି ବିଷୟରେ ଫେଲ ହୋଇଥିବା ୪୨ ଜଣ ଛାତ୍ରଛାତ୍ରୀ କମ୍ପାର୍ଟମେଣ୍ଟାଲ ପରୀକ୍ଷା ଦେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତେବେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରର ଅକ୍ଷୋକୃତ ଭଲ ରେଜାଲ୍ଟ ହୋଇଥିଲେ ବି ଆଶାଠାରୁ ବହୁତ୍ କମ୍ ମାର୍କ ମଳିଛି ବୋଲି କିଛି ଛାତ୍ରଛାତ୍ରୀ କହିଛନ୍ତି। କରୋନା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପରୀକ୍ଷା ଖାତା ମୂଲ୍ୟାୟନ ବାଇଓଲୋଜିରେ ପ୍ରାକ୍ଟିକାଲ ପରୀକ୍ଷା ହୋଇ ନପାରିବା ମୁଖ୍ୟକାରଣ ବୋଲି ସେମାନେ କହିଛନ୍ତି। ବେଳେ ସବୁଠାରୁ ବଡ଼କଥା ହେଲା ବାଲେଶ୍ୱର ଜିଲ୍ଲାର ସରକାରୀ କଲେଜ୍ ଅପେକ୍ଷା ଘରୋଇ ତଥା ଆବାସିକ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଶେଷ କୃତିତ୍ୱ କରିଥିବା ଜଣାପଡ଼ିଛି।

# ହାତୀ ଉପଦ୍ରବରେ ନଷ୍ଟ ହେଉଛି ଫସଲ



ବାରିପଦା,୧୨।୮ (ନି.ପ୍ର): ଜିଲ୍ଲାରେ ବହୁ ସମୟରେ ଝାଡ଼ଖଣ୍ଡ ହାତୀ ଉପଦ୍ରବ ଫଳରେ ବହୁ ଫସଲ ସହିତ ଧନଜୀବନ ନଷ୍ଟ ହେଉଛି।ନିକଟରେ ଜିଲ୍ଲାର ତିରିଂ ବ୍ଲକର ଉପାନ୍ତ ଗ୍ରାମ ବଡ଼ଭୁଣ୍ଡୁ ଓ ଚାଙ୍ଗୁଆ ଗ୍ରାମରେ ପଡ଼ୋଶୀ ରାଜ୍ୟର ବଣୁଆ ହାତୀ ପଲ ରାତି ସମୟରେ ଚାଷ ଜମିରେ ପଶି ବ୍ୟାପକ ଫସଲ ଧାନ ଗଛ ଓ ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ କରିଛନ୍ତି।ହାତୀ ଉପଦ୍ରବ ଦ୍ୱାରା ସେହି ଗ୍ରାମର ଆଦିବାସୀ ଚାଷୀମାନେ ବହୁ ଦୁଃଖ କଷ୍ଟରେ କାଳତିପାତ କରୁଛନ୍ତି।ଏହି ଘଟଣା ସମ୍ପର୍କରେ ସୂଚନା ପାଇ ଜିଲ୍ଲା ବିଜୁ ଜନତା ଦଳର ସଦର ସଭାପତି କାଶୀନାଥ ହେମ୍ବ୍ରମ ସେହି ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ହାତୀପଲଙ୍କ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ସ୍ଥାନକୁ ଯାଇ ଚାଷୀମାନଙ୍କୁ ଭେଟି ଘଟଣା ବିଷୟରେ ପଚାରି ବୁଝିଥିଲେ ଏବଂ ସଙ୍ଗେ ସଙ୍ଗେ ସ୍ଥାନୀୟ ବନ ଅଧିକାରୀଙ୍କ ସହ କ୍ଷୟକ୍ଷତିର ସମୀକ୍ଷା କରି ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ସୂଚନା ଆନୁଯାୟୀ,ଝାଡ଼ଖଣ୍ଡ ରାଜ୍ୟ ସୀମାନ୍ତ ବର୍ତୀ ଗ୍ରାମଗୁଡିକରେ ପ୍ରାୟ ସମୟରେ ବଣୁଆ ହାତୀ ଉପଦ୍ରବ ଯୋଗୁଁ ବ୍ୟାପକ ଧାନଗଛ ଓ ଫସଲ ନଷ୍ଟ ହୋଇଥାଏ।ସଦର ସଭାପତି ଶ୍ରୀ ହେମ୍ବ୍ରମଙ୍କ ସହିତ ସ୍ଥାନୀୟ ବାସିନ୍ଦା ସାଧୁ ବାଳାୟ,ଶତ୍ରୁଘନ ଲୋହାର,ଅଶୋକ ବେହେରା ,ବିଜେଡି ଯୁବନେତା ଗଣେଶ ମିଶ୍ର, ଶିବନାଥ ମାଝୀ, ଗୋବିନ୍ଦ ସରେନ,ବିଜେଡି ନେତା ଦୀପକ ମିଶ୍ର, ଅମିତ ଶର୍ମା, ମୁନ୍ନା ଖାଁ, ତୁଶୀଲ ହେମ୍ବ୍ରମ, ଡୁକା ପୂର୍ତି, ଟିଲୁ ପୂର୍ତି, ସୋନାରୀ ପୂର୍ତି, ଜମ୍ୱାମଣୀ ପୂର୍ତୀ, ବାଲକା ସରେନ, ଛୋଟରାୟ ସରେନ, ବିନ୍ଦୁ ସରେନ ପ୍ରମୁଖ ଉପସ୍ଥିତ ଥିଲେ।

# ଖରାପ ପରୀକ୍ଷା ଫଳ ଆଶଙ୍କାରେ ଛାତ୍ରଙ୍କ ଆତ୍ମହତ୍ୟା: କୁରୁଣିଆ ଅଞ୍ଚଳରେ ଶୋକର ଛାୟା

ବାଲେଶ୍ୱର,୧୨।୮ (ନି.ପ୍ର): ଯୁକ୍ତଦୁଇ ବିଜ୍ଞାନ ଫଳ ପ୍ରକାଶ ପାଇବାର କେଇଘଣ୍ଟା ପୂର୍ବରୁ ଚଳିତ ବର୍ଷ ପରୀକ୍ଷା ଦେଇଥିବା ଜନୈକ ଛାତ୍ରଙ୍କର ଆଜି ଆତ୍ମହତ୍ୟା କରିବା ଘଟଣା ପରିବାର ଓ ସାଙ୍ଗସାଥୀଙ୍କ ସମେତ କୁରୁଣିଆ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଆତ୍ମହତ୍ୟା କରିଥିବା ଛାତ୍ର ଜଣକ ହେଲେ ବାହାନଗା ବ୍ଲକ ଅନ୍ତର୍ଗତ କୁରୁଣିଆ ପଞ୍ଚାୟତର ମାଗୁରା ନରସିଂହପଦା ଅଞ୍ଚଳର ଶିକ୍ଷକ ମନୋରଂଜନ ନାୟକଙ୍କ ପୁତ୍ର ତରୁଣ ଜ୍ୟୋତି ନାୟକ। ସେ ଗୋପାଳପୁର ଜୁନିୟର ବିଜ୍ଞାନ କଲେଜରେ ପଢ଼ିବା ସହ ଚଳିତ ବର୍ଷ ଯୁକ୍ତଦୁଇ ପରୀକ୍ଷା ଦେଇଥିଲେ। ଶିକ୍ଷକତା କରୁଥିବା ଉଭୟ ବାପାମାଆ ଆଜି ସକାଳେ ଘରେ ନଥିବା ବେଳେ ଶୋଇବା ଘର ସିଲଂଫ୍ୟାନରେ ଗାମୁଛା ଲଗାଇ ତରୁଣ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତେବେ ତରୁଣ ଫାଶୀରେ ଝୁଲୁଥିବା ନେଇ ଜେଜେବାପା ଝରକାରେ ଦେଖି ପଡ଼ୋଶୀଙ୍କ ଦ୍ୱାରା ତାଙ୍କୁ ଉଦ୍ଧାର କରିବା ସହ ସଙ୍ଗେ ସଙ୍ଗେ ଗୋପାଳପୁର ଡାକ୍ତରଖାନା ନେଇଯାଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର ୨/୩ଘଣ୍ଟା ପରେ ପରୀକ୍ଷା ଫଳ ବାହାରିଥିବା ବେଳେ ତରୁଣ ୩୫୯ ନଂ ରଖି ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ମାତ୍ର ୧ ନମ୍ବର ପାଇଁ ସେ ପ୍ରଥମ ଶ୍ରେଣୀରେ ଯାଇପାରି ନଥିଲେ। ପରୀକ୍ଷା ଫଳକୁ ନେଇ ସନ୍ଦିହାନ ଥିବା ତରୁଣ ଖରାପ ରେଜାଲ୍ଟ ଆଶଙ୍କାରେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ତାଙ୍କର ସାଙ୍ଗସାଥୀ ପ୍ରକାଶ କରିଛନ୍ତି। ତେବେ ତାଙ୍କର ଏହି ଅକାଳ ବିୟୋଗରେ କୁରୁଣିଆ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ବ୍ୟଚ୍ଛେଦ ପରେ ମୃତଶରୀରକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# 'ଓଡ଼ିଶା ମୋ ପରିବାର'ପକ୍ଷରୁ ରକ୍ତଦାନ ଶିବିର



ବାଲେଶ୍ୱର,୧୨।୮ (ନି.ପ୍ର): ଓଡ଼ିଶା ମୋ ପରିବାର ତଥା ଜୀବନ ବିନ୍ଦୁ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜି ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ଅଭିଯାନର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ମହାମାରୀ କରୋନା ଭଳି ସ୍ଥିତିରେ ସାମାଜିକ ଦୂରତା ରକ୍ଷା ସହ ଏଭଳି ଶିବିର ଆୟୋଜ ବେଶ୍ ଦୁଃସାହସିକ ପଦକ୍ଷେପ ବୋଲି ସେ କହିଥିଲେ। ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ସାମାଜିକ ଦୂରତାକୁ ବିଶେଷ ଗୁରୁତ୍ୱ ଦେବା ପାଇଁ ଶ୍ରୀ ଜେନା ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଶା ମୋ ପରିବାରର ଜିଲ୍ଲା ସଂଯୋଜକ ମହମ୍ମଦ ସାହିରୁଲ ହକ୍‌ଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ବରିଷ୍ଠ ଆଇନଜୀବୀ, ଶୈଳିନ୍ଦ୍ର ସିଂହ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଡାକ୍ତର ମହେଶ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ଚନ୍ଦନେଶ୍ୱର ବେହେରା, ସୌମ୍ୟ ସ, ଗଣେଶ ସାହୁ, ଉମାକାନ୍ତ ଘଡ଼ିଆ, ଟିଟୁ ପରିଡ଼ା, ଭିକି ଭେଗାଦ୍, ଭାସ୍କର ଦାସ, ବନମାଳି ବେହେରା, ସଚ୍ଚୀନ୍ଦ୍ର ଦାସ, ରବୀନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଜିଲ୍ଲା ରକ୍ତଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ଶିବିର ଶେଷ ସୁଦ୍ଧା ୧୫୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## ଅଗଷ୍ଟ ୧୫ରେ ୪ ଜିଲ୍ଲା ଓ ରାଉରକେଲା ସହରରେ ସଟ୍‌ଡାଉନ୍ ସାମାନ୍ୟ କୋହଳ ହେବ

ଭୁବନେଶ୍ୱର,୧୨।୮ (ନି.ପ୍ର): ସ୍ୱାଧୀନତା ଦିବସ ଅବସରରେ ଆଗାମୀ ଅଗଷ୍ଟ ୧୫ ତାରିଖ ଦିନ ଗଂଜାମ, ଗଜପତି, କଟକ, ଖୋର୍ଦ୍ଧା ଜିଲ୍ଲା ଓ ରାଉରକେଲା ସହରରେ ସଟ୍‌ଡାଉନ୍ କଟକଣା ସାମାନ୍ୟ କୋହଳ କରା ଯିବ। ସ୍ୱତନ୍ତ୍ର ରିଲିଫ କମିସନରଙ୍କ ତରଫରୁ ଏ ସମ୍ପର୍କରେ ବିଧିବଦ୍ଧ ବିଜ୍ଞପ୍ତି ଜାରି କରି ଏହି ସୂଚନା ଦିଆଯାଇଛି। ବିଜ୍ଞପ୍ତିରେ କୁହାଯାଇଛି ଯେ ଅଗଷ୍ଟ ୧୫ ତାରିଖ ଦିନ ୧୧ ଟା ଯାଏଁ ଏହି ୪ଟି ଜିଲ୍ଲା ଓ ରାଉରକେଲାବାସୀ ନିଜ ଅଂଚଳରେ ଜାତୀୟ ପତାକା ଉତୋଳନ କରିପାରିବେ। ହେଲେ ପତାକା ଉତୋଳନ ସମୟରେ କୋଭିଡ କଟକଣାକୁ ମାନିବାକୁ ପଡ଼ିବ।

# ପୁଣି ୫୦ ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ସଂଖ୍ୟା ୧୧୧୮

## ଜିଲ୍ଲାପାଳଙ୍କ କୋଭିଡ଼ କେୟାର ସେଣ୍ଟର ପରିଦର୍ଶନ





ଭଦ୍ରକ,୧୨।୮ (ନି.ପ୍ର): ଗତକାଲି ଜିଲ୍ଲାର କରୋନା ଆକ୍ରାନ୍ତ ଏକ ହଜାର ପାର ହୋଇଥିବା ବେଳେ ଆଜି ଆଉ ନୂଆ ୫୦ ଆକ୍ରାନ୍ତ ଚିହ୍ନଟ ପରେ ଏହି ସଂଖ୍ୟା ୧୧୧୮ରେ ପହଞ୍ଚିଛି। ଜିଲ୍ଲାରୁ ବହୁ ମାତ୍ରାରେ ସ୍ୱାବ ପରୀକ୍ଷା ଜାରି ରହିଥିବା ବେଳେ ଅଧିକରୁ ଅଧିକ ସଂଖ୍ୟାରେ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି ବୋଲି ଜିଲ୍ଲାପାଳ ଡ. ଜ୍ଞାନ ଦାସ କହିଛନ୍ତି। ଭଦ୍ରକର ମୁଖ୍ୟ ସହର ବ୍ୟତୀତ ଏବେ ଗ୍ରାମାଞ୍ଚଳରେ ସ୍ୱାବ ପରୀକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଇ ସ୍ୱାବ ସଂଗ୍ରହ କରାଯାଉଛି ବୋଲି ଜିଲ୍ଲାପାଳ ଗଣମାଧମକୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କରୋନାର ଦୃତ ସଂକ୍ରମଣ ଯୋଗୁ ସାନିଟାଇଜେନ ଏବଂ ସ୍ୱାବ ସଂଗ୍ରହକୁ ଗୁରୁତ୍ୱ ଦିଆଯାଇ ଆସନ୍ତାକାଲି ୧୩ ତାରିଖଠାରୁ ଭଦ୍ରକ ସହର ସହିତ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲକ୍‌ଡାଉନ କଟକଣାରେ ପରିବର୍ତ୍ତନ କରାଯାଇଛି। ୧୩ ତାରିଖରୁ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଭଦ୍ରକ ପୌରପାଳିକା, ରାନ୍ଦିଆ ବଜାର, ସାମରାଇପୁର, ଚରମ୍ପା ଧଳସାହିର ଦୋକାନ ବଜାର ସୋମବାରରୁ ଶୁକ୍ରବାର ପ୍ରତ୍ୟହ ଦିନ ୨ଟା ପର୍ଯ୍ୟନ୍ତ ଖୋଲା ରହିବ। ଅପରାହ୍ନ ୩ଟା ଠାରୁ ପରଦିନ ସକାଳ ୫ଟା ପର୍ଯ୍ୟନ୍ତ ସଟ୍‌ଡାଉନ ସହିତ ସପ୍ତାହାନ୍ତ ସଟ୍‌ଡାଉନ ଶନିବାର ଓ ରବିବାର ବଳବତ୍ତର ରହିବ। କରୋନା ଆକ୍ରାନ୍ତଙ୍କୁ ନେଇ ଆଜି ଦିଆଯାଇଥିବା ସୂଚନା ଅନୁଯାୟୀ ମୋଟ ୨୫ ହଜାର ୨୨୭ଜଣଙ୍କ ସ୍ୱାବ ପରୀକ୍ଷା ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧ଶହ ଟପିଛି। ଯେଉଁ ୫୦ ଆକ୍ରାନ୍ତ ନୂଆ ଚିହ୍ନଟ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ୩ଜଣ କ୍ୱାରେଣ୍ଟାଇନ କେନ୍ଦ୍ରରୁ ହୋଇଥିବା ବେଳେ ୪୭ଜଣ ଲୋକାଲ କଣ୍ଟାକ୍ଟ। ୧୧୧୮ ଆକ୍ରାନ୍ତଙ୍କ ମଧ୍ୟରୁ ୭୭୩ଜଣ ସୁସ୍ଥ ହୋଇସାରିଛନ୍ତି। ଏବେ ଆଉ ୩୪୧ଜଣ ଆକ୍ଟିଭ ଆକ୍ରାନ୍ତ ଚିକିତ୍ସାଧିନ ଅଛନ୍ତି। ୫୦ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଗ୍ରାମାଞ୍ଚଳରୁ ୨୯ଜଣ ଚିହ୍ନଟ ହୋଇଥିବା ବେଳେ ସହରାଞ୍ଚଳରୁ ୨୧ଜଣ ଚିହ୍ନଟ ହୋଇଛନ୍ତି। ସେଥି ମଧ୍ୟରୁ ବାସୁଦେବପୁର ବ୍ଲକରୁ ୨ଜଣ, ଭଦ୍ରକ ବ୍ଲକରୁ ୧୪, ଭଣ୍ଡାରିପୋଖରୀ ୨, ବନ୍ତ ୩, ଧାମନଗର ୩ ଏବଂ ତିହିଡିରୁ ୫ଜଣ, ସହରାଞ୍ଚଳ ଭାବେ ଭଦ୍ରକ ପୌରପାଳିକାରୁ ୧୩, ବାସୁଦେବପୁର ପୌରପାଳିକାରୁ ୨ ଏବଂ ଚାନ୍ଦବାଲି ଏନ୍‌ଏସିରୁ ୬ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନେ ଭଦ୍ରକ ବ୍ଲକର ଫୁଲଗଡିଆ, ବରପଦା, ବନ୍ଧଗାଁ, କୋଡବରୁଁଆ, ପଲ୍ଲୀ, ବେଲଦା, ଭଗବାନପୁର, ପିପି ରାଇସ୍ ମିଲ୍, ସାବରଙ୍ଗ, ବାସୁଦେବପୁର ବ୍ଲକର ଝୁଲିଆ ହାଇସ୍କୁଲ ଟିଏମ୍‌ସି, କରଞ୍ଜଗଡି, ବାସୁଦେବପୁର ପୌରପାଳିକା, ଚାନ୍ଦବାଲି ଏନ୍‌ଏସି, ପାଞ୍ଚପଡା, ଭଦ୍ରକ ପୌରପାଳିକାର ୧୭ନଂ ୱାର୍ଡ ସାଳନ୍ଦୀ କଲୋନୀ, ୧ନଂ ୱାର୍ଡ ବରାଳପୋଖରୀ, ୯ନଂ ୱାର୍ଡ ମଣିସାହି, ୧୦ ନଂ ୱାଡ ଜଗନ୍ନାଥପୁର, ୭ନଂ ୱାର୍ଡ ଗବସାହି, ୨୯ ନଂ ୱାର୍ଡର ପୁରୁଣାବଜାର, ୧୫ ନଂ ୱାର୍ଡ କଦମବେଢା ପୁଲିସ କଲୋନୀ, ୨ନଂ ୱାର୍ଡ ବରାଳପୋଖରୀ, ୧୩ନଂ ୱାର୍ଡ ଅପର୍ତ୍ତିବିନ୍ଧା, ଭଣ୍ଡାରିପୋଖରୀ ବ୍ଲକର ମଞ୍ଜୁରୀରୋଡ, ବାରିକପୁର, ବନ୍ତ ବ୍ଲକର କନ୍ତିଆ, ବଡମହିଷିଗୋଠ, ଧାମନଗର ବ୍ଲକ ଚୁଡାକୁଟି, ଗୌରୀବିଶିନୂଆପଡା, ହସନାବାଦ, ତିହିଡି ବ୍ଲକ କାଞ୍ଚନପୁର ପ୍ରଭୃତି ଗ୍ରାମ ଓ ୱାର୍ଡ ଅଞ୍ଚଳର ବୋଲି ସୂଚନା ଦିଆ ଯାଇଛି। ଆଜି ଜିଲ୍ଲାପାଳ ଡ. ଦାସ ତିହିଡି ବ୍ଲକର ପାଳିଆବିନ୍ଧା ସ୍ୱାବ ସଂଗ୍ରହ କେନ୍ଦ୍ର ପରିଦର୍ଶନ କରିଥିଲେ। ତାଙ୍କ ସହିତ ତିହିଡି ବ୍ଲକ ଅଧକ୍ଷା ବିଦ୍ୟୁତଲତା ନାୟକ, ପାଳିଆବିନ୍ଧା ସରପଞ୍ଚ ଥିଲେ। ସେହିପରି ତିହିଡି ବ୍ଲକର କୋଭିଡ଼ କେୟାର ସେଣ୍ଟର ମଧ ପରିଦର୍ଶନ କରିଥିଲେ। ତାଙ୍କ ସହ ତିହିଡି ବିଡିଓ, ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ। ଅପରାହ୍ନରେ ଜିଲ୍ଲାପାଳ ଧାମନଗର ଯାଇ ସେଠାରେ କୋବିଡ କେୟାର ସେଣ୍ଟର ପରିଦର୍ଶନ କରିଥିଲେ। ତାଙ୍କ ସହିତ ସ୍ଥାନୀୟ ବିଡିଓ, ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ କୋବିଡ କେୟାର ସେଣ୍ଟରର ବିଭିନ୍ନ ଆନୁସଂଗିକ ବ୍ୟବସ୍ଥା ସଂପର୍କରେ ପଚାରି ବୁଝିଥିଲେ।

# ପୋଲିସର ଦମନ ଓ ଅତ୍ୟାଚାରକୁ ସିପିଆଇର ନିନ୍ଦା

ଭୁବନେଶ୍ୱର,୧୨।୮ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଗତକାଲି ଏକ ପ୍ରତିନିଧି ଦଳ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ଓ ଜାତୀୟ ପରିଷଦ ସଭ୍ୟ ଅଭୟ ସାହୁଙ୍କ ନେତୃତ୍ୱରେ ପୁରୀ ଜିଲ୍ଲାର ଗୋପ ଥାନା ଅନ୍ତର୍ଗତ ରେଢୁଆ ଗ୍ରାମରେ ପୋଲିସର ଦମନ, ମହିଳାମାନଙ୍କ ଉପରେ ନିର୍ମମ ଅତ୍ୟାଚାର ଓ ଅନ୍ୟାୟ ଗିରଫ ସମ୍ପର୍କରେ ଅନୁଧାନ କରି ଫେରିଆସିଛନ୍ତି। ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି ଯେ, ଗୋଟିଏ ବାଛୁରୀ କୁଣ୍ଡା ଖାଇଯିବା ଏକ ସାମାନ୍ୟ ଘଟଣାକୁ କେନ୍ଦ୍ର କରି ଗ୍ରାମରେ ଦ୍ୱନ୍ଦ୍ୱର ସମାଧାନ ପରିବର୍ତେ ଗୋପ ପୋଲିସର ମାତ୍ରାଧିକ କାର୍ଯ୍ୟ ଉକ୍ତ ଗ୍ରାମରେ ଦେଖିବାକୁ ମିଳିଛି। ଗୋପ ପୋଲିସ ଗତ ଅଗଷ୍ଟ ୭ ତାରିଖ ରାତି ୨ଟା ସମୟରେ ଗ୍ରାମରେ ପଶି ଗ୍ରାମର ୪ଜଣ ଲୋକଙ୍କୁ ଗିରଫ କରିବା ଫଳରେ ଲୋକେ ପ୍ରତିବାଦ କରିଥିଲେ ଓ ଗ୍ରାମ ରାସ୍ତା ମଧ ଅବରୋଧ କରିଥିଲେ। ଉକ୍ତଦିନ ନିମାପଡ଼ା ଡିଏସପି ଘଟଣାସ୍ଥଳରେ ପହଂଚି ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଲାପରେ ଲୋକେ ରାସ୍ତା ଅବରୋଧରୁ ହଟିଥିଲେ। ମାତ୍ର ଅଗଷ୍ଟ ୯ ତାରିଖ ରାତ୍ରି ୨ଟା ସମୟରେ ଶତାଧିକ ପୋଲିସ ଉକ୍ତ ଗ୍ରାମରେ ପ୍ରବେଶ କରି ଶାନ୍ତିରେ ଶୋଇଥିବା ଲୋକଙ୍କ କବାଟ ଭାଙ୍ଗି ବୃଦ୍ଧ, ବୃଦ୍ଧା, ମହିଳା ଓ ଶିଶୁମାନଙ୍କୁ ଲାଠି ପ୍ରହାର କରି ଅନ୍ୟାୟ ଭାବରେ ୧୯ଜଣ ମହିଳାଙ୍କ ସମେତ ୩୦ଜଣଙ୍କୁ ଗିରଫ କରିନେଇଛନ୍ତି। ବୃଦ୍ଧା ଓ ମହିଳାମାନଙ୍କୁ ପୁରୁଷ ପୋଲିସ ନିର୍ମମ ଭାବରେ ଲାଠି ପ୍ରହାର କରିଥିବା ଘଟଣା ଦେଖିବାକୁ ମିଳିଥିଲା। ବହୁ ବୃଦ୍ଧାଙ୍କର ପିଠି ଫାଟିଯାଇଥିବା ମଧ ସେମାନେ ଦେଖାଇଥିଲେ। ଅନେକ ଲୋକଙ୍କ ଘର କବାଟ ଭାଙ୍ଗିଦେଇଥିବା ଦେଖିବାକୁ ମଧ ମିଳିଥିଲା। ବର୍ତମାନ ପୋଲିସର ଦମନ ବିରୁଦ୍ଧରେ ଉକ୍ତ ଗ୍ରାମ ପୁରୁଷଶୂନ୍ୟ ହୋଇଯାଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo